

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୩୦ ଜାନୁଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 30 JANUARY 2026
Vol.No. 36 ■ No.28 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ମହିଳାଙ୍କ ପାଇଁ ୨ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଘୋଷଣା କଲେ ନୀତୀଶ

ନୂଆଦିଲ୍ଲୀ,୨୯/୧ : ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଗୁରୁବାର ରାଜ୍ୟର ମହିଳାମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର' ଯୋଜନା ଅଧୀନରେ ରାଜ୍ୟର ମହିଳା ହିତାଧିକାରୀମାନଙ୍କୁ ଅତିରିକ୍ତ ୨ ଲକ୍ଷ ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରିବାପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ନୀତୀଶ କହିଛନ୍ତି। ଏକ ସୋସିଆଲ ମିଡିଆ ପୋଷ୍ଟ ?ରେ ନୀତୀଶ କହିଛନ୍ତି, ପର୍ଯ୍ୟାୟକ୍ରମେ ସରକାର ପ୍ରଥମେ ନିର୍ଦ୍ଦିଷ୍ଟ ହିତାଧିକାରୀଙ୍କୁ ଚୟନ କରିବେ। ପୂର୍ବରୁ ପ୍ରଦାନ କରାଯାଇଥିବା ଟଙ୍କାକୁ ନିଯୁକ୍ତି ଉଦ୍ଦେଶ୍ୟରେ ଠିକ୍ ଭାବେ ବ୍ୟବହାର କରାଯାଇଛି ବୋଲି ଜାଣିବାପରେ ଅତିରିକ୍ତ ସହାୟତା ପ୍ରଦାନ କରାଯିବ। ନୀତୀଶ କହିଛନ୍ତି, ଯୋଜନାର ପ୍ରଥମ ପର୍ଯ୍ୟାୟରେ ପ୍ରତି ପରିବାରର ଜଣେ ମହିଳାଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଏଯାବତ୍ ୧ କୋଟି ୫୬ ଲକ୍ଷ ହିତାଧିକାରୀଙ୍କ ଆକାଉଣ୍ଟକୁ ଡିବିଟି ଦ୍ୱାରା ଏହି ଟଙ୍କା ପଠାଯାଇଛି। ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ଥିବା ବାକି ଆବେଦନକାରୀଙ୍କ ଆକାଉଣ୍ଟକୁ ଖୁବ୍‌ଶୀଘ୍ର ଟଙ୍କା ପଠାଯିବ। ନୀତୀଶ କହିଛନ୍ତି, ମହିଳା ଉଦ୍ୟୋଗ ଆରମ୍ଭ କରିବାର ୬ ମାସ ପରେ ସମୀକ୍ଷା କରାଯାଇ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ପାଣ୍ଠି ପ୍ରଦାନ କରାଯିବା ନେଇ ଏହି ଯୋଜନାରେ ବ୍ୟବସ୍ଥା ରହିଛି। କେବଳ ନିର୍ଦ୍ଦିଷ୍ଟ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ଏହି ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ୟୁଜିସିର ନୂଆ ନିୟମ ଉପରେ ସର୍ବୋଚ୍ଚ ଅଦାଲତଙ୍କ ସ୍ଥଗିତାଦେଶ

ନୂଆଦିଲ୍ଲୀ,୨୯/୧ : ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ- ୟୁଜିସିର ନୂଆ ନିୟମ ଉପରେ ସ୍ଥଗିତାଦେଶ ଜାରି କଲେ ସୁପ୍ରିମକୋର୍ଟ । କହିଛନ୍ତି, ଉଚ୍ଚ ଶିକ୍ଷାନୁଷ୍ଠାନରେ ପ୍ରମୋସନ୍ ଅଫ୍ ଇକ୍ୟୁଟି ରେଗୁଲେସନ୍ସ - ୨୦୨୬ରେ ସ୍ପଷ୍ଟତା ନାହିଁ । ଏହାର ଦୁରୁପଯୋଗ କରାଯିବାର ଆଶଙ୍କା ରହିଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ହେବ । ୟୁଜିସିର ନୂଆ ନିୟମକୁ ଚାରିଆଡୁ ବିରୋଧ କରାଯାଇଥିଲା। ଗତ ଜାନୁଆରି ୧୩ରେ ୟୁଜିସିର ବିଜ୍ଞପ୍ତି ପ୍ରକାଶ ପରେ ନୂଆ ନିୟମରେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଜାତିଗତ ବିଭେଦ ବଢ଼ିବା ଆଶଙ୍କା କରି ଛାତ୍ରଛାତ୍ରୀ ଓ ଅଧ୍ୟାପକ ରାସ୍ତାକୁ ଓହ୍ଲାଇଥିଲେ। ସୁପ୍ରିମକୋର୍ଟରେ ମାମଲା ରୁଜୁ



ହୋଇଥିଲା । ସର୍ବୋଚ୍ଚ ଅଦାଲତ ଆଜି ମଧ୍ୟବର୍ତ୍ତୀ ରାୟ ଦେଇ ନିୟମ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ ୟୁଜିସି ନୂଆ ନିୟମରେ ଜାତିଗତ ଭାଦଭାବର ପରିଭାଷା ରହିଛି ଓ କିଛି ବର୍ଗଙ୍କୁ ସୁରକ୍ଷାରୁ ବାଦ ପଡ଼ିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ମାମଲାର ଶୁଣାଣି କରି ପ୍ରଶ୍ନ

### କେନ୍ଦ୍ର ଓ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗକୁ ନୋଟିସ

କରିଥିଲେ ଯେ, ଆମେ ଜାତିହୀନ ସମାଜ ଗଠନକୁ ଗୁରୁତ୍ୱ ଦେଉଥିବା ବେଳେ ପୁଣି ପଛକୁ ଫେରୁଛୁ କି ? ନୂଆ ନିୟମ ନେଇ କେନ୍ଦ୍ର ସରକାର ଓ ୟୁଜିସିକୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ଜବାବ ଦାଖଲ ପାଇଁ କୁହାଯାଇଛି। ମାର୍ଚ୍ଚ ୧୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସେ ପର୍ଯ୍ୟନ୍ତ ୨୦୧୨ର ନିୟମ ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଯବାନଙ୍କ ଗୁଳି ମାଡରେ ଦୁଇ ମାଓବାଦୀ ମୃତ

ବିଜାପୁର, ୨୯/୧ (ନି.ପ୍ର): ବିଜାପୁର ଜାରି ରହିଛି ଏନକାଉଣ୍ଟର । ଯବାନଙ୍କ ଗୁଳିରେ ଦୁଇ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ମାଓବାଦୀଙ୍କ ମୃତଦେହ ସହ ଘଟଣାସ୍ଥଳରୁ ଗୋଟିଏ ଏକେ - ୪୭ ରାଇଫଲ୍ , ଗୋଟିଏ ୯ ଏମଏମ ପିସ୍ତଲ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଏବଂ ଗୁଳିଗୋଳା ମଧ ଉଦ୍ଧାର କରାଯାଇଛି । ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅଭିଯାନ ଜାରି ରହିଛି । ବିଜାପୁର ଜିଲ୍ଲାର ଦକ୍ଷିଣ ଅଞ୍ଚଳରେ ସଶସ୍ତ୍ର ମାଓବାଦୀଙ୍କ ଉପସ୍ଥିତି ବିଷୟରେ ସୂଚନା ଆଧାରରେ ଏକ ସନ୍ଧାନ ଅଭିଯାନ ଆରମ୍ଭ କରାଯାଇଥିଲା । ସକାଳ



୭ଟାରୁ ଡିଆରଜି ଏବଂ ମାଓବାଦୀଙ୍କ ମଧ୍ୟରେ କ୍ଷଣିକ ଏନକାଉଣ୍ଟର ଜାରି ରହିଛି । ଏ ପର୍ଯ୍ୟନ୍ତ ସନ୍ଧାନ ସମୟରେ ଏନକାଉଣ୍ଟର ସ୍ଥଳରୁ ଦୁଇ ଜଣ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି । ଅପରେସନ୍ ଏବେ ବି ଜାରି ରହିଥିବାରୁ ସୈନିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏନକାଉଣ୍ଟରର ସ୍ଥାନ, ଅପରେସନର ସାମିଲ ସୁରକ୍ଷା ବାହିନୀଙ୍କ ସଂଖ୍ୟା ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ସୂଚନା ବର୍ତ୍ତମାନ ସେୟାର କରାଯାଇପାରିବ ନାହିଁ ।

## ମୃତଶରୀର ନେବା ପାଇଁ ଆରମ୍ଭ ହେବ ୧୦୯ ନମ୍ବର ବିଶିଷ୍ଟ ଗାଡ଼ି

ଭୁବନେଶ୍ୱର, ୨୯/୧ (ନି.ପ୍ର): ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଂ ଗୁରୁବାର ଦିନ ଗଜପତି ଜିଲ୍ଲାକୁ ଦିନିକିଆ ଗସ୍ତ କରିଛନ୍ତି। ଏହି ଅବସରରେ ସେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସମ୍ପର୍କରେ ସମୀକ୍ଷା କରି ସନ୍ତୋଷ ବ୍ୟକ୍ତ କରିବା ସହ ଏନେଇ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଆହୁରି ଅଧିକ ତତ୍ପର ହେବାକୁ ପରାମର୍ଶ ଦେଇଛନ୍ତି। ଆଗାମୀ ଦିନରେ ଏହାର ପୂରଣ ପାଇଁ ବ୍ୟବସ୍ଥା କରାଯିବ। ଏଥିପାଇଁ ସରକାର ନୂତନ ଭାବେ ସବୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୫ରୁ ୬ ଜଣ ପିଜି ଡିପ୍ଲୋମା ଡାକ୍ତରୀ ଛାତ୍ରଛାତ୍ରୀ ଙ୍କୁ ନିୟୋଜିତ କରିବାକୁ ଯୋଜନା କରୁଛନ୍ତି। ଫଳରେ ପିଏଚସି ଓ ସିଏଚସି ସ୍ତରରେ ସ୍ପେସିଆଲିଷ୍ଟ ଡାକ୍ତରଙ୍କ ଅଭାବ ଦୂର ହୋଇ ପାରିବ। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରୟାଣ ପରିବର୍ତ୍ତେ ଖୁବ୍ ଶୀଘ୍ର ଆଗାମୀ ଦୁଇ ମାସ ମଧ୍ୟରେ ମୃତଶରୀର ନେବା ପାଇଁ ୧୦୯ ଗାଡ଼ିର ବ୍ୟବସ୍ଥା କରାଯିବ।

## ଭିଜିଲାନ୍ସ ଜାଲରେ କଟକ ବଡ଼ ଡାକ୍ତରଖାନାର ଡାକ୍ତର

କଟକ, ୨୯/୧ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ହେପାଟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ସନାତନ ବେହେରା। ସେ ତାଙ୍କ ସ୍କୁଟରରେ ୨ ଲକ୍ଷ ୬୩ ହଜାର ଟଙ୍କା ନେଇ ଯାଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଧରିଥିଲା।



ହେପାଟୋଲୋଜି ବିଭାଗକୁ ବିଭିନ୍ନ ମେଡିକାଲ ସାମଗ୍ରୀ ଯୋଗାଣ ପାଇଁ ବିଡରଙ୍କଠାରୁ ସେ ଏହି ଅର୍ଥ ଲାଞ୍ଚ ଆକାରରେ ନେଇଥିବା ଅଭିଯୋଗ ହୋଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ହେପାଟୋଲୋଜି ବିଭାଗକୁ ମେଡିକାଲ ଉପକରଣ ଯୋଗାଣ ପାଇଁ ଅଂଶ ◆◆ପୃଷ୍ଠା ୭

## ବିଶ୍ୱ ବ୍ୟାଙ୍କ ଗ୍ରୁପ ସଭାପତିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୯/୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଦିନ ବିଶ୍ୱ ବ୍ୟାଙ୍କ ଗ୍ରୁପର ସଭାପତି ଅଜୟ ବାଙ୍ଗାଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି। ସ୍ଥାନୀୟ ଲୋକସେବା ଭବନରେ ଆୟୋଜିତ ଏହି ବୈଠକ ନେଇ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବିଶ୍ୱ ବ୍ୟାଙ୍କ ଗ୍ରୁପର ସଭାପତି ଅଜୟ ବାଙ୍ଗାଙ୍କ ମୋର ଏକ ଫଳପ୍ରଦ ବୈଠକ ହୋଇଥିଲା। ଆମେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ସୁଦୃଢ଼ କରିବା, ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଭିତ୍ତିଭୂମି ବୃଦ୍ଧି କରିବା, ସାମାଜିକ ଫଳାଫଳକୁ ଉନ୍ନତ



କରିବା ଏବଂ ଆମ ଯୁବପିଢ଼ିଙ୍କୁ ଚାକିରି ପାଇଁ ଦକ୍ଷତା ପ୍ରଦାନ କରିବା ବିଷୟରେ ଆଲୋଚନା କରିଥିଲୁ। ମୁଁ ଓଡ଼ିଶାର ପ୍ରମୁଖ ପଦକ୍ଷେପ ଏବଂ ସଂସ୍କାରଗୁଡ଼ିକୁ ଅଂଶୀଦାର କଲି ଯାହା ୨.୫ ଲକ୍ଷ କୋଟି ଟଙ୍କା ନିବେଶକୁ ଆକର୍ଷିତ କରିଛି, ବିଶେଷକରି ଯୁବପିଢ଼ି ଏବଂ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଶ୍ୱ ବ୍ୟାଙ୍କ ଦକ୍ଷତା ବିକାଶ ଏବଂ କେନ୍ଦ୍ରୀୟ ଉପକରଣ ରୁମ୍ ଏବଂ ତାଲିମ କେନ୍ଦ୍ର (ସିଟିଟିସ) ଭଳି ପଦକ୍ଷେପ ଉପରେ ଓଡ଼ିଶାର ଧ୍ୟାନକୁ ପ୍ରଶଂସା କରିଥିଲେ। ସେ ବୈଷୟିକ ସହାୟତା, ନୀତି ମାର୍ଗଦର୍ଶନ ଏବଂ ସହଭାଗୀତା ମାଧ୍ୟମରେ ସମର୍ଥନ ପୁନଃସ୍ଥାପନ କରିଥିଲେ। ସଂସ୍ଥାଗତ କ୍ଷମତା ଏବଂ ସରକାରୀ-ବେସରକାରୀ ◆◆ପୃଷ୍ଠା ୭

## ପଞ୍ଜାବରେ ପାକିସ୍ତାନ ପଟୁ ଆସୁଥିବା ବିପୁଳ ଅସ୍ତ୍ରଶସ୍ତ୍ର ଓ ହେରୋଇନ ଜବତ

ନୂଆଦିଲ୍ଲୀ,୨୯/୧ : ପଞ୍ଜାବର ଫାଜିଲ୍କାରେ ଆନ୍ତର୍ଜାତିକ ସୀମାରେ ବିପୁଳ ଅସ୍ତ୍ରଶସ୍ତ୍ର ଓ ହେରୋଇନ ଜବତ ହୋଇଛି । ପାକିସ୍ତାନ ପଟୁ ଏସବୁ ଭାରତ ଭିତରକୁ ପଠାଯାଉଥିଲା । ବିଓପି ଜି-ଜି-୩ ଅଞ୍ଚଳରେ ବଳମ୍ବିତ ରାତିରେ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣକାରୀ ପାକିସ୍ତାନ ପଟରୁ ଭାରତ ଭିତରକୁ ପଶିବାକୁ ଚେଷ୍ଟା କରୁଥିବାବେଳେ ବିଏସ୍‌ଏଫ୍ ସେମାନଙ୍କ ଉଦ୍ୟମକୁ ବିଫଳ କରିଦେଇଥିଲା । ବିଏସ୍‌ଏଫ୍ ପକ୍ଷରୁ ଚୋରା ଚାଲାକଣକାରୀଙ୍କ ଉପରକୁ ୬୦ ରାଉଣ୍ଡ ଗୁଳି ଚାଳନା କରାଯାଇଥିଲା । ଭୟରେ ଚୋରା ଚାଲାଣକାରୀ ଫେରି ଯାଇଥିଲେ । ଏହାପରେ ବିଏସ୍‌ଏଫ୍ ପକ୍ଷରୁ ପଞ୍ଜାବ ପୁଲିସ ସହିତ ମିଳିତ ଭାବେ ତଲାସି ଅଭିଯାନ କରାଯାଇଥିଲା । ତଲାସି ଅଭିଯାନ ବେଳେ ପାକିସ୍ତାନ ପଟୁ ପଠାଯାଇଥିବା ବିପୁଳ ଅସ୍ତ୍ରଶସ୍ତ୍ର ଓ ହେରୋଇନ ଜବତ ହୋଇଛି । ପଞ୍ଜାବର ଡିଜିପି ଗୌରବ ଯାଦବ 'ଏକ୍ସ'ରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି ।


ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ଗୋଲାପ ଚନ୍ଦ୍ର ସାହୁ
ପତୁଆଁପଦା, ଆଜିମାବାଦ, ବାଲେଶ୍ୱର
ଆବିର୍ଭାବ : ୦୩.୧୨.୧୯୪୬ | ତିରୋଧାନ : ୩୧.୦୧.୨୦୨୫
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ । ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ।।"
ଚାହୁଁ ଚାହୁଁ ଏକବର୍ଷ ବିତିଗଲାଣି । ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶ୍ରଦ୍ଧାଞ୍ଜଳି ସହ : ପତ୍ନୀ - ଦୁର୍ଗାଦେବୀ, ପୁତ୍ର-ଚନ୍ଦନ, ରଞ୍ଜନ, ବୋହୂ - ହେମା, ରୀତା, କନ୍ୟା-ମୀନା, ବୀଣାପାଣି, ଜ୍ୱାଇଁ-ରାଜେଶ, କ୍ରୀଷ୍ଣା, ନାତି-ନାତୁଣୀ - ଜ୍ୟୋତି, ରିଷି, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।


## ଅର୍ଥନୀତିକ ସର୍ଭେ ରିପୋର୍ଟ: ଭାରତର ଜିଡିପି ଅଭିବୃଦ୍ଧ ୬.୮ରୁ ୭.୨% ରହିବ

ନୂଆଦିଲ୍ଲୀ,୨୯/୧ : ଭାରତର ଅର୍ଥନୀତି ୬.୮%ରୁ ୭.୨% ଅଭିବୃଦ୍ଧି ହାରରେ ଦୌଡ଼ିବ। ୨୦୨୭ ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧାର ହାର ୬.୮ରୁ ୭.୨% ମଧ୍ୟରେ ରହିବ। ବିଶ୍ୱ ଅର୍ଥନୀତିକ ଦୁର୍ବଳ ଅବସ୍ଥାରେ ଥିଲେ ହେଁ ଭାରତର ଅଭିବୃଦ୍ଧି ଆଶାତୀତ ଭାବେ ଭଲ ରହିବ। ସେହିପରି ୨୦୨୬ରେ ଜିଡିପି ଅଭିବୃଦ୍ଧି ହାର ୭.୪% ରହିବ ବୋଲି ଆଜି ସଂସଦରେ ଉପସ୍ଥାପନ ହୋଇଥିବା ଅର୍ଥନୀତିକ ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି। ଆଜି ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୬ ଆର୍ଥିକ ବର୍ଷ ପାଇଁ ଅର୍ଥନୀତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏଥିରେ ଆକଳନ କରାଯାଇଛି ଯେ ଭାରତର ଜିଡିପି ଅଭିବୃଦ୍ଧି ଆର୍ଥିକ ବର୍ଷ ୨୦୨୭ରେ ୬.୮%ରୁ ୭.୨% ମଧ୍ୟରେ ରହିବ। ଏହା ୨୦୨୪-୨୦୨୫ ଅର୍ଥନୀତିକ ସର୍ଭେରେ ୨୦୨୬ ଆର୍ଥିକ ବର୍ଷ ପାଇଁ କରାଯାଇଥିବା ଅଭିବୃଦ୍ଧି ଆକଳନ ଠାରୁ ଅଧିକ। ୨୦୨୪-୨୫ ଅର୍ଥନୀତିକ ସର୍ଭେ ରିପୋର୍ଟରେ ୨୦୨୬ରେ ଅଭିବୃଦ୍ଧି ହାର ୬.୩%ରୁ ୬.୮% ରହିବ ବୋଲି କୁହାଯାଇଥିଲା। କିନ୍ତୁ ୨୦୨୭ ଆର୍ଥିକ ବର୍ଷରେ ଅଭିବୃଦ୍ଧି ହାର ପୂର୍ବବର୍ଷ ତୁଳନାରେ ଅଧିକ ରହିବ ବୋଲି ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି।

## ବାରାମତିରେ ଅଜିତ୍ ପାୱାରଙ୍କୁ ଅଶ୍ରୁଳ ବିଦାୟ: ପୁଅ ପାର୍ଥ ଦେଲେ ମୁଖାଗ୍ନି

ନୂଆଦିଲ୍ଲୀ,୨୯/୧ : ଦିବଂଗତ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କର ଅନ୍ତିମ ସଂସ୍କାର ଗୁରୁବାର ବାରାମତିରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ସମ୍ପନ୍ନ କରାଯାଇଛି । ପୁଅ ପାର୍ଥ ମୁଖାଗ୍ନି ଦେଇଥିଲେ । ପଞ୍ଚଭୂତରେ ବିଲୀନ ହୋଇଛି ଅଜିତ ପାୱାରଙ୍କ ପାର୍ଥିବ ଶରୀର । ଏହାସହିତ ଶେଷ ହୋଇଛି ମହାରାଷ୍ଟ୍ର ରାଜନୀତିର ଏକ ଯୁଗ । ନିଜର ପ୍ରିୟ ନେତାଙ୍କୁ ଶେଷ ବିଦାୟ ଦେବାକୁ ବାରାମତି ବିଦ୍ୟା ପ୍ରତିଷ୍ଠାନ ପଡ଼ିଆ ଲୋକାରଣ୍ୟ ପାଲଟିଥିଲା । ଅଜିତ ପାୱାରଙ୍କ ଦୁଇ ପୁଅ ଜୟ ଓ ପାର୍ଥ, ପତ୍ନୀ ତଥା ରାଜ୍ୟସଭା ସାଂସଦ



ସୁନେତ୍ରା ପାୱାର, ଏନ୍‌ସିପି-ଏସ୍‌ପି ନେତ୍ରୀ ତଥା ଅଜିତଙ୍କ ଦାଦା ଝିଅ ଭଉଣୀ ସୁପ୍ରିଆ ସୁଲେ ଉପସ୍ଥିତ ଥିଲେ । ଅନ୍ତ୍ୟେଷ୍ଟିରେ ଯୋଗ ଦେବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନ, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ପ୍ରମୁଖ ବାରାମତିରେ ପହଞ୍ଚି ଥିଲେ । ଗୁରୁବାର ପାୱାର ପରିବାର ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଦ୍ୟା ପ୍ରତିଷ୍ଠାନଠାରେ ଦଳୀୟ କର୍ମୀ, ନେତା, ସମର୍ଥକ ଓ ରାଜନେତାଙ୍କ ଭିଡ଼ ଲାଗି ରହିଥିଲା । 'ଅଜିତ ଦାଦା ଅମର ରହେ' ସ୍ଲୋଗାନରେ ବିଦ୍ୟା ପ୍ରତିଷ୍ଠାନ ପଡ଼ିଆ ଗୁଞ୍ଜି ଉଠିଥିଲା । ଗୁରୁବାର ସକାଳ ୯ଟା ପର୍ଯ୍ୟନ୍ତ ଶେଷ ଦର୍ଶନ ପାଇଁ ଅଜିତଙ୍କ ମୃତଦେହ ତାଙ୍କ କାଟେବାଡ଼ି ବାସଭବନରେ ରଖାଯାଇଥିଲା । ସକାଳ ୯ ଟା ୪୫ମିନିଟରେ ଶୋଭାଯାତ୍ରା ମଧ୍ୟରେ ମୃତଦେହକୁ ବିଦ୍ୟା ପ୍ରତିଷ୍ଠାନ ପଡ଼ିଆକୁ ନିଆଯାଇଥିଲା। ମହାରାଷ୍ଟ୍ରରେ ସର୍ବାଧିକ ସମୟ ◆◆ପୃଷ୍ଠା ୭

## ବୋମା ବିସ୍ଫୋରଣ ଘଟଣା: ଦ୍ୱିତୀୟ ଦିନରେ ଏନଆଇଏ ଟିମର ତଦନ୍ତ

ଭୁବନେଶ୍ୱର, ୨୯/୧ (ନି.ପ୍ର): ଭୁବନେଶ୍ୱର ସୁନ୍ଦରପଦାରେ ବୋମା ବିସ୍ଫୋରଣ ଘଟଣାରେ ଦ୍ୱିତୀୟ ଦିନରେ ଏନଆଇଏ ଟିମ ର ତଦନ୍ତ ଜାରି ରହିଛି। ଏନଆଇଏ ଟିମ୍ ଆହତ ମାନଙ୍କୁ ମେଡିକାଲ ରେ ପଚରାଉଚରା କରିଛି । ବିସ୍ଫୋରଣ ପଛର କାରଣ କୁ ନେଇ ତଦନ୍ତ କରୁଛି ଏନଆଇଏ। ସୂଚନାଯୋଗ୍ୟ ଯେ ଗତ ମଙ୍ଗଳବାର ସୁନ୍ଦରପଦାରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା ।ଘଟଣାରେ ୪ ଜଣ ଆହତ ହୋଇଛନ୍ତି। ଆହତ ମାନେ ଦୁଇଟି ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

# ଝୋଟି ମହୋତ୍ସବ ୨୦୨୬ ପାଳିତ




ବାଲେଶ୍ୱର, ୨୯/୧ (ନି.ପ୍ର): ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ପକ୍ଷରୁ ଏକ ବିଶାଳ ଝୋଟି ମହୋତ୍ସବ ବାଲେଶ୍ୱରର ପୋଲିସ ଲାଇନରୁ ଆଇ.ଟି.ଆଇ ଛକରେ ରାଜରାସ୍ତାରେ ପାଳିତ ହୋଇଯାଇଛି । ଏଥିରେ ଏକ ଶହରୁ ଉର୍ଦ୍ଧ୍ୱ ମହିଳା ଓ ଝିଅମାନେ ଅଂଶଗ୍ରହଣ କରିଥିଲେ । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ସୋରରୁ କୋଣ ଅନୁକୋଣରୁ ପ୍ରତିଯୋଗୀ ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇଟି ବିଭାଗ କରାଯାଇଥିଲା ଗୋଟିଏ କୌଳିକ ବା ପାରମ୍ପରିକ ଓ ଅନ୍ୟଟି ଆଧୁନିକ ଝୋଟି । ଏହାକୁ ସକାଳ ୮ ଘଟିକା ସମୟରେ ଉଦ୍‌ଘାଟନ କରାଯାଇଥିଲା । ଏହି ଉତ୍ସବରେ ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଜଗନ୍ନାଥଙ୍କ ଠାରେ ପୁଷ୍ପମାଲ୍ୟ ଦେଇ ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ । ସଭାପତି ଶ୍ରୀମତୀ ଅଞ୍ଜଳି ପଣ୍ଡା ସଭାପତିତ୍ୱ କରିଥିଲେ । ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ସାଧାରଣ ସମ୍ପାଦିକା ଝୋଟି ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଝୋଟି ପ୍ରଥା ଲୋପ ପାଇଯାଉଛି ବୋଲି ଦୁଃଖ ପ୍ରକାଶ କରିବା ସହିତ ଏହାକୁ ଉଦ୍‌ଜୀବିତ ରଖିବା ପାଇଁ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ । ସରକାରୀ ସ୍ତରରେ ପ୍ରୋତ୍ସାହିତ କରିବେ ବୋଲି ମୁଖ୍ୟ ବକ୍ତା ଶ୍ରୀ ସୁଧାକର ନାୟକ ପ୍ରତିଶ୍ରୁତି ଦେଇଥିଲେ । ଦିବା ୧୦.୩୦ ମିନିଟରେ ଉଦ୍‌ଯାପନୀ ଉତ୍ସବରେ ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଶ୍ରୀ ସୂରଜବଂଶୀ ମୟୂରବିକାଶ ଜିଲ୍ଲାପାଳ ବାଲେଶ୍ୱର ଓ ସମ୍ମାନିତ ଅତିଥି ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ଓ ଶ୍ରୀମତୀ ଅଞ୍ଜଳି ପଣ୍ଡା ସଭାପତି ସଭାପତିତ୍ୱ କରିଥିଲେ । ଏଥିରେ ପାରମ୍ପରିକ ଝୋଟିର ପ୍ରଥମ ସ୍ଥାନ ଅଧିକାର କରିଥିଲେ ସୁଚିସ୍ମିତା ବେହେରା, ୨ୟ ବନଶ୍ରୀ ଦେ ଓ ୩ୟ ସଂଘମିତ୍ରା ସାମଲ ତାଙ୍କ ଯଥା କ୍ରମେ ୨୦୦୦, ୧୫୦୦ ଓ ୧୦୦୦ ଟଙ୍କା ଅର୍ଥ ରାଶି ଦିଆଯାଇଥିଲା । ଆଧୁନିକରେ ୧ମ ଆମ୍ରପଲ୍ଲୀ ପ୍ରଧାନ, ୨ୟ କବିତା ଗିରି, ୩ୟ ପ୍ରଲିପ୍ତା ପରିଡ଼ା ଓ ୨୦ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସହଯୋଗ କରି ଉପସଭାନେତ୍ରୀ ଶ୍ରୀମତୀ ଗିରିଜା ମିଶ୍ର, ଶ୍ରୀମତୀ ସଂଘମିତ୍ରା ମହାନ୍ତି, ଗୋପମୁଦ୍ରା ମହାପାତ୍ର, ସସ୍ମିତା ମିଶ୍ର, ଜୟଶ୍ରୀ ସାହୁ, ଆଶ୍ରିତା ତରାଇ, ସୁନାମଣି ଜେନା, ରାଜଲକ୍ଷ୍ମୀ ଚାଟାର୍ଜୀ, ଶାନ୍ତି ବିଶି, ସୁକାନ୍ତି ଦେବ ଗସ୍ୱାମୀ, ଅମିତା ଚାନ୍ଦ ପ୍ରମୁଖ ସଫଳ କରିଥିଲେ ।

# ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ଝାରସୁଗୁଡ଼ା, ୨୯/୧ (ନି.ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ତୃତୀୟ ମହଲା ସଭାଗୃହଠାରେ 'ଜାତୀୟ ଶିଶୁ କନ୍ୟା ଦିବସ-୨୦୨୬' ପାଳିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସଟିକୁ 'ପ୍ରତ୍ୟେକ କନ୍ୟା ଶିଶୁର ସଶକ୍ତିକରଣ, ଏକ ସୁଦୃଢ଼ ଭାରତ ଗଠନ' ଆଭିମୁଖ୍ୟକୁ ନେଇ ଆୟୋଜନ କରାଯାଇଥିଲା । ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ହେଉଛି କନ୍ୟା ସନ୍ତାନମାନଙ୍କର ଶିକ୍ଷା, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ପାଇଁ କନ୍ୟା ସନ୍ତାନର କଲ୍ୟାଣ ନିମନ୍ତେ ସାମୂହିକ ସହଯୋଗର ଅପରିହାର୍ଯ୍ୟତା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ କନ୍ୟା ସନ୍ତାନମାନଙ୍କର ସାମ୍ବିଧାନିକ ଅଧିକାର ଏବଂ ସରକାରୀ ସୁବିଧା ସୁଯୋଗ ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ବିଶେଷ କରି କନ୍ୟା ଭ୍ରୂଣ ହତ୍ୟା ରୋକିବା ଏବଂ ପିସି-ଏଣ୍ଡ-ପିଏନଡିଟି ଆଇନର କଡ଼ାକଡ଼ି ଅନୁପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିଶୁ କନ୍ୟାମାନଙ୍କୁ ସମାନ ସୁଯୋଗ ପ୍ରଦାନ କଲେ ହିଁ ଦେଶର ପ୍ରକୃତ ପ୍ରଗତି ସମ୍ଭବ ବୋଲି ବକ୍ତାମାନେ ନିଜର ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଡିପିଏଚଓ (ଏଫ୍‌ଡବ୍ଲୁ) ଡକ୍ଟର ଦୁର୍ଜୟ କୁମାର ଦତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି, ଏବଂ ପିସି-ଏଣ୍ଡ-ପିଏନଡିଟି ଜିଲ୍ଲା ପରାମର୍ଶଦାତା କମିଟିର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିସହିତ ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱାସ୍ଥ୍ୟ ଅଧିକାରୀ, ଏଡିପିଏଚଏସଓ, ଡିପିଏମୟୁ ଓ ଏନ୍‌ଏଚ୍‌ଏମ୍ ର କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହିଥିଲେ । ଶେଷରେ ସମାଜରୁ ଲିଙ୍ଗଗତ ବୈଷମ୍ୟ ଦୂର କରି କନ୍ୟାମାନଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବାକୁ ସମସ୍ତେ ସମୂହ ଶପଥ ଗ୍ରହଣ କରିଥିଲେ ।

# ସମ୍ବଲପୁର ମଣ୍ଡଳରେ ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତା

ସମ୍ବଲପୁର, ୨୯/୧ (ନି.ପ୍ର): ପୂର୍ବତଟ ରେଳପଥ କ୍ରୀଡା ସଂଗଠନ ସମ୍ବଲପୁର ମଣ୍ଡଳ ଦ୍ୱାରା ଜାନୁଆରୀ ୨୬ ରୁ ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ରେଲୱେ ଷ୍ଟାଡିୟମରେ ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେଉଉଅଛି । ଏହି ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତାରେ କ୍ରିକେଟ, ଭଲିବଲ୍, ବ୍ୟାଡମିଂଟନ୍ ଏବଂ ଟେନିସ୍ ଭଳି ବିଭିନ୍ନ ଖେଳ ଖେଳାଯାଉଛି । ସମ୍ବଲପୁର ରେଳ ମଣ୍ଡଳର ସମସ୍ତ ବିଭାଗ ଏହି ଟୁର୍ଣ୍ଣାମେଂଟରେ ଅଂଶଗ୍ରହଣ କରିଛନ୍ତି । ଆନ୍ତଃ ବିଭାଗୀୟ କ୍ରୀଡା ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ, ସମ୍ବଲପୁରର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ ଏବଂ ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ, ସମ୍ବଲପୁରର ଅଧକ୍ଷା ବିନ୍ଦୁ ଚୌଧୁରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ ଚୌଧୁରୀ କହିଥିଲେ ଯେ କ୍ରୀଡାରେ ସକ୍ରିୟ ଅଂଶଗ୍ରହଣ କର୍ମଚାରୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ବୃଦ୍ଧି କରିବା ସହିତ ଶାରୀରିକ ସୁସ୍ଥତା ଏବଂ ମାନସିକ ସୁସ୍ଥତା ବଜାୟ ରଖିବାରେ ସାହାଯ୍ୟ କରିଥାଏ । ଉଦଘାଟନୀ କ୍ରିକେଟ ମ୍ୟାଚ୍ ମେକାନିକାଲ୍ ବନାମ ଅଫିସର ଦଳ ମଧ୍ୟରେ ଖେଳାଯାଇଥିଲା । ମେକାନିକାଲ୍ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ୱିକେଟ୍ ହରାଇ ୮୦ ରନ୍ କରିଥିଲା, ୮୧ ରନ୍ ର ଲକ୍ଷ୍ୟକୁ ପିଛା କରି ଅଫିସର ଦଳ ୯.୧ ଓଭରରେ ୩ ୱିକେଟ୍ ହରାଇ ୮୩ ରନ୍ କରିଥିଲା ଏବଂ ଅଫିସର ଦଳ ୭ ୱିକେଟ୍‌ରେ ମ୍ୟାଚ୍ ଜିତିଥିଲା । ଅଫିସର ଦଳର କୁମୁଦ ରଞ୍ଜନଙ୍କୁ ମ୍ୟାଚ୍ ର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା । ଏହି ଅବସରରେ, କ୍ରୀଡା ଅଧିକାରୀ ରିତେଶ ମେହେର, କ୍ରୀଡା ସଚିବ ଆଲୋକ ରଞ୍ଜନ ପଣ୍ଡା ଏବଂ ସମସ୍ତ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଦେଖିଥିଲେ ।

# ସିପିଆଇ(ଏମ) ନେତା ମହେଶ୍ୱର ଭୂୟାଁଙ୍କ ପରଲୋକ

ନୀଳଗିରି, ୨୯/୧ (ନି.ପ୍ର): ଭରତୀୟ କମ୍ୟୁନିଷ୍ଟ ପାର୍ଟୀ ମାର୍କ୍ସବାଦୀ ନେତା ମହେଶ୍ୱର ଭୂୟାଁଙ୍କର ୮୦ବର୍ଷ ବୟସରେ ପରଲୋକ ହୋଇଯାଇଛି । ମଙ୍ଗଳବାର ରାତିରେ ତାଙ୍କର ଛାତିରେ ଯନ୍ତ୍ରଣାହେବାରୁ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କର ମୃତ୍ୟୁ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁରେ ପୈତୃକଗ୍ରାମ ନରଣପୁର ସହିତ ଆଖପାଖ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି । ସେ ଜଣେ କୃଷକନେତା ଭାବେ ବେଶ୍ ପରିଚିତ ଥିଲେ । ତାଙ୍କର ଆବର୍ତ୍ତମାନରେ ଦଳର ବଡ କ୍ଷତି ହୋଇଥିବା ଦଳପକ୍ଷରୁ ସୂଚନା ଦିଆଯାଇଛି । ସି ପି ଆଇ (ଏମ) ଜିଲ୍ଲା ସମ୍ପାଦକମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ତାଙ୍କୁ ପାର୍ଟୀର ଧାରା ଅନୁଯାୟୀ ଲାଲପତାକା ଓ ପୁଷ୍ପମାଳା ପ୍ରଦାନ କରାଯାଇଛି । ତାଙ୍କ ମରଶରୀର କୁ ଗ୍ରାମ ପରିକ୍ରମାକରି ଗ୍ରାମ ଶ୍ମଶାନରେ ଦାହ କରାଯାଇଛି । ତାଙ୍କ ଶବଧାରରେ ଦଳର ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଜୋଗାନନ୍ଦ ଦାଶ, ମନୋରଞ୍ଜନ ସାହୁ, ଭାଗବାନ ମହାନ୍ତି, ଉମାକାନ୍ତ ଷଡଙ୍ଗୀ, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ସିଂ, ରାମଚନ୍ଦ୍ର ପଢ଼ିଆରୀ, ମୃତ୍ୟୁଞ୍ଜୟ ନାୟକ, ଅମରେନ୍ଦ୍ର ନାୟକ, ଙ୍କ ସମେତ ବହୁ ଗ୍ରାମବାସୀ ଶ୍ରଦ୍ଧାଂଜଳି ଜଣାଇବା ସହିତ ଉପସ୍ଥିତ ଥିଲେ ।

# ନୀଳଗିରି ମହିଳା ମହାବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ନୀଳଗିରି, ୨୯/୧ (ନି.ପ୍ର): ନୀଳଗିରି ମହିଳାମହାବିଦ୍ୟାଳୟର ୩୩ତମ ବାର୍ଷିକଉତ୍ସବ ବେଶ ଧୂମଧାମର ସହିତ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଇଂ ଦୀପ୍ତିକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଯୋଗଦେଇଥିଲେ ।ମୁଖ୍ୟବକ୍ତା ଭାବରେ ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଯୋଗଦେଇ ବର୍ତ୍ତମାନର ଛାତ୍ରୀମାନଙ୍କ ମଧ୍ୟରେ ନିଜକୁ ସ୍ୱାବଲମ୍ବୀ ହେବାସହ ସଂସ୍କାରି ହେବାକୁ ପରାମର୍ଶ ଦେଇଥିଲେ । ବରେଣ୍ୟ ଅତିଥିଭାବେ ନାରୀସଂଘର ସଭାପତି ଗୋପାମୁଦ୍ରା ମହାପାତ୍ର ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ମହାବିଦ୍ୟାଳୟର ପ୍ରତିଷ୍ଠାତା କୋଷାଧକ୍ଷ ସଦାଶିବ ରଥ, ଯୁକ୍ତତିନି ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡା, ଯୁକ୍ତଦୁଇ ମହାବିଦ୍ୟାଳୟର ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁ, ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ହେମନ୍ତ କୁମାର ବେହେରା,ଅଧ୍ୟାପିକା ମମତା ବରାଳ ପ୍ରମୁଖ ଯୋଗଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା କୃତି ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ଅଧ୍ୟାପକ ଡ. ହରିପଦ ଦାଶ ବେଦପାଠ କରିଥିବାବେଳେ ଶେଷରେ ଅଧ୍ୟାପକ ସଞ୍ଜୟ କୁମାର ପତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚପରିଚାଳନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗ୍ରାନ୍ଥାଗାରିକ ଭାସ୍କର ବିଶ୍ୱାଳ ସମ୍ପାଦନ କରିଥିଲେ । ଅଧ୍ୟାପିକା ମୌସୁମୀ ଭୋଳ , ସୁଷମା ସିଂହଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଶ୍ରୀଧରପୁରରେ ମାଗେ ପରବ ଅନୁଷ୍ଠିତ

ଚମ୍ପୁଆ, ୨୯/୧ (ନି.ପ୍ର): ଚମ୍ପୁଆ ବ୍ଲକ ଜାମୁଦଳକ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଧରପୁର ଗ୍ରାମ ମୁଣ୍ଡାସାହି ହୋ ସମାଜ ଆନୁକୂଲ୍ୟରେ ମାଗେ ପରବ ଅନୁଷ୍ଠିତ ହୋଇଯାଇଛି କ୍ଷ ଉକ୍ତ ମାଗେ ପରବରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଜେପି ଜନନେତା ଶ୍ରୀମନ୍ତ କୁମାର ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ନରୋତ୍ତମ ମହାନ୍ତ ଓ ଅନ୍ୟାନ୍ୟ ବିଜେପି କାର୍ଯ୍ୟକର୍ତା ଯୋଗ ଦେଇଥିଲେ ଓ ହୋ ସମାଜ ଦ୍ୱାରା ପ୍ରତ୍ୟେକ ବର୍ଷ ମାଘ ମାସରେ ଆଗମନରେ ଏହି ପର୍ବ ଚଳିତ ବର୍ଷ ମଧ ଧୁମଧାମରେ ପାଳିନ କରାଯାଇଥିଲା । ଉକ୍ତ ପରବ ଗ୍ରାମ ଦେହୁରୀ ସମସ୍ତ ରୀତିନୀତି ଅନୁସାରେ ପୂଜା କର୍ମ ସମାପନ କରିଥିଲେ । ଏହି ପୂଜା ଗ୍ରାମର ଶୁଭ ମନାସି ତଥା ଗୃହ ପାଳିତ ପଶୁ ପକ୍ଷୀଙ୍କୁ କୌଣସି ମହାମାରୀ ଓ ରୋଗ ବ୍ୟାଧି ନ ହେବା, ଜଙ୍ଗଲୀ ହିଂସ୍ରଜନ୍ତୁ ଦାଉରୁ ସମସ୍ତେ ରକ୍ଷା ପାଇବା ସହିତ ଗ୍ରାମରେ ଭଲ ଫସଲ ହେବା ନିମନ୍ତେ ପୂଜା କରା ଯାଇଥାଏ । ପରେ ନିଜ ନିଜ ଗୁହାଳରେ ଇଷ୍ଟ ଦେବତା ବଡ଼ ଠାକୁର (ମାରାଙ୍ଗ ବଙ୍ଗା) ଙ୍କ ପୂଜା କରିବା ସହିତ ପୂର୍ବପୁରୁଷଙ୍କୁ ପୂଜା ଦେଇ ପରିବାରର ଦୁଃଖ କଷ୍ଟ ଦୂର କରିବା ପାଇଁ ପ୍ରାର୍ଥନା କରିଥାନ୍ତି । ସେଠାରେ ଆଦିବାସୀ ପୁରୁଷ, ମହିଳା ମାନେ ପୂର୍ବର ରାଗରୁଷାକୁ ଭୁଲି ଏକତ୍ରିତ ଭାବେ କାନ୍ଧକୁ କାନ୍ଧ ମିଳାଇ ହାତକୁ ହାତ ଧରାଧରି ହୋଇ ନୃତ୍ୟ ଗୀତରେ ବିଭୋର ହୋଇଯାଇଥିଲେ । ମୁଖ୍ୟ ଅତିଥି ଶ୍ରୀ ତ୍ରିପାଠୀ ତାଙ୍କ ଅଭିଭାଷଣରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ମାଗେ ପରବ ପାଳନ କରିବାର ଉଦେଶ୍ୟକୁ ବୁଝାଇଥିଲେ । ଏହି ଦିନ ନୂତନ ବସ୍ତ୍ର ପରିଧାନ କରି ନୂଆ କୁଲା ଓ ଡଲାରେ ନୂତନ ଶସ୍ୟ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ସହିତ ଘରେ ଘରେ ପାରମ୍ପରିକ ଭାବରେ କୁକୁଡ଼ା ପୂଜା କରି ଥାଆନ୍ତି । ତାପରେ ସମସ୍ତେ ଏକାଠି ମିଳିମିଶି ପିଠା ପଣା, ହାଣ୍ଡିଆ ମଦ, ମାଂସ, ଲେଟ ଆଦି ଖାଇ ବାଦ୍ୟର ତାଳେ ତାଳେ ନାଚ ଗୀତ କରି ପର୍ବର ମଜା ନେଇଥାନ୍ତି । ଆଦିବାସୀ ପରମ୍ପରା ଅନୁସାରେ କୁଳିନ ସମ୍ପ୍ରଦାୟର ବରକନ୍ୟା ମଧ ଏହିମାସରୁ ଆରମ୍ଭ ହୋଇଥାଏ ।

# ଜାମଲିସରଠାରେ ଅସୁସ୍ଥ ମାଈ ହାତୀର ମୃତ୍ୟୁ

ବଲାଙ୍ଗିର, ୨୯/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ଦୀର୍ଘ ବର୍ଷେ ହେଲା ହାତୀ ଉପଦ୍ରବ ଲାଗି ରହିଛି । ତେବେ ମୁରିବାହାଲ ରେଞ୍ଜ ଅନ୍ତର୍ଗତ ଜାମଲିସର ଗାଁ ନିକଟ ରେ ଏକ ମାଈ ହାତୀର ମୃତଦେହ ପଡିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ । ପରେ ଜଇତରା ସେକ୍ସସନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ । ମାଈ ହାତୀ କିଛି ଦିନ ହେଲା ଅସୁସ୍ଥ ଥିବା ଯୋଗୁଁ ଖାଦ୍ୟ ଖାଉନଥିଲା । ତାହାରି ମୃତ୍ୟୁ ର କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ମୁରିବାହାଲ ରେଞ୍ଜ ଶିବ ପ୍ରସାଦ ନାୟକ ସୂଚନା ଦେଇଛନ୍ତି ।

# ରାଉରକେଲା ଇସ୍ପାତ କାରଖାନାର ପାଞ୍ଚଜଣ ଅଧିକାରୀଙ୍କ ସମ୍ମାନଜନକ ଜବାହାର ପୁରସ୍କାର ଲାଭ



ରାଉରକେଲା, ୨୯/୧ (ନି.ପ୍ର): ପ୍ରଶଂସନୀୟ କାର୍ଯ୍ୟ ସମ୍ପାଦନ ସହ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସେବା, ଗୁଣବତ୍ତା, ଉତ୍ପାଦନ ବ୍ୟୟ ହ୍ରାସ ଏବଂ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ରାଉରକେଲା ଇସ୍ପାତ କାରଖାନାର ୫ ଜଣ ଅଧିକାରୀ ସମ୍ମାନଜନକ ଜବାହାର ପୁରସ୍କାର ଲାଭ କରିଛନ୍ତି । ଇସ୍ପାତ ଷ୍ଟାଡିୟମଠାରେ ଜାନୁଆରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଆୟୋଜିତ ଉତ୍ସବରେ ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଆଲୋକ ବର୍ମା ଏହି ପୁରସ୍କାର ପ୍ରଦାନ କରିଥିଲେ । ଚଳିତ ବର୍ଷର ଜବାହାର ପୁରସ୍କାର ବିଜେତାମାନେ ହେଉଛନ୍ତି କୋକ ଓଭେନ ବିଭାଗ ର ମହାପ୍ରବନ୍ଧକ ଶ୍ରୀ ସଜଲ ଚନ୍ଦା, ଏସଏମଏସ -୨ ବିଭାଗର ମହାପ୍ରବନ୍ଧକ ଶ୍ରୀ ସୂର୍ଯ୍ୟକାନ୍ତ ନାୟକ, ଆରଏସଏମ ବିଭାଗ ର ମହାପ୍ରବନ୍ଧକ ଶ୍ରୀ ଦିଲ୍ଲୀପ କୁମାର ନାୟକ, ମାନବ ସମ୍ବଳ ବିଭାଗର ସହକାରୀ ମହାପ୍ରବନ୍ଧକ ଶ୍ରୀ ଶରତ କୁମାର ସେନାପତି ଏବଂ ବୋଲାଣି ଲୌହ ଖଣି ଓଜିଓଏମ-ସିଏମଏଲଓ ର ମହାପ୍ରବନ୍ଧକ ଶ୍ରୀ ସମରେନ୍ଦ୍ର ପଟ୍ଟନାୟକ ।

# କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ତେଜିଲା

କେନ୍ଦ୍ରାପଡ଼ା, ୨୯/୧ (ନି.ପ୍ର): ବିଜେଡି ସରକାର ୨୪ ବର୍ଷ ଶାସନ କାଳରେ କେନ୍ଦ୍ରାପଡା ଜିଲ୍ଲାରେ ମେଡିକାଲ କଲେଜ ଓ ହସପିଟାଲ କରି ନପାରିବା ଓ ଡବଲ ଇଂଞ୍ଜିନ ସରକାର କେନ୍ଦ୍ରରେ ୧୨ ବର୍ଷ ଓ ରାଜ୍ୟରେ ୨ ବର୍ଷ ଶାସନ କଲାପରେ ଅନ୍ୟ ଜିଲ୍ଲା ମାନଙ୍କରେ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉ ଥିବାବେଳେ ଏକମାତ୍ର ଉପକୂଳ ର କେନ୍ଦ୍ରାପଡା ଜିଲ୍ଲା ଉପେକ୍ଷିତ ହେବା ତତ୍ ସହିତ ଲୋକମାନେ ଏଥିପ୍ରତି ସମର୍ଥନ ଜଣାଇ ଗଣତାନ୍ତ୍ରିକ ଭାବରେ ଆନ୍ଦୋଳନ କଲେ ମଧ ସରକାର ଭ୍ରୂକ୍ଷେପ କରିନାହାଁନ୍ତି । ହକ ପଇଁ ଏକ ହେବା ନ୍ୟାୟରେ ଦଳମତ ନିର୍ବିଶେଷ ରେ ସମସ୍ତ କେନ୍ଦ୍ରାପଡା ବାସୀ ଏକଜୁଟ ହୋଇ ଅସନ୍ତା ବିଧାନସଭା ରେ କେନ୍ଦ୍ରାପଡା ମେଡିକାଲ କଲେଜ କିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ କରାଯିବା ପାଇଁ ନିଷ୍ପତି ଗ୍ରହଣ ହୋଇଛି । ଏହା ସହିତ ଆସନ୍ତା ସପ୍ତାହରେ ମହାକାଳପଡା ବ୍ଲକ ଓ ରଜକନିକା ବ୍ଲକ ସମ୍ମୁଖରେ ଗଣଧାରଣା ସଂଗଠିତ ହେବ । ଏଥିପାଇଁ କେନ୍ଦ୍ରାପଡା ପବ୍ଲିକ ରିଡିଂ ରୁମରେ କେନ୍ଦ୍ରାପଡାରେ ମେଡିକାଲ କଲେଜ କିୟାନୁଷ୍ଠାନ କମିଟିର ଏକ ଜରୁରୀ ବୈଠକ ଅଧ୍ୟାପକ ଅଜୟ ସାମଲଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଥିଲା ।

# ଜଗତସିଂହପୁରର ୧୬ଟି ଅଙ୍ଗନୱାଡି କେନ୍ଦ୍ରରେ ଏଏମ୍ / ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ ବାଳିକା ଦିବସ ପାଳିତ



ପାରାଦ୍ୱୀପ, ୨୯/୧ (ନି.ପ୍ର): ଜାନୁଆରୀ ୨୮, ୨୦୨୬: ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ), 'ହ୍ୟୁମାନା'ର ସହଭାଗୀତାରେ ଜାତୀୟ ବାଳିକା ଦିବସ ପାଳନ କରିଛି । ଜଗତସିଂହପୁର ଜିଲ୍ଲାର ୧୬ଟି ଅଙ୍ଗନୱାଡି କେନ୍ଦ୍ରରେ ସପ୍ତାହବ୍ୟାପୀ ଚାଲିଥିବା ଏହି ଶିକ୍ଷାଗତ କାର୍ଯ୍ୟକ୍ରମ, ଏଏମ୍/ଏନ୍‌ଏସ୍ ଇଣ୍ଡିଆର ସିଏସ୍‌ଆର ପ୍ରକଳ୍ପ 'ପଢେଗା ଭାରତ'ର 'ସ୍ମାର୍ଟ ଅଙ୍ଗନୱାଡି' ପଦକ୍ଷେପ ଅଧୀନରେ ଆୟୋଜିତ ହୋଇଥିଲା । ହସଖୁସିର ପରିବେଶ ସୃଷ୍ଟି କରିବା ସହିତ କନ୍ୟା ସନ୍ତାନଙ୍କ କଲ୍ୟାଣ ଏବଂ ଶିକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ଏହି ପଦକ୍ଷେପର ପ୍ରମୁଖ ଲକ୍ଷ୍ୟ ଥିଲା । ସପ୍ତାହବ୍ୟାପୀ ଏହି ଉତ୍ସବରେ କିଶୋରୀ ବାଳିକା, ମହିଳା ଗୋଷ୍ଠୀ ଏବଂ ସ୍ଥାନୀୟ ଗ୍ରାମର ପିଲାମାନେ ରଙ୍ଗୋଲି, ମେହେନ୍ଦି ଏବଂ ଚିତ୍ରାଙ୍କନ ଭଳି ବିଭିନ୍ନ ପ୍ରତିଯୋଗିତାରେ ନିଜର ପ୍ରତିଭା ଏବଂ ଦକ୍ଷତାର ପ୍ରଦର୍ଶନ କରିଥିଲେ । ଏଥିସହ ଲିଙ୍ଗଗତ ସମାନତା ଓ ଝିଅମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ବାର୍ତ୍ତା ନେଇ ଏକ ସଚେତନତା ଶୋଭାଯାତ୍ରା ମଧ ଆୟୋଜନ କରାଯାଇଥିଲା । ଅଂଶଗ୍ରହଣକାରୀଙ୍କ ମନୋବଳ ବଢ଼ାଇବା ଓ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମ ଶେଷରେ ଆକର୍ଷଣୀୟ ପୁରସ୍କାର ବିତରଣ କରାଯାଇଥିଲା । ଏଏମ୍/ ଏନ୍ ଏସ୍ ଇଣ୍ଡିଆର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍ ) ବିଭାଗ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁ କହିଛନ୍ତି, 'ଝିଅମାନଙ୍କୁ ସଶକ୍ତ କରିବା ଏକ ପ୍ରଗତିଶୀଳ ସମାଜର ମୂଳଦୁଆ ବୋଲି, ଏଏମ୍ / ଏନ୍ ଏସ୍ ଇଣ୍ଡିଆର ଦୃଢ ବିଶ୍ୱାସ ରହିଛି ।' 'ପଢେଗା ଭାରତ' ପ୍ରକଳ୍ପ ଅନ୍ତର୍ଗତ 'ସ୍ମାର୍ଟ ଅଙ୍ଗନୱାଡି' ପଦକ୍ଷେପ ମାଧ୍ୟମରେ, ଆମେ କେବଳ ଏକ ଦିବସ ପାଳନ କରୁନାହୁଁ ବରଂ ଏକ ସ୍ଥାୟୀ ପରିବେଶର ନିର୍ମାଣ କରୁଛୁ, ଯେଉଁଠାରେ ପ୍ରତ୍ୟେକ ଝିଅକୁ ନିଜ ସ୍ୱପ୍ନକୁ ପୂରଣ କରିବାର ଆତ୍ମବିଶ୍ୱାସ ରହିବ ।'ß ଜିଲ୍ଲାର ପ୍ରତ୍ୟେକ ଝିଅଙ୍କ ପାଇଁ ଏକ ନିରାପଦ ପରିବେଶ ଦିଗରେ କାର୍ଯ୍ୟ ଜାରି ରଖିବା ପାଇଁ ଗୋଷ୍ଠୀ ସଦସ୍ୟ ଏବଂ ଅଙ୍ଗନୱାଡି କର୍ମୀଙ୍କ ମଧ୍ୟରେ ଏକ ମିଳିତ ପ୍ରତିଶ୍ରୁତି ସହିତ ଏହି କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । କନ୍ୟା ସନ୍ତାନଙ୍କ ଶିକ୍ଷା, ସଶକ୍ତିକରଣ ଏବଂ ସୁସ୍ଥତା ପାଇଁ କମ୍ପାନୀର ପ୍ରତିବଦ୍ଧତା କେବଳ ଏହି ବାର୍ଷିକ ଉତ୍ସବରେ ସୀମିତ ନୁହେଁ । 'ପଢ଼େଗା ଭାରତ' ପ୍ରକଳ୍ପ ଅଧୀନରେ ବର୍ଷସାରା ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଛି । ବର୍ତ୍ତମାନ ୨୫ଟି ଅଙ୍ଗନବାଡ଼ି କେନ୍ଦ୍ରରେ ୩୩୩ ଜଣ କିଶୋରୀଙ୍କୁ ନେଇ ମାସିକ ସଭା ଆୟୋଜନ କରାଯାଉଛି । ଏହି ଅଧିବେଶନ ଗୁଡ଼ିକ ଋତୁସ୍ରାବ ସମୟରେ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ପୁଷ୍ଟିକର ଓ ସନ୍ତୁଳିତ ଆହାରର ଗୁରୁତ୍ୱ ଏବଂ ଜୀବନ କୌଶଳ ଉପରେ ତାଲିମ ଭଳି ପ୍ରମୁଖ ବିଷୟରେ ସଚେତନତା ସୃଷ୍ଟି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ପ୍ରଣାଳୀ ଭାବେ କାର୍ଯ୍ୟ କରୁଛି ।

# ପୁରୀ ଜିଲ୍ଲାସ୍ତରୀୟ ସ୍ୱଦେଶୀ ମେଳା ଫେବୃଆରୀ ୧୦ରୁ

ପୁରୀ , ୨୯/୧ (ନି.ପ୍ର): ପୁରୀ ଜିଲ୍ଲା ସ୍ତରୀୟ ଆତ୍ମନିର୍ଭର ଭାରତ ଓ ସ୍ୱଦେଶୀ ମେଳା ଫେବୃଆରୀ ମାସ ୧୦ ରୁ ୧୪ ତାରିଖ ପର୍ଯ୍ୟନ୍ତ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହେବ । ଭୋକାଲ ଫର ଲୋକାଲ ଓ ଲୋକାଲ ଟୁ ଗ୍ଲୋବାଲ ନାମରେ ଏହି ମେଳାରେ ସ୍ଥାନୀୟ ଶିଳ୍ପୀ ଓ ଉଦ୍ୟୋଗୀ ମାନେ ସେମାନଙ୍କ ଉତ୍ପାଦର ପ୍ରଦର୍ଶନୀ ଓ ବିକ୍ରି କରିବେ । ତତ ସହିତ ବିବିଧ କ୍ଷେତ୍ରରେ ସଫଳତା କୁ ମଧ ପ୍ରଦର୍ଶନ କରାଯିବ ବୋଲି ସ୍ଥିର ହୋଇଛି । ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଗତକାଲି ସନ୍ଧ୍ୟାରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସ୍ୱଦେଶୀ ସାମଗ୍ରୀ ର ଉତ୍ପାଦ ବୃଦ୍ଧି ସହ ଏହାର ପ୍ରଦର୍ଶନ ଓ ବିକ୍ରି ପାଇଁ ଏହି ମେଳା କୁ ଆକର୍ଷଣୀୟ ଭାବେ ଉପସ୍ଥାପନ ସହ ଏହାର ପ୍ରଚାର ପ୍ରସାର ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।ଆମ ଶିଳ୍ପୀ ଓ କୁଶଳୀ କାରିଗର ଙ୍କ ଅନେକ କଳା ଦେଶ ବିଦେଶରେ ବେଶ ପ୍ରଶଂସିତ ହେଉଛି ।ତେଣୁ ତାହାକୁ ଅଧିକ ପ୍ରୋତ୍ସାହିତ କରିବା ପାଇଁ ଏହି ମେଳା ଏକ ବଡ ପ୍ଲାଟଫର୍ମ ବୋଲି କହିବା ସହ ଏହାର ସଫଳତା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବିସ୍ତୃତ ଆଲୋଚନା ପରେ ସ୍ଥିର ହେଲା ଯେ ଏହି ମେଳା ରେ ୧୯୦ ଟି ବିଭିନ୍ନ ପ୍ରକାରର ଷ୍ଟଲ ଲଗାଯିବ । ବିଭିନ୍ନ ବିଭାଗ ସେମାନଙ୍କ ବିଭାଗର ସଫଳତା ମଧ ପ୍ରଦର୍ଶିତ ମଧ କରିବେ ।ପ୍ରତ୍ୟେକ ସଂଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

ପ୍ରମିଳା ପଣ୍ଡା

# ଯାହାଙ୍କ ଦିନ ଚର୍ଯ୍ୟାରେ ଫୁଟି ଉଠୁଥିଲା ନିର୍ଭିକତାର ସ୍ୱର



ପ୍ରଶାନ୍ତ ମଣ୍ଡଳଙ୍କ ଏକାଦଶାହ ଅବସରରେ

ଉଦଳା ସହରର ୱାର୍ଡ଼ ନଂ-୧ର ବାସିନ୍ଦା, ଭାରତୀୟ ସୈନ୍ୟବାହିନୀର ପୂର୍ବତନ ସୈନିକ ସ୍ୱର୍ଗତଃ ପ୍ରଶାନ୍ତ ମଣ୍ଡଳଙ୍କ କଥା କହୁଛି । ଚାହୁଁ ଚାହୁଁ ଇତି ମଧ୍ୟରେ ୧୦ ଦିନ ବିତିଗଲାଣି । ଆଜି ଏକାଦଶାହରେ ତାଙ୍କର ସ୍ମୃତିଚାରଣ ନକଲେ ଆଦୌ ଭଲ ଲାଗୁନାହିଁ । ସ୍ୱର୍ଗତଃ ପ୍ରଶାନ୍ତ ମଣ୍ଡଳ ୯୪ ବର୍ଷ ବୟସରେ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଲେ । ସେ ଭାରତୀୟ ସୈନ୍ୟ ବାହିନୀରେ ଜଣେ ସୈନିକ ଭାବରେ ଯୋଗ ଦେଇ ଦେଶ ସେବାରେ ଦିନ ବିତାଇଥିଲେ । ଜଣେ ସୈନିକ ଭାବରେ ଦେଶ ସେବା କରିବାର ସୌଭାଗ୍ୟ ବହୁ କମ୍ ଲୋକଙ୍କ ଭାଗ୍ୟରେ ମିଳିଥାଏ । ଏହିସବୁ ଦୃଷ୍ଟିରୁ ପ୍ରଶାନ୍ତ ମଣ୍ଡଳ ଜଣେ ଭାଗ୍ୟବାନ ବ୍ୟକ୍ତିଥିଲେ କହିବାରେ କିଛି ଅସୁବିଧା ନାହିଁ । ସେ ସମୟରେ ଆମ ଦେଶର ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଥାନ୍ତି । ପଡ଼ୋଶି ଦେଶ ଚୀନ ହଠାତ ଆମଦେଶକୁ ଆକ୍ରମଣ କରିଥିଲା । ଏହି ଯୁଦ୍ଧରେ ପ୍ରଶାନ୍ତ ମଣ୍ଡଳ ନିଜେ ଜଣେ ସୈନିକ ଭାବରେ ଲଢ଼େଇରେ ଭାଗ ନେଇଥିଲେ । ଏହାପରେ ଲାଲବାହାଦୁର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେଲେ । ଏତିକିବେଳେ ପଡ଼ୋଶି ଦେଶ ପାକିସ୍ଥାନ ଜାମୁ କାଶ୍ମିରକୁ ଆମର ବୋଲି କହି ଆକ୍ରମଣ କରିଥିଲା । ଏହି ଯୁଦ୍ଧରେ ମଧ ପ୍ରତକ୍ଷ୍ୟ ଭାବରେ ପ୍ରଶାନ୍ତ ମଣ୍ଡଳ ଅଂଶ ଗ୍ରହଣ କରିଥିଲେ ।  ପରେ ଇନ୍ଦିରାଗାନ୍ଧି ପ୍ରଧାନମନ୍ତ୍ରୀ ଥିବା ସମୟରେ ପାକିସ୍ଥାନ ଠାରୁ ପୂର୍ବ ପାକିସ୍ଥାନ(ବାଂଲାଦେଶ) କୁ ଅଲଗା କରିବା ସମୟରେ ପୁଣିଥରେ ପାକିସ୍ଥାନି ସୈନିକ ମାନଙ୍କ ସହିତ ହୋଇଥିବା ଲଢ଼େଇରେ ପ୍ରଶାନ୍ତ ମଣ୍ଡଳ ଅଂଶ ଗ୍ରହଣ କରିଥିଲେ । ଏହିପରି ୩ଟି ଯୁଦ୍ଧକୁ ସାମନା କରିଥିବା ସୈନିକ ଭାବରେ କେବଳ ପ୍ରଶାନ୍ତ ମଣ୍ଡଳକୁ ଛାଡ଼ିଦେଲେ ଦ୍ୱିତୀୟ ବ୍ୟକ୍ତି କେହି ସମଗ୍ର ଜିଲ୍ଲାରେ ନଜରକୁ ଆସୁ ନାହାଁନ୍ତି । ଚାକିରିରୁ ଅବସର ନେବା ପରେ ଉଦଳାରେ ପ୍ରଶାନ୍ତ ମଣ୍ଡଳ ସ୍ଥାୟି ଭାବରେ ବସବାସ କରି ଆସୁଥିଲେ । ଶୃଙ୍ଖଳିତ ଜୀବନ ବିତାଉଥିବା ମଣିଷଙ୍କ ଦିନଚର୍ଯ୍ୟାକୁ ଦେଖିଲେ ବାରିହୋଇ ପଡ଼େ ସ୍ୱତନ୍ତ୍ରତା । ଯାହାକି ପ୍ରଶାନ୍ତ ମଣ୍ଡଳଙ୍କ ଠାରେ ଫୁଟି ଉଠୁଥିଲା । ତାଙ୍କ ଦିନ ଚର୍ଯ୍ୟାର ପ୍ରତିଟି ପାହାଚ ସୂଚାଇ ଦେଉଥିଲା ନିର୍ଭିକତାର ସ୍ୱର । ଏହିଭଳି ଜଣେ ସୈନିକଙ୍କ ପ୍ରଶଂସା ଯେତେ କଲେ ବି କମ୍ ହେବ । ପ୍ରଶାନ୍ତ ମଣ୍ଡଳଙ୍କ ପିତାଙ୍କ ନାମ ସ୍ୱର୍ଗତଃ ସୁରେନ୍ଦ୍ର ନାଥ ମଣ୍ଡଳ, ମାତା- ସ୍ୱର୍ଗତଃ ରୁକମଣି ମଣ୍ଡଳ, ଜନ୍ମସ୍ଥାନ - ମୟୂରଭଂଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ତାରଣା ଗ୍ରାମରେ । ଏହି ଗ୍ରାମରେ ତାଙ୍କର ପିଲାଦିନ କଟିଥିଲା । ପରେ ସେ ସୈନ୍ୟବାହିନୀରେ ଚାକିରୀ ଜୀବନ ଆରମ୍ଭ କରିବା ପରେ ଉଦଳା ପଳାଇ ଆସିବା ସହ ଏଠାରେ ସ୍ଥାୟି ଭାବରେ ବସବାସ କରି ଆସୁଥିଲେ । ସେ ଯୁଦ୍ଧର ପ୍ରତକ୍ଷ ଅନୁଭବ ଗୁଡ଼ିକ ଶୁଣାଉଥିଲେ ଯାହାକି ଅନ୍ୟ ମାନଙ୍କୁ ଉତ୍ସାହିତ କରୁଥିଲା । ବିଶେଷ କରି ଚୀବ ଯୁଦ୍ଧର ଅନୁଭୂତି ଶୁଣିଲେ ଦେହ ଶିତେଇ ଉଠେ । ଯୁଦ୍ଧ ସମୟରେ କିପରି କୋଭ ଉପବାସ ମଧ୍ୟରେ ଦିନ ବିତାଇବାକୁ ପଡ଼େ, ରାତ୍ରୀର ଅନ୍ଧକାର ମଧ୍ୟରେ ଗୁଳିଚାଳନାର ଶବ୍ଦ ଶୁଣି କିପରି ଛାତିକୁ ପଥର କରିବାକୁ ପଡ଼େ ଅତି ନିଖୁଣ ଭାବରେ ବର୍ଣ୍ଣନା କରୁଥିଲେ । ସେହିପରି 'ଢ଼ାକା' ଠାରେ ପରାଜୟକୁ ସ୍ୱୀକାର କରି ପାକିସ୍ଥାନି ଦୈନିକ ମାନେ କିପରି ଆତ୍ମ ସମର୍ପଣ କରିଥିଲେ ସେ ଦିନର ଦୃଶ୍ୟ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରୁଥିଲେ । ପ୍ରଶାନ୍ତ ମଣ୍ଡଳ ନିଶା ଦ୍ରବ୍ୟ ସେବନଠାରୁ ବହୁ ଦୂରରେ ଥିଲେ । ଏବେ ବହୁ ଅବସରପ୍ରାପ୍ତ ସୈନିକ ପାନ, ଗୁଟଖା ଠାରୁ ଆରମ୍ଭ କରି ମଦ ପର୍ଯ୍ୟନ୍ତ ସବୁକିଛି ସେବନ କରୁଛନ୍ତି, ଲୋକଙ୍କ ସମ୍ମୁଖରେ ସୈନ୍ୟବାହିନିରେ ଚକିରି କଲେ ଏସବୁ ବ୍ୟବହାର କରିବାକୁ ପଡ଼େ ବୋଲି ବଖାଣୁଛନ୍ତି । କିନ୍ତୁ ପ୍ରଶାନ୍ତ ମଣ୍ଡଳ କୁହନ୍ତି ସୈନ୍ୟବାହିନୀରେ ଚାକିରୁ କରୁଥିବା ମଣିଷ ନିଶାଦ୍ରବ୍ୟ ସେବନ ପରିତ୍ୟାଗ କରିବା ଉଚିତ । କାରଣ ଶୃଙ୍ଖଳି ଜୀବନ ବିତାଇବାରେ ଏହା ପ୍ରତିବନ୍ଧକ ସୃଷ୍ଟି କରିଥାଏ । ସାଧା ଜୀବନ ଓ ଉଚ୍ଚ ବିଚାର ସମ୍ପନ୍ନ ମଣିଷ ହିଁ ପ୍ରକୃତ ସୈନିକ ହେବାର ଯୋଗ୍ୟତା ହାସଲ କରେ ବୋଲି ଶ୍ରୀଯୁକ୍ତ ମଣ୍ଡଳ କୁହନ୍ତି । ଆଜି ପ୍ରଶାନ୍ତ ମଣ୍ଡଳଙ୍କ ଅବର୍ତ୍ତମାନ ଉଦଳା ପାଇଁ ସୃଷ୍ଟି କରିଛି ଏକ ବିରାଟ ଶୂନ୍ୟସ୍ଥାନ । ଯୁଦ୍ଧର ପ୍ରତକ୍ଷ ଅନୁଭୂତି ଶୁଣିବାର ମାହୋଲରେ ପଡ଼ିଯାଇଛି ଯବନିକା । ଏହିଭଳି ଜଣେ ଦେଶଭକ୍ତଙ୍କ ପାଦପଦ୍ମରେ କୋଟି ପ୍ରଣାମ ଜଣାଇ ମୁଁ ମୋର ଲିଖନିକୁ ଏଠାରେ ବିରାମ ଦେଉଛି ।

ନଗରପାଳ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦ
ମୋ-୯୪୩୮୫୧୮୭୯୪




ଘରେ ଫୋନ୍, ଅଫିସରେ ଫୋନ୍, ରାସ୍ତାରେ ଫୋନ୍, ଆଉ ଗାଡ଼ି ଚଳାଇଲା ବେଳେ ବି ଫୋନ୍ । ଫୋନ୍ ସହ ଖାଇବା, ଫୋନ୍ ଧରି ଶୋଇବା ନିଶା ଏବେ ଯୁବପିଢ଼ିଙ୍କୁ ଘାରିବାରେ ଲାଗିଛି । ଏପରିକି ଦିନ ସାରା ଫୋନର ଲାଗି ରହିବା କେବଳ ଏକ ଅଭ୍ୟାସ ନୁହେଁ, ବରଂ ଏହା ଆପଣଙ୍କ ଶରୀରକୁ ବିଭିନ୍ନ ଢଙ୍ଗରେ କ୍ଷତି ପହଞ୍ଚାଉଛି ବୋଲି ସତର୍କ କରାଇଛନ୍ତି ବିଶେଷଜ୍ଞ ।

ଏମ୍ସର ନ୍ୟୁରୋଲୋଜିଷ୍ଟ ଡାକ୍ତର ପ୍ରିୟଙ୍କା ସେରାୱତ୍ କହିଛନ୍ତି ଯେ ଆଜିର ଆଧୁନିକ ଦୁନିଆରେ ଅନେକ ଲୋକ ସକାଳୁ ଉଠିବା ମାତ୍ରେ ଫୋନ୍ ଦେଖିବା ଆରମ୍ଭ କରିଦେଉଛନ୍ତି ।

ଆଉ ରାତିରେ ଶୋଇବା ପୂର୍ବରୁ ଘଣ୍ଟା ଘଣ୍ଟା ଧରି ଫୋନ୍ ଦେଖି ଶୋଉଛନ୍ତି । ଏଭଳି ବ୍ୟାଡ୍ ହାବିଟ୍ ବା ବଦ ଅଭ୍ୟାସ ଅନେକଙ୍କୁ ମନୋରଞ୍ଜନ ଧର୍ମୀ ଲାଗୁଥାଇପାରେ କିନ୍ତୁ ଏହା ସାଇଲେଣ୍ଟ୍ କିଲର ଭାବେ ଲୋକଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ , ଖାସ୍ କରି ନିଦ୍ରାର ସାଇକେଲିଂକୁ ନଷ୍ଟ କରି କରି ଚାଲେ ।

ଆପଣ ଯଦି ସକାଳୁ ଉଠୁ ଉଠୁ ମୋବାଇଲ୍ ଦେଖିବା ଆରମ୍ଭ କରୁଛନ୍ତି ତେବେ ଅନେକ କ୍ଷେତ୍ରରେ ଆପଣ ପ୍ରଭାବିତ ହେବେ । ଫଳରେ ଆପଣଙ୍କ ସାରାଦିନର କାର୍ଯ୍ୟ ଦକ୍ଷତା ଓ ଦୈନନ୍ଦିନ ଜୀବନର ପ୍ରଭାବିତ ହୋଇଥାଏ । ତେବେ ଏଭଳି ବଦ ଅଭ୍ୟାସରୁ କେମିତି ମୁକୁଳିବେ ?

କେମିତି ଭାଙ୍ଗିବେ ଏହି ବଦ ଅଭ୍ୟାସ ?

ବରିଷ୍ଠ ଚିକିତ୍ସିକଙ୍କ କହିବା ଅନୁସାରେ...ଏଭଳି ବ୍ୟାଡ୍ ହାବିଟ୍ ପୂରା ବଡିକୁ ପ୍ରଭାବିତ କରିଥାଏ । କାରଣ ଏହା ଚିନ୍ତା ବଢିବା ସହ ମୁଣ୍ଡବିନ୍ଧା ମଧ୍ୟ ବଢ଼ାଇ ଥାଏ । ଡାକ୍ତରଙ୍କ ମତରେ ଏଭଳି ଅଭ୍ୟାସ ଭାଙ୍ଗିବା ପାଇଁ ଏକ ଡେଲି ରୁଟିନ୍ ଫଲୋ କରିବା ଆବଶ୍ୟକ । ଏହି ରୁଟିନରେ ସକାଳୁ ସକାଳୁ ମୋବାଇଲ୍ ସ୍କ୍ରିନ୍ ଲାଇଟ୍ ବଦଳରେ ସନ୍ ଲାଇଟକୁ ଯାଆନ୍ତୁ । ବଡ଼କଥା ହେଉଛି ସୂର୍ଯ୍ୟ କିରଣ ସହ ଘରର ବିଭିନ୍ନ କୋଣ ଅନୁକୋଣକୁ ଦେଖିବା ଏବଂ ପରିବାର ସହ ସମୟବିତାନ୍ତୁ । ଠିକ୍ ସେହିଭଳି ରାତିରେ ସ୍କ୍ରିନ୍ ଏକ୍ସପୋଜକୁ ସୀମିତ କରନ୍ତୁ । ବିଶେଷକରି ଶୋଇବା ପୂର୍ବରୁ ମୋବାଇଲଠାରୁ ଦୂରେଇ ରହି ବହି ପଢ଼ିବା ଅଭ୍ୟାସ କରନ୍ତୁ । ଯାହାକି ନିଦ ଲାଗିବା ସହ ଆପଣଙ୍କ ମାନସିକ ସନ୍ତୁଳନ ସଠିକ୍ ରଖିବାରେ ସହାୟକ ହେବ ।

ଥଣ୍ଡା, କାଶ ହେବା ଗୋଟେ ସାଧାରଣ ସମସ୍ୟା । କେବେ କାଶ ଶୀଘ୍ର ଭଲ ହୋଇଯାଏ ହେଲେ ଅନେକ ସମସ୍ୟାରେ କାଶ ସପ୍ତାହ ସପ୍ତାହ ଧରି ଲାଗି ରୁହେ । ଏମିତି କାଶ ଯେ ନା କଥା କହିହୁଏ ନା ଶୋଇହୁଏ । କିନ୍ତୁ ଏଭଳି କିଛି ଘରୋଇ ଉପଚାର ଅଛି ଯାହା ଆପଣାଇଲେ ଯେତେ ଦିନର କାଶ ହେଉ ପଛେ ଭଲ ହୋଇଯିବ । ଏବେ ଜାଣନ୍ତୁ କିଛି ଘରୋଇ ଉପଚାର :

କାଶ ଦୁଇଟି କାରଣରୁ ହୋଇପାରେ ପେଟ ଗରମ ହେଲେ ଶୁଖିଲା କାଶ ହୁଏ । ଥଣ୍ଡା ହେଲେ କଫ ଜମି ଲହରା କାଶ ହୁଏ । ଫଳରେ ତଣ୍ଟି ଟି ଛିଡ଼ିଯାଇ ରକ୍ତ ବି ବେଳେ ବେଳେ ପଡ଼େ । କାଶ ଯୋଗୁଁ ତଣ୍ଟି , ବି ଦରଜ ହୋଇ ସ୍ୱର ପଡ଼ିଯାଏ । ତେବେ ଯଦି ଆପଣଙ୍କର ଶୁଖିଲା କାଶ ହେଉଛି , ତାହେଲେ ଚିମୁଟେ ହଳଦି ଗୁଣ୍ଡ ନିଅନ୍ତୁ । ଏହାକୁ କଳରେ ଜାତି ରଖି ଏହାକୁ ଧୀରେ ଧୀରେ ଢ଼ୋକନ୍ତୁ। ଯେମିତି କିଛି ଚକଲେଟ୍ କି ଅଁଳା ଜାତି ତାର ରସକୁ ଧୀରେ ଧୀରେ ଢ଼ୋକନ୍ତି ସେଭଳି ହଳଦୀର ରସକୁ ଢ଼ୋକନ୍ତୁ ।

ହଳଦି ବେଷ୍ଟ ଆଣ୍ଟିବାୟୋଟିକ୍ ହୋଇଥିବାରୁ ଏହା ଧୀରେ ଧୀରେ ଗଳାକୁ ଠିକ କରିବା ସହ କାଶ ସମସ୍ୟାକୁ ଦୂରେଇ ଦେବ । ହଁ ବ୍ୟବହାର କରୁଥିବା ହଳଦି ଶୁଦ୍ଧ ହୋଇଥିବା ଦରକାର । କାରଣ ବଜାରରେ ମିଳୁଥିବା ଅଧିକାଂଶ ହଳଦି ଅପମିଶ୍ରିତ ବା ଭେଜାଲ ହୋଇଥିବା କାରଣରୁ ଏହାର ଔଷଧୀୟ ଗୁଣ ଉପରେ ବି ସନ୍ଦେହ ରହିଛି ।

କାଶ ପାଇଁ ହଳଦିର ଉପଚାର ଥରକରେ ଯଦି କାମ ନଦିଏ ଏହାକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନିଶ୍ଚୟ ଉପଶମ ମିଳିବ । ଦିନକୁ ୪ରୁ ୫ ଥର ହଳଦୀ ଗୁଣ୍ଡକୁ କଳରେ ଜାକିଲେ ଉପଶମ ମିଳିବ ନିଶ୍ଚୟ ।

ଏବେ ଜାଣିବା କଫ କାଶ ବା ଥଣ୍ଡା କାଶ ହେଲେ କ'ଣ କରିବେ :

ଗୋଟେ ଚାମଚ ଅଦାରସ ନିଅନ୍ତୁ । ସେଥିରେ ଅଧା ଚାମଚ ମହୁ ମିଶାଇ ଏହାକୁ ଦିନକୁ ୩ରୁ ୪ ଥର ସେବନ କରନ୍ତୁ । ଦେଖିବେ ଗଳାରୁ କଫ ଖସିବ ଏବଂ ଗଳା ସଫା ହୋଇଯିବ । କଫ ତରଳି କାଶ ବାଟେ ବାହାରିଯିବ । ଏବଂ ଦିନେ ଦୁଇ ଦିନରେ ଏହି ଘରୋଇ ଉପଚାର ଘୋର କାଶ ସମସ୍ୟାକୁ ବି ଦୂରେଇଦେବ । ଏହି ପଥିର ପ୍ରଥମ ବ୍ୟବହାରରେ ହିଁ ହାଲକା ଅନୁଭବ କରିବେ । ଆଉ ୩ରୁ ୪ଥରର ବ୍ୟବହାର କାଶ ସମସ୍ୟାକୁ ନିଶ୍ଚୟ ଦୂର କରିବ । ତେବେ ଆଜି ହିଁ ଏହି ଘରୋଇ ଉପଚାର ଆପଣାନ୍ତୁ ଏବଂ କାଶରୁ ମୁକ୍ତି ପାଆନ୍ତୁ ।




ଆପଣଙ୍କ ପେଟ ବଢିଯାଇଛି କି, ଚର୍ବି ଜମା ହୋଇ ରହିଛି କି ? ଆଉ ଆପଣ ଏଥିପାଇଁ ଚିନ୍ତିତ କି ? ଯଦି ହଁ, ଆପଣଙ୍କ ରୋଷେଇ ଘରେ ଅଛି ଏହାର ସମାଧାନ , ଆପଣ କ'ଣ ରୋଷେଇ ଘରେ ରଖାଯାଇଥିବା ପାନମହୁରିକୁ କେବଳ ମାଉଥ ଫ୍ରେଶନର ଭାବରେ ସେବନ କରନ୍ତି ? ଯଦି ହଁ, ତେବେ ଆପଣଙ୍କ ସୂଚନା ପାଇଁ ଆମେ ଆପଣଙ୍କୁ କହି ଦେଉଛୁ ଯେ ପାନମହୁରି ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ହୋଇପାରେ । ପାନମହୁରୀରେ ମିଳୁଥିବା ସମସ୍ତ ପୋଷକ ତତ୍ତ୍ୱ ଆପଣଙ୍କ ଶରୀରର ମେଟାବୋଲିଜିମ୍ ବୃଦ୍ଧି କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ ।

ବର୍ଦ୍ଧିତ ଓଜନକୁ ନିୟନ୍ତ୍ରଣ କରିବା ପାଇଁ, ଆପଣ ପ୍ରତିଦିନ ସକାଳେ ଖାଲି ପେଟରେ ପାନମହୁରି ପାଣି ପିଇବା ଆରମ୍ଭ କରିବା ଉଚିତ । ପ୍ରତିଦିନ ସକାଳେ ଉଠିବା ମାତ୍ରେ ପାନମହୁରି ପାଣି ପିଅନ୍ତୁ ଏବଂ ଆପଣଙ୍କର ଓଜନ ହ୍ରାସ ଯାତ୍ରାକୁ ସହଜ କରନ୍ତୁ ।

ଖରାପ ଜୀବନଶୈଳୀ, ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଜନା, ନିଦ୍ରା ଅଭାବ, ଅତ୍ୟଧିକ ଚାପ ଭଳି ଅନେକ କାରଣ ଓଜନ ବୃଦ୍ଧିର ମୁଖ୍ୟ କାରଣ ହୋଇପାରେ । ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ଯଦି ଆପଣ ସମୟ ମଧ୍ୟରେ ସ୍ଥୂଳତା ଦୂର ନକରନ୍ତି, ତେବେ ଅନେକ ଗମ୍ଭୀର ଏବଂ ଜୀବନକୁ ବିପଦପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ଆପଣଙ୍କୁ ଘେରିପାରେ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ତେବେ ଆପଣ ଏହି ଓଜନ ହ୍ରାସ ପାନୀୟର ସାହାଯ୍ୟ ନେଇପାରିବେ ।

ରୋଷେଇ ଘରେ ରଖାଯାଇଥିବା ପାନମହୁରିକୁ କେବଳ ମାଉଥ ଫ୍ରେଶନର




ଭାବରେ ସେବନ କରନ୍ତି ? ଯଦି ହଁ, ତେବେ ଆପଣଙ୍କ ସୂଚନା ପାଇଁ ଆମେ ଆପଣଙ୍କୁ କହି ଦେଉଛୁ ଯେ ପାନମହୁରି ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ ହୋଇପାରେ । ପାନମହୁରୀରେ ମିଳୁଥିବା ସମସ୍ତ ପୋଷକ ତତ୍ତ୍ୱ ଆପଣଙ୍କ ଶରୀରର ମେଟାବୋଲିଜିମ୍ ବୃଦ୍ଧି କରିବାରେ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ ।

ବର୍ଦ୍ଧିତ ଓଜନକୁ ନିୟନ୍ତ୍ରଣ କରିବା ପାଇଁ, ଆପଣ ପ୍ରତିଦିନ ସକାଳେ ଖାଲି ପେଟରେ ପାନମହୁରି ପାଣି ପିଇବା ଆରମ୍ଭ କରିବା ଉଚିତ । ପ୍ରତିଦିନ ସକାଳେ ଉଠିବା ମାତ୍ରେ ପାନମହୁରି ପାଣି ପିଅନ୍ତୁ ଏବଂ ଆପଣଙ୍କର ଓଜନ ହ୍ରାସ ଯାତ୍ରାକୁ ସହଜ କରନ୍ତୁ । ଶରୀରରେ ଜମା ହୋଇଥିବା ଅତିରିକ୍ତ ଚର୍ବିକୁ ଜାଳିବା ସହିତ, ପାନମହୁରି ପାଣି ଆପଣଙ୍କ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବହୁତ ଲାଭଦାୟକ ପ୍ରମାଣିତ ହୋଇପାରେ । ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ, ଆପଣ ଆପଣଙ୍କ ଡାଏଟ୍ ଯୋଜନାରେ ପାନମହୁରି ପାଣିକୁ ସାମିଲ କରିପାରିବେ । ଯଦି ଆପଣ ଏହାକୁ ସକାଳେ ସେବନ କରନ୍ତି ତେବେ ଏହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହେବ ।



ଶୀତରତୁରେ ଘରେ ଘରେ ଔଷଧର ବ୍ୟବହାର ଅଧିକ ହୋଇଥାଏ । ବଢୁଥିବା ଥଣ୍ଡା ଏବଂ ପାଗରେ ପରିବର୍ତ୍ତନ ଯୋଗୁଁ କାଶ, ଥଣ୍ଡା, ଜ୍ୱର, ଝାଡ଼ାବାନ୍ତି ପରି ଅନେକ ସମସ୍ୟା ଦେଖାଯାଏ । ସେଥିପାଇଁ ପ୍ରତିଟି ଘରେ ଏବେ ମେଡିସିନର ମାତ୍ରା ବି ବଢ଼େ । ତେବେ ଆମେ ଯେଉଁ ମେଡିସିନ୍ ଗୁଡ଼ିକ ଖାଉ ସେଥିରେ କିଛି ଧଳା ଏବଂ କିଛି ରଙ୍ଗବେରଙ୍ଗ ଥିବା ବେଳେ ଆକାର ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ତେବେ ଆପଣ ଜାଣିଛନ୍ତି କି ଏହା ପଛର କାରଣ କ'ଣ ? କାହିଁକି ସବୁ ମେଡିସିନ୍ ଧଳା କିମ୍ବା ରଙ୍ଗୀନ ନୁହେଁ ? ମେଡିସିନର ଆକାର କାହିଁକି ପରସ୍ପରଠାରୁ ଅଲଗା ? ଯଦି ଆପଣଙ୍କ ପାଇଁ ମଧ୍ୟ ଏହି ପ୍ରଶ୍ନ ନୂଆ ତା'ହେଲେ ଆସନ୍ତୁ ଜାଣିବା । ବଜାରରେ ମିଳୁଥିବା ଔଷଧ କେବଳ ଦେଖିବାକୁ ସୁନ୍ଦର ଲାଗିବ ବୋଲି ରଙ୍ଗୀନ ନୁହେଁ ଏହା ପଛରେ ରହିଛି ଅନେକ ବୈଜ୍ଞାନିକ କାରଣ । ଔଷଧଟି ଯେଉଁ କ୍ୟାମିକାଲ୍ ବା ଡ୍ରଗ୍ ବ୍ୟବହାର କରି ପ୍ରସ୍ତୁତ ହୁଏ ସେହି ଡ୍ରଗ୍ ହିଁ ନିର୍ଣ୍ଣୟ କରେ ଯେ ମେଡିସିନର କଲର୍ କ'ଣ ହେବ । ଅର୍ଥାତ ଯେମିତି ଡ୍ରଗର ରଙ୍ଗ ହେବ ଔଷଧ ମଧ୍ୟ ସେ ରଙ୍ଗର ପ୍ରସ୍ତୁତ ହେବ । ଯେମିତିକି ବରବେରିନ୍ ମେଡିସିନର ରଙ୍ଗ ହଳଦିଆ କାରଣ ସେଥିରେ ବ୍ୟବହାର ହୋଇଥିବା ଡ୍ରଗର ରଙ୍ଗ ହଳଦିଆ । ଠିକ୍ ସେହିଭଳି କାର୍ବନ ଟ୍ୟାବଲେଟର ରଙ୍ଗ କଳା ହୋଇଥାଏ । ଏହାଛଡ଼ା ଔଷଧର ରଙ୍ଗର ପ୍ରଭାବ ଆମ ମନ ଉପରେ ମଧ୍ୟ ପଡ଼େ । ସୂଚନା ଅନୁସାରେ , ପ୍ରଥମଥର ପାଇଁ ରଙ୍ଗବେରଙ୍ଗର ମେଡିସିନ୍ ୧୯୬୦ ମସିହାରେ ପ୍ରସ୍ତୁତ ହୋଇଥିଲା । ବର୍ତ୍ତମାନ ସମୟରେ କମ୍ପାନି ଏହି ରଙ୍ଗର ବିଶେଷ ଧ୍ୟାନ ଦେଉଛି । ଜେଲ୍ କ୍ୟାପସୁଲ୍ ପାଇଁ ୭୫,୦୦୦ ରୁ ଅଧିକ କଲର୍ କମ୍ବିନେସନର ବ୍ୟବହାର କରାଯାଉଛି । ବିଂଶ ଶତାବ୍ଦୀ ବେଳକୁ ଔଷଧ ଗୋଲାକାର ଏବଂ ଧଳା ହେବାର ସୂଚନା ମିଳେ । ତେବେ ଔଷଧର ରଙ୍ଗରେ ପରିବର୍ତ୍ତନ ହେବା ଦ୍ୱାରା ଏହାର ଅଧିକ ଲାଭ ବୃଦ୍ଧ ଏବଂ ଅପାଠୁଆ ଲୋକ ନେଇପାରିଲେ । ଔଷଧର ନାଁ ପଢ଼ି ନଜାଣିଲେ ରଙ୍ଗ ଦେଖି ଖାଉଥିଲେ ଲୋକେ । ଆମେରିକାର ଏକ ଗବେଷଣା ଅନୁସାରେ ଯେଉଁ ରୋଗୀମାନଙ୍କୁ ଅଧିକ ଔଷଧ ଖାଇବାକୁ ପଡ଼େ ସେମାନେ ରଙ୍ଗବେରଙ୍ଗର ଔଷଧକୁ ଆନନ୍ଦର ସହ ଖାଇଥା'ନ୍ତି । ଗବେଷଣା ଅନୁସାରେ, ତାପମାନ ଆଧାରରେ ମଧ୍ୟ ଔଷଧର ରଙ୍ଗ ଚୟନ କରାଯାଏ ।




ନୀଳରଙ୍ଗର ଔଷଧ କମ୍ ତାପମାନ ଏବଂ କମଳା ରଙ୍ଗର ମେଡିସିନ୍ ଅଧିକ ତାପମାନର ପ୍ରତିକ । କ୍ୟାପସୁଲ୍ ତିଆରି ପାଇଁ ଜିଲୋଟିନ୍ ଏବଂ ସେଲ୍ୟୁଲୋଜର କଭର୍ ବ୍ୟବହାର କରାଯାଏ । ଯେଉଁଥିରେ ଔଷଧ ଭର୍ତ୍ତି କରାଯାଏ । ଏହି କ୍ୟାପସୁଲର ଗୋଟିଏଭାଗ କ୍ୟାପ୍ ଏବଂ କଣ୍ଟେନର୍ । ଯାହା ୨ଟି ଭିନ୍ନ ରଙ୍ଗର ହୋଇଥାଏ । ଦୁଇଟିର ରଙ୍ଗ ଏଥିପାଇଁ ଅଲଗା କାରଣ ଔଷଧ ତିଆରି କରିବାରେ ଯେମିତି କର୍ମଚାରୀଙ୍କ ଦ୍ୱାରା କୌଣସି ଭୁଲ୍ ହେବନାହିଁ ।

# କୋଲେଷ୍ଟ୍ରଲ ସହ ଏହି ସବୁ ସମସ୍ୟାକୁ ଦୂର କରେ ଚିଆ ସିଡ୍ସ ଓ ଲେମ୍ବୁ

ଚିଆ ସିଡ୍ସ ଓ ଲେମ୍ବୁ ରସ ଖୁବ୍ ଉପକାରୀ । ଓଜନ ହ୍ରାସ କ୍ଷେତ୍ରରେ ଉଭୟଙ୍କ ଅବଦାନ ଅତୁଳନୀୟ । ଚିଆ ସିଡ୍ସ ଏବଂ ଲେମ୍ବୁ ମିଶ୍ରଣ ଶରୀର ପାଇଁ ଏକ ସୁପରଫୁଡ୍ ଭାବରେ କାର୍ଯ୍ୟ କରେ । ଏହି ଦୁଇଟି ସାମଗ୍ରୀକୁ ଏକାଠି ପିଇବା ଦ୍ୱାରା ଏହାର ପୋଷକ ତତ୍ତ୍ୱ ବହୁଗୁଣିତ ହୋଇଯାଏ । ଓଜନ ହ୍ରାସ ସହ ଆଉ କି କି ଫାଇଦା ମିଳେ, ଜାଣନ୍ତୁ...

କୋଲେଷ୍ଟ୍ରଲ ହ୍ରାସ କରେ- ଚିଆ ସିଡ୍ସରୁ ଓମେଗା-୩ ଫ୍ୟାଟି ଏସିଡ୍ ମିଳିଥାଏ, ଯାହା ହୃଦୟକୁ ସୁସ୍ଥ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ଚିଆ ସିଡ୍ସ ଖାଇବା ଦ୍ୱାରା ଖରାପ କୋଲେଷ୍ଟ୍ରଲ ହ୍ରାସ ପାଇଥାଏ ଏବଂ ଭଲ କୋଲେଷ୍ଟ୍ରଲ ବୃଦ୍ଧିରେ ସାହାଯ୍ୟ ହୋଇଥାଏ । ଏହା ଦ୍ୱାରା ହୃଦରୋଗ ହେବାର ଆଶଙ୍କା ମଧ୍ୟ କମିଯାଏ । ଏହା ବ୍ୟାତୀତ ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସିରେ ଭରପୂର ଲେମ୍ବୁ ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିଥାଏ । ରକ୍ତଚାପ ଉନ୍ନତ ହୁଏ ଏବଂ ହୃଦୟର ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ । ହଜମ ପ୍ରକ୍ରିୟାରେ ଉନ୍ନତି- ଲେମ୍ବୁ ସହିତ ଚିଆ ସିଡ୍ସ ପାଣି ପିଇବାର ଆଉ ଏକ ଉପକାର ହେଉଛି ହଜମ ପ୍ରକ୍ରିୟାରେ ଉନ୍ନତି । ଚିଆ ସିଡ୍ସ ପାଣି ପିଇବା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ପୂରା ପୂରା ଲାଗିଥାଏ, ବିଶେଷ ଭୋକ ହୋଇନଥାଏ । ଫଳରେ ଅତ୍ୟଧିକ ଖାଦ୍ୟ ଖାଇବାକୁ ପଡ଼ିନଥାଏ । ଏହା ବ୍ୟତୀତ ଚିଆ ସିଡ୍ସ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ପେଟକୁ ସଫା ରଖିଥାଏ । କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ମୁକ୍ତି ଦେଇଥାଏ ।

# ଭାରତୀୟ ଅର୍ଥନୀତିର ସଦ୍ୟତମ ଚିତ୍ର

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ସଂସଦରେ ଉପସ୍ଥାପିତ ୨୦୨୫-୨୬ ଆର୍ଥିକ ବର୍ଷର ଅର୍ଥନୈତିକ ସର୍ଭେ ବା ସମୀକ୍ଷା ରିପୋର୍ଟକୁ ଯଦି ଗଭୀର ଭାବରେ ଅନୁଧ୍ୟାନ କରାଯାଏ, ତେବେ ଏହା ଏକ ମିଶ୍ରିତ ଚିତ୍ର ପ୍ରଦାନ କରୁଥିବାର ପରିଲକ୍ଷିତ ହୁଏ। ଉପରଠାଉରିଆ ଭାବେ ଦେଖିଲେ ରିପୋର୍ଟଟି ଅତ୍ୟନ୍ତ ଆଶାଜନକ ଏବଂ ଉତ୍ସାହବର୍ଦ୍ଧକ ମନେହୁଏ, କିନ୍ତୁ ପରିସଂଖ୍ୟାନର ଅନ୍ତରାଳରେ ଲୁଚି ରହିଥିବା ବାସ୍ତବିକତାକୁ ପରଖିବା ଏକାନ୍ତ ଆବଶ୍ୟକ । ସର୍ଭେ ଅନୁଯାୟୀ, ଆଗାମୀ ଆର୍ଥିକ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ୬.୮ ରୁ ୭.୨ ପ୍ରତିଶତ ମଧ୍ୟରେ ରହିବାର ଆକଳନ କରାଯାଇଛି, ଯାହା ନିଶ୍ଚିତ ଭାବରେ ବିଶ୍ୱ ଅର୍ଥନୀତିର ମନ୍ଥର ଗତି ମଧ୍ୟରେ ଭାରତର ସ୍ଥିତିକୁ ମଜଭୁତ ବୋଲି ପ୍ରମାଣିତ କରୁଛି । କିନ୍ତୁ ପ୍ରଶ୍ନ ଉଠେ ଯେ, ଏହି ଅଭିବୃଦ୍ଧିର ସୁଫଳ କ'ଣ ସମାଜର ସବୁ ବର୍ଗର ଲୋକଙ୍କ ପାଖରେ ସମାନ ଭାବରେ ପହଞ୍ଚି ପାରୁଛି ନା ଏହା କେବଳ ମୁଷ୍ଟିମେୟ ଧନୀ ବର୍ଗଙ୍କ ମଧ୍ୟରେ ସୀମିତ ରହିଛି ? ଅର୍ଥନୀତିର ଏହି ଉଜ୍ଜ୍ୱଳ ଚିତ୍ର ପଛରେ ଥିବା 'କେ-ଆକୃତି' (K-shaped) ଅଭିବୃଦ୍ଧିର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ, ଯେଉଁଠାରେ ଧନୀ ଆହୁରି ଧନୀ ହେଉଛନ୍ତି ଏବଂ ଗରିବ ଶ୍ରେଣୀ ଜୀବିକା ପାଇଁ ସଂଘର୍ଷ କରୁଛନ୍ତି। ସରକାରୀ ଦାବିର ସତ୍ୟାସତ୍ୟ ପରୀକ୍ଷା କଲେ ଜଣାପଡ଼େ ଯେ, ଯଦିଓ ସାମଗ୍ରିକ ଜିଡିପି ବଢ଼ୁଛି, ମୁଣ୍ଡପିଛା ଆୟ ବୃଦ୍ଧିରେ ସେଭଳି ସମାନତା ଦେଖାଯାଉନାହିଁ, ଯାହା ଏକ ଚିନ୍ତାର ବିଷୟ ।

ସର୍ଭେରେ ଦାବି କରାଯାଇଛି ଯେ ଘରୋଇ ଉପଭୋଗ ବା ଡୋମେଷ୍ଟିକ୍ କଞ୍ଜପସନ୍ ଅର୍ଥନୀତିର ମୁଖ୍ୟ ଚାଳକ ଶକ୍ତି ସାଜିଛି ଏବଂ ଗ୍ରାମୀଣ ଚାହିଦାରେ ଉନ୍ନତି ଆସିଛି । ତେବେ ବଜାରର ବାସ୍ତବ ଚିତ୍ରକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ, ଦାମୀ ଗାଡ଼ି, ବିଳାସପୂର୍ଣ୍ଣ ସାମଗ୍ରୀ ଏବଂ ପ୍ରିମିୟମ୍ ଉତ୍ପାଦର ବିକ୍ରି ବୃଦ୍ଧି ପାଉଥିବା ବେଳେ, ସାଧାରଣ ଲୋକ ବ୍ୟବହାର କରୁଥିବା ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ (FMCG) ର ବିକ୍ରି ପରିମାଣରେ ସେଭଳି ଆଖିଦୃଶିଆ ଅଭିବୃଦ୍ଧି ଘଟିନାହିଁ। ଏହା ସୂଚାଏ ଯେ ଗ୍ରାମୀଣ ଭାରତ ଏବେ ମଧ୍ୟ ଆର୍ଥିକ ଚାପ ମଧ୍ୟରେ ଗତି କରୁଛି। ଯଦି ଗ୍ରାମୀଣ ଅର୍ଥନୀତି ସତରେ ଏତେ ସୁଦୃଢ଼ ହୋଇଥାନ୍ତା, ତେବେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA) ରେ କାମ ମାଗୁଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଇବା କଥା, କିନ୍ତୁ ବାସ୍ତବରେ ସେଥିରେ ବିଶେଷ ପରିବର୍ତ୍ତନ ଦେଖାଯାଉନାହିଁ। ତେଣୁ ସର୍ଭେରେ ଗ୍ରାମୀଣ ବିକାଶ ନେଇ ଯେଉଁ ଦାବି କରାଯାଇଛି, ତାହାକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିବା ପୂର୍ବରୁ ଏହାର ତଳସ୍ତରର ସ୍ଥିତିକୁ ଯାଞ୍ଚ କରିବାର ଆବଶ୍ୟକତା ରହିଛି। କୃଷି କ୍ଷେତ୍ରରେ ଅଭିବୃଦ୍ଧି ଦେଖାଯାଇଥିଲେ ମଧ୍ୟ, ଜଳବାୟୁ ପରିବର୍ତ୍ତନ ଜନିତ ଅନିଶ୍ଚିତତା କୃଷକମାନଙ୍କ ଆୟ ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି, ଯାହାକୁ ସର୍ଭେରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇ ନଥିବା ପରି ମନେହୁଏ ।

ନିଯୁକ୍ତି ସୃଷ୍ଟି ଏବଂ ବେରୋଜଗାରୀ ପ୍ରସଙ୍ଗରେ ସର୍ଭେର ତଥ୍ୟ ଏବଂ ବାସ୍ତବିକତା ମଧ୍ୟରେ ଏକ ବଡ଼ ତାରତମ୍ୟ ପରିଲକ୍ଷିତ ହେଉଛି । ସରକାର ଦାବି କରୁଛନ୍ତି ଯେ ବେରୋଜଗାରୀ ହାର କମିଛି ଏବଂ ଶ୍ରମ ଶକ୍ତି ଅଂଶଗ୍ରହଣ ହାର (Labour Force Participation Rate) ବୃଦ୍ଧି ପାଇଛି । କିନ୍ତୁ ଏହି ପରିସଂଖ୍ୟାନର ବିଶ୍ଳେଷଣ କଲେ ଜଣାପଡ଼େ ଯେ, ଯେଉଁ ନିଯୁକ୍ତି ସୃଷ୍ଟି ହୋଇଛି ବୋଲି କୁହାଯାଉଛି, ସେଥିମଧ୍ୟରୁ ଅଧିକାଂଶ ହେଉଛି ଅଣ-ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ସ୍ୱ-ନିଯୁକ୍ତି (Self-employment), ଯାହାକୁ ଅନେକ ସମୟରେ 'ଛଦ୍ମ ବେରୋଜଗାରୀ' ବୋଲି କୁହାଯାଇପାରେ। ଉଚ୍ଚଶିକ୍ଷିତ ଯୁବକଯୁବତୀମାନଙ୍କ ପାଇଁ ଉପଯୁକ୍ତ ଚାକିରିର ଅଭାବ ଏବେ ମଧ୍ୟ ଏକ ଗୁରୁତର ସମସ୍ୟା ଭାବରେ ଉଭା ହୋଇଛି । ବିଶେଷକରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (AI) ଏବଂ ଅଟୋମେସନ୍ ଯୋଗୁଁ ଆଇଟି ଏବଂ ସେବା କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି, ଯାହା ଉପରେ ସର୍ଭେରେ ଆଲୋଚନା କରାଯାଇଥିଲେ ମଧ୍ୟ ଏହାର ମୁକାବିଲା ପାଇଁ କୌଣସି ଠୋସ୍ ରୋଡମ୍ୟାପ୍ ପ୍ରଦାନ କରାଯାଇନାହିଁ। କେବଳ 'ଗିଗ୍ ଇକୋନୋମି' (Gig Economy) ଉପରେ ନିର୍ଭର କରି ଦେଶର ଯୁବଶକ୍ତିକୁ ସ୍ଥାୟୀ ଆର୍ଥିକ ସୁରକ୍ଷା ପ୍ରଦାନ କରାଯାଇପାରିବ ନାହିଁ । ତେଣୁ ନିଯୁକ୍ତି ସଂକ୍ରାନ୍ତୀୟ ଦାବିଗୁଡ଼ିକ ଯେତିକି ଆକର୍ଷଣୀୟ, ବାସ୍ତବରେ ସ୍ଥିତି ସେତିକି ଜଟିଳ ।

ମୁଦ୍ରାସ୍ଫୀତି ନିୟନ୍ତ୍ରଣ ନେଇ ସର୍ଭେରେ ଯେଉଁ ସନ୍ତୋଷ ବ୍ୟକ୍ତ କରାଯାଇଛି, ତାହା ମଧ୍ୟ ବିତର୍କ ସାପେକ୍ଷ । ପରିସଂଖ୍ୟାନ ଅନୁଯାୟୀ ଖୁଚୁରା ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣାଧୀନ (୨-୨.୬%) ରହିଛି, କିନ୍ତୁ ଖାଦ୍ୟ ମୁଦ୍ରାସ୍ଫୀତି (Food Inflation) ବାରମ୍ବାର ସାଧାରଣ ଲୋକଙ୍କ ବଜେଟକୁ ବିଗାଡ଼ି ଦେଉଛି। ପିଆଜ, ଟମାଟୋ ଏବଂ ଡାଲି ଜାତୀୟ ଶସ୍ୟର ଦରବୃଦ୍ଧି ଯୋଗୁଁ ମଧ୍ୟବିତ୍ତ ଏବଂ ନିମ୍ନ ଆୟ ବର୍ଗର ପରିବାର ଗୁରୁତର ପ୍ରଭାବିତ ହେଉଛନ୍ତି। ହେଡଲାଇନ୍ ମୁଦ୍ରାସ୍ଫୀତି କମ୍ ଥିଲେ ମଧ୍ୟ, ଯଦି ଖାଦ୍ୟ ପଦାର୍ଥର ଦାମ୍ ଅଧିକ ରହେ, ତେବେ ଅର୍ଥନୈତିକ ସ୍ଥିରତାର ଦାବି ସାଧାରଣ ଜନତାଙ୍କ ପାଇଁ ଅର୍ଥହୀନ ହୋଇପଡ଼େ । ଏହା ବ୍ୟତୀତ, ଘରୋଇ ପୁଞ୍ଜି ନିବେଶ (Private Capex) ବିଷୟରେ ସର୍ଭେରେ ଯେଉଁ ଆଶାବାଦୀ ଚିତ୍ର ପ୍ରଦାନ କରାଯାଇଛି, ତାହା ସମ୍ପୂର୍ଣ୍ଣ ରୂପେ ବାସ୍ତବ ରୂପ ନେଇନାହିଁ । ଗତ କିଛି ବର୍ଷ ଧରି ସରକାର ଭିତ୍ତିଭୂମି ବିକାଶ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି, ଏହି ଆଶାରେ ଯେ ଘରୋଇ କମ୍ପାନୀମାନେ ମଧ୍ୟ ନିବେଶ ପାଇଁ ଆଗେଇ ଆସିବେ । କିନ୍ତୁ ତଥ୍ୟ କହୁଛି ଯେ, ଘରୋଇ କ୍ଷେତ୍ର ଏବେ ମଧ୍ୟ ନିବେଶ କରିବାକୁ ସଙ୍କୋଚ ବୋଧ କରୁଛି ଏବଂ 'ୱେଟ୍ ଆଣ୍ଡ ୱାଚ୍' (Wait and Watch) ନୀତି ଅବଲମ୍ବନ କରୁଛି । ଯଦି ଘରୋଇ ନିବେଶ ଆଶାନୁରୂପକ ନ ବଢ଼େ, ତେବେ କେବଳ ସରକାରୀ ଖର୍ଚ୍ଚ ଉପରେ ନିର୍ଭର କରି ଦୀର୍ଘକାଳୀନ ଅଭିବୃଦ୍ଧି ହାସଲ କରିବା କଷ୍ଟକର ହେବ।

ଉତ୍ପାଦନ କ୍ଷେତ୍ରରେ 'ମେକ୍ ଇନ୍ ଇଣ୍ଡିଆ' ଏବଂ ପିଏଲଆଇ (PLI) ସ୍କିମ୍ ର ସଫଳତା ନେଇ ସରକାର ବେଶ୍ ଉତ୍ସାହିତ ଅଛନ୍ତି । ମୋବାଇଲ୍ ଫୋନ୍ ଏବଂ ଇଲେକ୍ଟ୍ରୋନିକ୍ସ ରପ୍ତାନି ବୃଦ୍ଧିକୁ ଏହାର ପ୍ରମାଣ ଭାବରେ ଉପସ୍ଥାପନ କରାଯାଉଛି। ତେବେ ଏଠାରେ ବିଶ୍ଳେଷଣ କରିବା କଥା ହେଉଛି ଯେ, ଆମେ କେବଳ ଯନ୍ତ୍ରାଂଶ ଯୋଡ଼ିବା (Assembly) କାମ କରୁଛୁ ନା ପ୍ରକୃତରେ ମୂଲ୍ୟଯୁକ୍ତ (Value Addition) ଉତ୍ପାଦନ କରୁଛୁ ? ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ, ଚୀନ୍ କିମ୍ବା ଅନ୍ୟ ଦେଶରୁ କଞ୍ଚାମାଲ ଆମଦାନୀ କରି ଭାରତରେ କେବଳ ଯୋଡ଼ାଯାଉଛି, ଯାହା ଦ୍ୱାରା ଆମଦାନୀ ବିଲ୍ ମଧ୍ୟ ବଢ଼ୁଛି । ଯଦି ଆମେ ସମ୍ପୂର୍ଣ୍ଣ ଯୋଗାଣ ଶୃଙ୍ଖଳା (Supply Chain) କୁ ଭାରତରେ ସ୍ଥାପନ ନ କରିପାରିବା, ତେବେ ଏହି ଅଭିବୃଦ୍ଧି କେବଳ କ୍ଷଣସ୍ଥାୟୀ ହୋଇ ରହିଯିବ । ବୈଦେଶିକ ବାଣିଜ୍ୟ କ୍ଷେତ୍ରରେ ରପ୍ତାନି ବୃଦ୍ଧି ପାଇଥିଲେ ମଧ୍ୟ, ବିଶ୍ୱ ବଜାରରେ ସଂରକ୍ଷଣବାଦୀ ନୀତି ଏବଂ ଶୁଳ୍କ ଯୁଦ୍ଧ ଭାରତ ପାଇଁ ଏକ ବଡ଼ ବିପଦ । ସର୍ଭେରେ ଏହି ବାହ୍ୟ ବିପଦଗୁଡ଼ିକୁ ସ୍ୱୀକାର କରାଯାଇଛି, କିନ୍ତୁ ଏହାର ମୁକାବିଲା ପାଇଁ ଭାରତର ରପ୍ତାନି ବଜାରକୁ ବିବିଧିକରଣ (Diversification) କରିବାର ଆବଶ୍ୟକତା ରହିଛି, ଯାହା ଏବେ ମଧ୍ୟ ଏକ ଆହ୍ୱାନ ହୋଇ ରହିଛି ।

ପରିଶେଷରେ, ୨୦୨୫-୨୬ ଅର୍ଥନୈତିକ ସର୍ଭେ ଏକ ଆଶାବାଦୀ ଦସ୍ତାବିଜ ହୋଇପାରେ, କିନ୍ତୁ ଏହାକୁ ଅନ୍ଧ ଭାବରେ ଗ୍ରହଣ ନ କରି ଏକ ସତର୍କ ଦୃଷ୍ଟିଭଙ୍ଗୀ ସହ ବିଚାର କରିବା ଉଚିତ୍। ସରକାରୀ ଦାବି ଏବଂ ଭୂମିସ୍ତରୀୟ ବାସ୍ତବତା ମଧ୍ୟରେ ଥିବା ଫାଙ୍କକୁ ପୂରଣ କରିବା ପାଇଁ ଆଗାମୀ ବଜେଟରେ କଠୋର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କେବଳ ଜିଡିପି ସଂଖ୍ୟା ବଢ଼ାଇଲେ ହେବ ନାହିଁ, ବରଂ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଦକ୍ଷତା ବିକାଶ ଭଳି ସାମାଜିକ କ୍ଷେତ୍ରରେ ନିବେଶ ବଢ଼ାଇ ମାନବ ସମ୍ବଳର ବିକାଶ କରିବାକୁ ପଡ଼ିବ। ଅର୍ଥନୀତିର ସୁଫଳ ଯେପର୍ଯ୍ୟନ୍ତ ଗାଁର ଶେଷ ମଣିଷ ପାଖରେ ନ ପହଞ୍ଚିଛି, ସେପର୍ଯ୍ୟନ୍ତ 'ବିକଶିତ ଭାରତ' ର ସ୍ୱପ୍ନ କେବଳ କାଗଜ କଲମରେ ସୀମିତ ରହିଯିବ । ଏହି ସର୍ଭେ ସରକାରଙ୍କ ପାଇଁ ଏକ ଆତ୍ମସନ୍ତୋଷର କାରଣ ନ ହୋଇ, ବରଂ ଆଗାମୀ ଦିନର ଜଟିଳ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଏକ ସତର୍କ ଘଣ୍ଟି ହେବା ଉଚିତ୍ । ଦେଶର ଅର୍ଥନୈତିକ ଭବିଷ୍ୟତ କେବଳ ପରିସଂଖ୍ୟାନ ଉପରେ ନିର୍ଭର କରେ ନାହିଁ, ବରଂ ନୀତିଗତ ସ୍ୱଚ୍ଛତା ଏବଂ କାର୍ଯ୍ୟକାରିତାର ଦକ୍ଷତା ଉପରେ ନିର୍ଭରଶୀଳ ।



# ଗାନ୍ଧିଜୀଙ୍କ ରକ୍ତପାତ ଲୁଗାର ଆତ୍ମକଥା

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଆପଣମାନେ ଭାବିପାରନ୍ତି ଖଣ୍ଡିଏ ଲୁଗାର କ'ଣ ବା ଅନୁଭବ ଶକ୍ତି ଅଛି ? ମାତ୍ର ପ୍ରତିଟି ଲୁଗା ଭିତରେ ସୂକ୍ଷ୍ମ ଯେଉଁ ସାମର୍ଥ୍ୟ ଟିକକ ଥାଏ ସେ କଥା ଆପଣମାନେ ଜାଣି ପାରିବେ ବା କିପରି ? ମୁଁ ହେଉଛି ସେହି ଖଦଡ଼ ଲୁଗା ଖଣ୍ଡକ, ଯାହାକୁ ପରିଧାନ କରୁଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ । ୧୯୪୮ ମସିହା ଜାନୁଆରୀ ୩୦ ତାରିଖ ଦିନ ଗାନ୍ଧିଜୀଙ୍କ ଶରୀରକୁ ଆବୃତ କରି ରଖିବା ପାଇଁ ମୁଁ ଯେ ବ୍ୟବହୃତ ହେବି, ଏକଥା କଳ୍ପନା କରିନଥିଲି। ଗାନ୍ଧିଜୀ ସେହିଦିନ ମୋତେ ପିନ୍ଧି ସନ୍ଧ୍ୟାର ପ୍ରାର୍ଥନା ସ୍ଥଳକୁ ଆଭା ଓ ମନୁଙ୍କ ସହିତ ଯେତେବେଳେ ବାହାରିଲେ ସେତେବେଳେ ମୁଁ ଅପୂର୍ବ ଆନନ୍ଦ ଅନୁଭବ କରୁଥିଲି। ଗାନ୍ଧିଜୀଙ୍କ ଅଙ୍ଗପ୍ରତ୍ୟଙ୍ଗର ସ୍ନେହସ୍ପର୍ଶକୁ ମୁଁ ସର୍ବଦା ଅନୁଭବ କରିଆସିଛି। ତାଙ୍କ ଦେହକୁ ଆବୃତ କରି ମୁଁ ଯେତେବେଳେ ପ୍ରାର୍ଥନା ସଭାକୁ ଯାଏ, ସେତେବେଳେ ମୋର ପ୍ରତିଟି ସୂତାରେ ସୃଷ୍ଟି ହୁଏ ଏକ ଭିନ୍ନ କମ୍ପନ। ଭଗବଦ୍‌ଗୀତାର ଦିବ୍ୟବାଣୀ, କୋରାନ ଓ ବାଇବେଲ୍‌ର ପବିତ୍ର ବାକ୍ୟ ଓ ଗାନ୍ଧିଜୀଙ୍କ ଦ୍ୱାରା ମନୋନୀତ ପ୍ରାର୍ଥନା ସଙ୍ଗୀତ ଶୁଣିଲେ ମୁଁ ପ୍ରତିଟିଥର ସ୍ପନ୍ଦିତ୍ ହୁଏ ନୂତନ ଶିହରଣରେ। ମୋତେ ଲାଗେ ସତେ ଯେପରି ମୁଁ ନିଜେ ଗାନ୍ଧିଜୀଙ୍କ ପବିତ୍ର ଶରୀର ଓ ତାଙ୍କର ପବିତ୍ର ଆତ୍ମା ତଥା ହୃଦୟସ୍ପର୍ଶୀ ସଂଗୀତର ମୂର୍ଚ୍ଛନାରେ ମୋର ଜୀବନକୁ ସାର୍ଥକତା ବିମଣ୍ଡିତ କରିଦେଉଛି ।

ସେହି ଜାନୁଆରୀ ୩୦ ତାରିଖ ଦିନ ଯେତେବେଳେ ଗାନ୍ଧିଜୀଙ୍କ ଶରୀରରେ ଲାଖି ରହି ମୁଁ ଯାଉଥିଲି ପ୍ରାର୍ଥନା ସଭାକୁ, ସେତେବେଳେ ସେହି ମହନୀୟ ଅନୁଭୂତି ପୁନଶ୍ଚ ପ୍ରାପ୍ତ ହେବି, ଏହି ଆଶାରେ ମୁଁ ଥିଲି ପ୍ରଫୁଲ୍ଲ-ଚିତ୍ତ । ଆପଣମାନେ ଜାଣନ୍ତି ଗାନ୍ଧିଜୀ ଖଦଡ଼ ଲୁଗାକୁ କେତେ ଗଭୀର ଭାବରେ ଭଲ ପାଉଥିଲେ। ସେହି ଲୁଗା ଖଦଡ଼ରେ ତିଆରି ହୋଇଥିବାରୁ ମୋ ପ୍ରତି ଗାନ୍ଧିଜୀଙ୍କ ପ୍ରେମ ସ୍ୱତନ୍ତ୍ର ।

ଯେଉଁ ଦିନର କଥା ଆଜି ଉଲ୍ଲେଖ କରୁଛି ସେଦିନ ଆଭା ଓ ମନୁଙ୍କ ସହିତ ଗାନ୍ଧିଜୀ ପ୍ରାର୍ଥନା ସଭା ଉଦ୍ଦେଶ୍ୟରେ ଯାତ୍ରା କରୁଥିଲେ ସାମାନ୍ୟଚଞ୍ଚଳ ଗତିରେ। ମୁଁ ଦେଖିଲି ଠିକ୍ ୫ଟା ବାଜି ୧୫ ମିନିଟ୍ ବେଳକୁ ଜଣେ ଯୁବକ ଗାନ୍ଧିଜୀଙ୍କ ନିକଟତର ହୋଇ ତାଙ୍କୁ ପ୍ରଣାମ କରିବାର ଭଙ୍ଗୀରେ କିଛି କ୍ଷଣ ରହିବା ପରେ ୫ଟା ବାଜି ୧୭ ମିନିଟ୍‌ରେ ତା' ହାତରେ ଥିବା ପିସ୍ତଲରୁ ତିନିଟି ଗୁଳି ଭୟାନକ ଶବ୍ଦକରି ଗାନ୍ଧିଜୀଙ୍କ ଛାତି ଓ ଦେହକୁ ବିଦ୍ଧକଲା ଅଚାନକ ଭାବରେ । ଏ ଘଟଣାରେ ମୁଁ ଦୋହଲିଗଲି ସଂପୂର୍ଣ୍ଣ ଭାବରେ। ଚିନ୍ତାକରି ପାରିଲି ନାହିଁ କ୍ଷଣକରେ କ'ଣ ଘଟିଗଲା। ମୋର ଶୁଭ୍ର ରଙ୍ଗକୁ ଗାନ୍ଧିଜୀ କେତେ ଭଲ ପାଉଥିଲେ ! ମାତ୍ର ସେହି ଶୁଭ୍ରତା ନିମିଷକେ ଲାଲ ରଙ୍ଗରେ ରଞ୍ଜିତ ହୋଇଗଲା। ଗାନ୍ଧିଜୀଙ୍କ ଛାତିର ରକ୍ତଧାରାରେ ମୁଁ ଭିଜିଗଲି। ଗାନ୍ଧିଜୀ 'ହେ ରାମ', 'ହେ ରାମ' ଏଭଳି ଦୁଇଥର ଉଚ୍ଚାରଣ କରି ଟଳିପଡ଼ିଥିଲେ ସେହି ମୁହୂର୍ତ୍ତରେ। ଗାନ୍ଧିଜୀଙ୍କ ମୁହଁରୁ ରାମନାମର ଉଚ୍ଚାରଣ ମୁଁ ଶତସହସ୍ର ଥର ଶୁଣିଛି, କିନ୍ତୁ ତାହାହିଁ ଥିଲା ତାଙ୍କ ମୁହଁରୁ ସ୍ଫୁରିତ ହୋଇଥିବା ଶେଷ ରାମନାମ। ଗାନ୍ଧିଜୀଙ୍କ ରକ୍ତରେ ଜର୍ଜରିତ ହୋଇ ମୁଁ କି ଯେ ଯନ୍ତ୍ରଣା ସହ୍ୟ କରୁଥିଲି ତାହା ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ମୋର ବେଦନାକ୍ତ ହୃଦୟର କ୍ରନ୍ଦନ କାହାର କର୍ଣ୍ଣଭେଦ କରିବା ସମ୍ଭବ ନଥିଲା। ଗୋଟିଏ ପାଖରେ ଗାନ୍ଧିଜୀଙ୍କ ରକ୍ତଧାରା ଓ ଆଉ ଗୋଟିଏ ପାଖରେ ଗାନ୍ଧିପ୍ରେମୀ ସଜ୍ଜନଙ୍କ ଅଶ୍ରୁଧାରା ମୋର ସମଗ୍ର ସତ୍ତାକୁ ସିକ୍ତ କରିଦେଇଥିଲା ।

ଏହା ପରେ ହେଲା କ'ଣ ? ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ଅନ୍ତିମ ସଂସ୍କାର ଉଦ୍ଦେଶ୍ୟରେ ହଜାର ହଜାର ଶୋକାକୁଳ ଜନତାଙ୍କ ସ୍ରୋତରେ ନିଆଯାଇଥିଲା ସସମ୍ମାନରେ। ମାତ୍ର ଆପଣମାନେ ଜାଣିନାହାନ୍ତି ଯେ ମୁଁ ସେ ଶୋକଉଚ୍ଛଳ ଶୋଭାଯାତ୍ରାରେ ସାମିଲ ହୋଇ ପାରିନଥିଲି । ଗାନ୍ଧିଜୀଙ୍କ ଦେହକୁ ନୂତନ ଖଦଡ଼ ଲୁଗାରେ ଆଚ୍ଛାଦିତ କରି ଦିଆଯାଇଥିଲା। ଶହଶହ ପୁଷ୍ପମାଳାରେ, ସେହିପରି ଲକ୍ଷ ଜନତାର ଶ୍ରଦ୍ଧା ସୁମନ ତାଙ୍କ ପ୍ରତି ଅର୍ପିତ ହୋଇଥିଲା ସେଦିନ।

ମୁଁ ସେତେବେଳେ କେଉଁଠି ଥିଲି ଆପଣମାନଙ୍କ ମଧ୍ୟରୁ ଅନେକ ଜାଣିନଥିବେ। ଯେଉଁମାନେ ଗାନ୍ଧିଜୀଙ୍କର ଅତି ନିକଟତମ ସେମାନେ ମୋର ରକ୍ତରଞ୍ଜିତ ଖଦଡ଼ ବସ୍ତ୍ରଟିକୁ ଗାନ୍ଧିଜୀଙ୍କ ଦେହରୁ କାଢ଼ି ନେଇ ଅତ୍ୟନ୍ତ ଯତ୍ନ ସହକାରେ ସଂଗୃହୀତ କରି ରଖିଦେଇଥିଲେ । ଗାନ୍ଧିଜୀଙ୍କ ଦେହରେ ଲାଖି ରହି ମୁଁ ଯଦି ତାଙ୍କ ସହିତ ଶେଷଯାତ୍ରା କରିଥାନ୍ତି ଓ ତାଙ୍କର ନଶ୍ୱର ଶରୀର ସହିତ ମୁଁ ମଧ୍ୟ ଯଦି ଭସ୍ମୀଭୂତ ହୋଇଯାଇଥାନ୍ତି ତାହା ହେଲେ ମୋର ଆତ୍ମା ପରମାତ୍ମାଙ୍କ ନିକଟରେ ବିଲୀନ ହୋଇଯାଇଥାନ୍ତା। ମାତ୍ର ତାହା ହୋଇ ପାରିଲା ନାହିଁ ।

ଗାନ୍ଧିଜୀଙ୍କ ମହାପ୍ରୟାଣର ଅନେକ ଦିନ ବିତିଗଲାପରେ ଯେତେବେଳେ ଭାରତର ରାଜଧାନୀ ନୂଆଦିଲ୍ଲୀଠାରେ ଗାନ୍ଧୀ ସଂଗ୍ରହାଳୟର ନିର୍ମାଣ ହେଲା, ସେତେବେଳେ ମୁଁ ଏକ ସୁନ୍ଦର ସ୍ୱଚ୍ଛ କାଚବାକ୍ସ ମଧ୍ୟରେ ସଂରକ୍ଷିତ ହୋଇ ରହିଲି। ଭାରତର ବିଭିନ୍ନ ପ୍ରଦେଶରୁ ପୁରପଲ୍ଲୀରୁ ଶହ ଶହ ହଜାରହଜାର ସଂଖ୍ୟକ ଗାନ୍ଧୀଭକ୍ତ, ଗାନ୍ଧୀ ପ୍ରେମୀ ଓ ଗାନ୍ଧୀ ବିବେକର ଜ୍ୟୋତିରେ ଭାସ୍ୱର ଅଗଣିତ ଦର୍ଶକ ଏଠି ସଂଗ୍ରହାଳୟକୁ ଆସନ୍ତି। ଗାନ୍ଧିଜୀଙ୍କ ସବୁ କିଛି ବ୍ୟବହୃତ ସାମଗ୍ରୀ ଦେଖି ସେତେବେଳେ ଅନେକଙ୍କ ଆଖି ହୋଇଯାଏ ଅଶ୍ରୁସଜଳ। ଅନେକଙ୍କ ଆଖରୁ ବିନ୍ଦୁବିନ୍ଦୁ ଲୁହ ସ୍ୱଚ୍ଛ କାଚଉପରେ ପଡୁଥାଏ। ଭିତରେ ସଂରକ୍ଷିତ ରହି ମୁଁ ଦେଖୁଥାଏ ସେହି କରୁଣ ଦୃଶ୍ୟକୁ । ସେ ଲୁହ ବିନ୍ଦୁ ସବୁ ଯଦିଓ ସିଧାସଳଖ ଖଦଡ଼ ଲୁଗାକୁ ଛୁଇଁ ପାରେନା; ତା'ର ଉଷ୍ମତା ଓ ମମତା ମୋ ପ୍ରାଣକୁ ଭେଦ କରିଯାଏ। ଆପଣମାନଙ୍କ ଭଳି ମୋର ଆଖି ନାହିଁ। ମାତ୍ର ଏହି ସବୁ ମାର୍ମିକ ଦୃଶ୍ୟ ଦର୍ଶନ କରିବାର ଶକ୍ତି ମୋତେ ଭଗବାନ ଦେଇଛନ୍ତି । ଆପଣମାନଙ୍କ ପରି କାନ ମୋର ନାହିଁ, କିନ୍ତୁ ଏବେବି ଖଦଡ଼ ବସ୍ତ୍ରର ରକ୍ତରଞ୍ଜିତ ପ୍ରତିଟି ଅଂଶରୁ ଯେଉଁ 'ହେ ରାମ ଶବ୍ଦ ଉଚ୍ଚାରିତ ହେଉଥାଏ ତାହା ଶୁଣି ପାରିବାର ସାମର୍ଥ୍ୟ ମୋତେ ପ୍ରଦତ୍ତ ହୋଇଛି । ଗାନ୍ଧିଜୀଙ୍କ ରକ୍ତକଣିକା ସହିତ କଣ୍ଠ ମିଳାଇ ମୁଁ ମଧ୍ୟ ପ୍ରତିଟି ମୁହୂର୍ତ୍ତରେ ଗାଉଥାଏ ପ୍ରାର୍ଥନାର ପବିତ୍ରର ସଂଗୀତ। ଏ ରକ୍ତଭିଜା ଅଂଶରେ ଲାଖି ରହିଛି ଗାନ୍ଧିଜୀଙ୍କ ଆତ୍ମାର କାରୁଣ୍ୟ ଓ କରୁଣା। ଏଥିରେ ଲାଖି ରହିଛି ସମଗ୍ର ଅବିଭକ୍ତ ଭାରତବାସୀଙ୍କ ହୃଦୟକୁ ଥରାଇ ଦେବାଭଳି ଆନ୍ତରିକ ଆହ୍ୱାନ। ଗାନ୍ଧୀ-ଦର୍ଶନର ସବୁ ତତ୍ତ୍ୱ ଏହି ରକ୍ତସ୍ନାତ ଅଂଶରେ ବିରାଜିତ। ଆଜି ଗାନ୍ଧୀ ସଶରୀରେ ନାହାନ୍ତି, କିନ୍ତୁ ତାଙ୍କ ପବିତ୍ର ରକ୍ତଧାରାରେ ଭିଜିଯାଇଥିବା ମୁଁ ଏଇ ଖଦଡ଼ ବସ୍ତ୍ର ଖଣ୍ଡିକ ରହିଛି ଓ ରହିଥିବି ଚିରଦିନ ପାଇଁ । ପ୍ରତିବର୍ଷ ଜାନୁଆରୀର ୩୦ ତାରିଖ ଆସିଲେ ଆପଣମାନେ ଟିକିଏ ମନେ ପକାଇବେ ।

+ପରିଦର୍ଶକ ପ୍ରଫେସର
ଉତ୍କଳ ବିଶ୍ୱବିଦ୍ୟାଳୟ



# ବ୍ୟାସବିହାରକୁ ସ୍ୱାଗତମ୍ ମହାମହିମ

ନେତାଜୀ ତାପସ କୁମାର ସାହୁ



ଓଡିଆ ଜାତିର ପରିଚୟ, ମହାନ ସାରସ୍ୱତ ସାଧକ ତଥା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ ପୁରୋଧା ବ୍ୟାସକବି ଫକୀର ମୋହନ ସେନାପତିଙ୍କ ମାଟି ବାଲେଶ୍ୱର ଏବଂ ତାଙ୍କ ନାମରେ ନାମିତ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ଜଣାଉଛି ।

୧୯୯୯ ମସିହାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ସ୍ଥାପନା ପରେ କର୍ମଭୂମି ଓଡିଶା ସହ ଜଡ଼ିତ ମହାନ ବୈଜ୍ଞାନିକ ତଥା କ୍ଷେପଣାସ୍ତ୍ର ମାନବ ରୂପେ ପରିଚିତ ପୂର୍ବତନ ରାଷ୍ଟ୍ରପତି ଭାରତରତ୍ନ ଡଃ.ଏପିଜେ ଅବଦୁଲ କଲାମ ପ୍ରଥମ ବ୍ୟକ୍ତି ରୂପେ ବ୍ୟାସବିହାରର ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ବେଳେ ଦ୍ୱିତୀୟ ରାଷ୍ଟ୍ରପତି ରୂପେ ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆମ ବିଶ୍ୱବିଦ୍ୟାଳୟ ଗସ୍ତରେ ଆସୁଛନ୍ତି। ତତ୍ କାଳୀନ ଝାଡ଼ଖଣ୍ଡର ରାଜ୍ୟପାଳ ଥିବା ସମୟରେ ଶ୍ରୀମତୀ ମୁର୍ମୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଏକବିଂଶତମ ପ୍ରତିଷ୍ଠା ଦିବସ ୧୧ଜୁଲାଇ ୨୦୧୯ ମସିହାରେ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିଲେ । ଯାହାକି ଆମ ବିଶ୍ୱବିଦ୍ୟାଳୟ ପାଇଁ ଏକ ସ୍ମରଣୀୟ ଦିବସ ଥିଲା । ତେଣୁ ଦେଖିବାକୁ ଗଲେ ବ୍ୟାସବିହାରକୁ ମହାମହିମଙ୍କ ଏହା ଦ୍ୱିତୀୟ ଗସ୍ତ ।ନାରୀ ସଶକ୍ତିକରଣର ପ୍ରତୀକ ରୂପେ ଓଡିଶା ମାଟିର ଗୌରବ ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଏବଂ ସଂଘର୍ଷ ପୂର୍ଣ୍ଣ ଜୟଯାତ୍ରା ଆମ ସମସ୍ତଙ୍କ ପ୍ରେରଣା ଓ ଆମେ ସମସ୍ତେ ଉତ୍କଣ୍ଠାର ସହିତ ପ୍ରଥମ ଗସ୍ତ ସମୟରେ ତାଙ୍କର ବକ୍ତବ୍ୟ ଶୁଣିବା ପାଇଁ ଯେଉଁପରି ଭାବେ ଉପସ୍ଥିତ ଥିଲେ, ତାହା କହିବାକୁ ଗଲେ ଏକ ଅଭୁଲା ସ୍ମୃତି। ମୋର ସୌଭାଗ୍ୟ ଏକବିଂଶ ତମ ପ୍ରତିଷ୍ଠା ଦିବସ ପାଳନ ବର୍ଷରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଉଦ୍ଭିଦ ବିଜ୍ଞାନ ଛାତ୍ର ଥିଲି ଏବଂ ଉକ୍ତ ଦିନ ତାଙ୍କର ପ୍ରତ୍ୟକ୍ଷ ଅଭିଭାଷଣ ଶୁଣିବାର ସୁଯୋଗ ମିଳିଥିଲା। ମହାମହିମଙ୍କ ବକ୍ତବ୍ୟ ସେଦିନ କେବଳ ଏକବିଂଶତମ ପ୍ରତିଷ୍ଠା ଦିବସ ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ଏକବିଂଶ ଶତାବ୍ଦୀ ପାଇଁ ବିଦ୍ୟାର୍ଥୀ ସମାଜକୁ ମାର୍ଗ ଦର୍ଶନ କରିଥିଲା । ଉକ୍ତ ସ୍ମରଣୀୟ ଦିନରେ କହିଥିବା ଅନେକ ପ୍ରସଙ୍ଗକୁ ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ପ୍ରୟୋଗ କରି ଆଜି ନାକ 'ଏ' ଗ୍ରେଡ ହାସଲ କରିବା ସହ ପୂରା ରାଜ୍ୟରେ ଅଗ୍ରଣୀ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଛି ।

ସାଧାରଣ ଜୀବନ ଯାପନ କରିବା ସହ ଉଚ୍ଚ ଭାବନାକୁ ଗୁରୁତ୍ୱ ଦେଉଥିବା ଶ୍ରୀମତୀ ମୁର୍ମୁ ସେଦିନ କହିଥିବା ପ୍ରସଙ୍ଗରୁ କିଛି ସାରାଂଶ ଉଲ୍ଲେଖ କରୁଛି । ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଆପ୍ତ ବାକ୍ୟ ଥିଲା 'ମୋ ମାତୃଭାଷା ମତେ ଶ୍ରେଷ୍ଠ ।' ଆଜିର ଯୁବପିଢ଼ି ଇଂରାଜୀ ସମେତ ବିବିଧ ଭାଷା ଶିକ୍ଷା ଲାଭ କରିଲେ ସୁଦ୍ଧା ନିଜର ମାତୃଭାଷା, ମାତୃଭୂମି ଏବଂ ମାଟି ମାଆର ସୁଗନ୍ଧକୁ ଭୁଲିବା ଅନୁଚିତ । କାରଣ ସେ ହିଁ ଆମର ପରିଚୟ । 'ରେବତୀ' ଠାରୁ 'ଛ ମାଣ ଆଠ ଗୁଣ୍ଠ' ପର୍ଯ୍ୟନ୍ତ ଅନେକ କାଳଜୟୀ ସୃଷ୍ଟି କେବଳ ଫକୀରମୋହନଙ୍କୁ ନୁହ ଏ ସାହିତ୍ୟ ସାଧନାର ମାଟିକୁ ବିଶ୍ୱ ବିଦିତ କରିଛି। ଓଡିଆ ଭାଷା ଏବଂ ଓଡିଶାକୁ ସୁରକ୍ଷିତ ରଖିବା ପାଇଁ ସେନାପତି ରୂପେ ବ୍ୟାସକବିଙ୍କ ଅଦମ୍ୟ ପ୍ରୟାସ ତାଙ୍କୁ ଧ୍ରୁବତାରା ସଦୃଶ ପରିଚୟ ଦେଇଛି ଓ ସେହିପରି ବିଜ୍ଞାନ, ବାଣିଜ୍ୟ,କଳା ବିଷୟ ପ୍ରତି ସାଧାରଣରେ ଏକ ଭିନ୍ନ ଭାବନା ରହିଥିବା ବେଳେ ମହାମହିମ କିନ୍ତୁ କହିଥିଲେ ଜୀବନ ଜୀବିକା ପାଇଁ ବିଜ୍ଞାନ ଓ ବାଣିଜ୍ୟ ଯେତିକି ଅପରିହାର୍ଯ୍ୟ, କଳା ଓ ସାହିତ୍ୟ ମଧ୍ୟ ସେତିକି ଅପରିହାର୍ଯ୍ୟ । ଯେଉଁପରି ବିଜ୍ଞାନ ବିନା ଆମେ ବଞ୍ଚିବା ଅସମ୍ଭବ ସେହିପରି କଳା, ସାହିତ୍ୟ ଓ ଭାଷା ବିନା ଆମ ଜୀବନ ଅସମ୍ପୂର୍ଣ୍ଣ । ସାମ୍ପ୍ରତିକ ସମୟରେ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରସ୍ଫୁଟିତ ବିଭିନ୍ନ କୌଶଳ ଓ ଦକ୍ଷତା ସହିତ ନିରନ୍ତର ପରିଶ୍ରମ ଯୋଗୁଁ ବିଶ୍ୱରେ ଭାରତ ଏକ ନୂଆ ଆଶା ରୂପେ ଉଭା ହୋଇଛି । ଅନେକ ଦେଶ ପାଇଁ ଭାରତ ଏବେ ଆଶାର ସୂର୍ଯ୍ୟ ସଦୃଶ । ତେଣୁ ପାଠ ପଢ଼ିବା ସମୟରେ ପ୍ରତିଯୋଗିତା ହେବା ସ୍ୱାଭାବିକ। ମାତ୍ର ଏହି ପ୍ରତିଯୋଗିତାରେ ଆମେ ନିଜେ ନିଜର ପ୍ରତିଦ୍ୱନ୍ଦୀ ହେବା ଆବଶ୍ୟକ ତଥା ବ୍ୟକ୍ତିଗତ ଜୀବନରେ ସହନଶୀଳତା ଓ ସହଯୋଗିତା ଗୁଣର ବିକାଶ ନିତାନ୍ତ ଜରୁରୀ। ବିଶ୍ୱବିଦ୍ୟାଳୟ ହେଉଛି ଜ୍ଞାନ, ଅନୁସନ୍ଧାନ ଏବଂ ଗବେଷଣାର କ୍ଷେତ୍ର ଏବଂ ଏଥିପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଧ୍ୟେୟ 'ସତ୍ୟ, ସାଧନା ଓ ସ୍ୱାଭିମାନ'କୁ ମୂଳମନ୍ତ୍ର ରୂପେ ଗ୍ରହଣ କରିବା ଆବଶ୍ୟକ । ସାମାଜିକ ପ୍ରାଣୀ ରୂପେ ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ବୋଧତା ରହିଛି। ଆମେ ପାଠ ପଢି ନିଜ ପାଇଁ ଏବଂ ନିଜ ପରିବାର ପାଇଁ ଅର୍ଥ ରୋଜଗାର କରିବା ଜରୁରୀ, ମାତ୍ର ସମାଜ ପାଇଁ କିଛି ନକରିଲେ ସେ ପାଠ ପଢ଼ାର କୌଣସି ମୂଲ୍ୟ ନାହିଁ କ୍ଷ ସମାଜରେ ଅନେକ ଲୋକ ଅଛନ୍ତି ଯେଉଁମାନେ ଶାରୀରିକ ଭାବରେ ଅକ୍ଷମ, ମାନସିକ ସ୍ତରରେ ଅନଗ୍ରସର ଏବଂ ସାମାଜିକ କ୍ଷେତ୍ରରେ ପଛରେ ରହିଛନ୍ତି । ସେମାନଙ୍କୁ ହାତଧରି ଆଗକୁ ନେବା ପାଇଁ ପଡ଼ିବ । ସମାଜର ପ୍ରଗତି ସେତିକି ବେଳେ ସମ୍ଭବ, ଯେତେବେଳେ ସେମାନେ ମୁଖ୍ୟ ଧାରାରେ ସାମିଲ ହେବେ । ତେଣୁ ଆମେ ଯେଉଁ କ୍ଷେତ୍ରରେ ରହିଛୁ ସେଠାରେ ଚିନ୍ତନ କରିବାକୁ ହେବ ଏବଂ ସମୟ ନିର୍ଦ୍ଧାରିତ କରି ତାଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟ କରିବାକୁ ହେବ। କାରଣ ସେମାନେ ଅପେକ୍ଷିତ ହୋଇ ଆମମାନଙ୍କୁ ଅନେଇ ବସିଛନ୍ତି । ଶିକ୍ଷା ସମାଜ ପାଇଁ ସମର୍ପିତ ହେବା ଆବଶ୍ୟକ ବୋଲି ବେଶ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ ଶ୍ରୀମତୀ ମୁର୍ମୁ ।

ପରିଶେଷରେ ଧାନ, ପାନ, ମୀନ, କଳା, ସାହିତ୍ୟ ଓ ବିଜ୍ଞାନର ଭୂମି ବାଲେଶ୍ୱରର ଜ୍ଞାନ କ୍ଷେତ୍ର ବ୍ୟାସବିହାରର ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ସ୍ମରଣୀୟ ସମ୍ବୋଧନ ଅପେକ୍ଷାରେ ଆମେ ସଭିଏଁ । ଆମର ବିଶ୍ୱାସ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଏବଂ ସ୍ୱାଧୀନ ଭାରତର ଶତବାର୍ଷିକୀ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ନିଜର ଗୌରବମୟ ଜୟଯାତ୍ରାର ଏକ ସ୍ୱର୍ଣ୍ଣିମ ସଫଳତାର ପୃଷ୍ଠା ନିଶ୍ଚିତ ଭାବରେ ଯୋଡ଼ିବ ଏବଂ ଏହାର ଆଧାର ରଖିବେ ମହାମହିମ ରାଷ୍ଟ୍ରପତି ମହୋଦୟା ।

+ପ୍ରାକ୍ତନ୍ ଛାତ୍ର,ଫକୀରମୋହନ
ବିଶ୍ୱବିଦ୍ୟାଳୟ,ବାଲେଶ୍ୱର
ମୋ: ୮୨୬୦୩୫୬୧୧୩




## ନୂଆକୁ ପାଇବାର ଖୁସି ଅପେକ୍ଷା

ଗୌରୀ ମେହେର

ପୁରୁଣାକୁ ଛାଡ଼ିବାର କଷ୍ଟ ନିହାତି ଅଧିକ
ନୂଆ ହୋଇପାରେ ନିଷ୍ଚୟ ସୁଖ ପ୍ରଦ
ଅଧିକା ସୁନ୍ଦର, ଆନନ୍ଦ ମୟ, ବିଳାସ ମୟ,
ହେଲେ ତା ବଦଳରେ ପୁରୁଣାକୁ ଛାଡିବାର ଦୁଃଖ
ସେଇ ସୁଖଠୁ ଶହେ ଗୁଣା ଅଧିକ ନିଷ୍ଚୟ ।
ନୂଆ ଘରଟେ ତିଆରି କଲୁ ବୋଲିକି,
ପୁରୁଣା ଘରକୁ ଛାଡ଼ିବାକୁ ପଡୁଛି,
ସବୁ ସ୍ମୃତି ମିଠା ମିଠା ଅନୁଭୂତି
ଏଇ ପୁରୁଣା ଘରେ ହିଁ ତ ଗଚ୍ଛିତ ରହିଛି ।
ଆମ ସବୁ ସୁଖେ, ଦୁଃଖେ, ମାଆ ପରି ସେ ତ
ସସ୍ନେହେ ଆମକୁ ଆଶ୍ରିତ କରିଛି,
ତା ପ୍ରତି କୋଣେ, କାନ୍ଥେ ମାଆର ମମତା
ଚାହିଁ ଦେଲେ ଝଲସି ଉଠୁଛି।
ବିଳାସମୟ ନହେଲେ ବି ସିଏ
ସ୍ୱର୍ଗ ସମ ସୁଖ ସଦା ଦେଇ ଚାଲିଛି,
ହେଲେ ଏବେ ସେ ପୁରୁଣା ହୋଇଗଲା ବୋଲି
ତାକୁ ଛାଡ଼ିବା କଠିଣ ହେଉଛି ।
ମୁଁ ବୋହୂ ବେଶେ ଆସି ପ୍ରଥମେ
ତା କୋଳେ ହିଁ ହୋଇଥିଲି ଆଶ୍ରିତ,
କେତେ ଯେ ନିବିଡ, ତା ସହ ଭାବ ବନ୍ଧନ
ଏବେ ମନ ବୁଝୁନି ତାକୁ ଛାଡି ଯିବାକୁ ଅନ୍ୟତ୍ର ।
ପୁରୁଣା ଘର ବିଦାୟ ମାଗିଲେ,
ଆଖିରୁ ଆପେ ଲୋତକ ଝରି ପଡୁଛି,
ନୂଆକୁ ପାଇବାର ଖୁସି ଅପେକ୍ଷା,
ପୁରୁଣାକୁ ଛାଡିବାର କଷ୍ଟ ନିହାତି ଅଧିକ ଲାଗୁଛି,
ଛାଡିବାର କଷ୍ଟ ଅଧିକ ଲାଗୁଛି।

+ଗମ୍ଭାରୀଗୁଡ଼ା, ସିନାପାଲି, ନୂଆପଡା
ମୋ: ୯୧୭୮୭୪୧୩୩୬

## ପ୍ରଦୂଷଣ

ଦୀପକ କୁମାର ନାୟକ

ବାଦାମ ଭାଜିବା ଦ୍ୱାରା ପ୍ରଦୂଷଣ
ପଲ୍ୟୁସନ ବିଭାଗଟା
କହୁଅଛି ଆସି ଦୋକାନୀ ଭାଇକୁ
ପଡିବରେ ଫାଇନିଟା ।।

ବାଦାମ ଭାଜିବା କାରଣେ ହେଉଛି
ବାୟୁ ଆମ ପ୍ରଦୂଷଣ
ଆମର ଏ କଥା ନ ମାନିଲେ ଦେବ
ପାଞ୍ଚ ହଜାରଟି ଜାଣ ।।

ବିଡି ସିଗାରେଟ୍ ଗଞ୍ଜେଇ ଟାଣିଲେ
ହେଉନାହିଁ ପ୍ରଦୂଷଣ
ସେଥିପାଇଁ ବୋଧେ ଜନ ଗହଳିରେ
ଛାଡୁଛନ୍ତି ଧୁଆଁବାଣ ।।

ରୋଷେଇ କରିଲେ ଗାଡ଼ି ଚଳାଇଲେ
ପ୍ରଦୂଷଣ ବୋଧେ ଶୂନ
ସେଥିପାଇଁ ବୋଧେ ତାକୁ ନେଇ କେବେ
ହେଉନାହିଁ ବା ବାରଣ ।।

ବାଣ ଫୁଟାଇଲେ ପ୍ରଦୂଷଣ ହୁଏ
ନାହିଁ ବିଭାଗକୁ ଜଣା
ସେଥିପାଇଁ କିଛି ସମୟ ପାଇଁକି
କରିଥାଏ କଟକଣା ।।

ଶ୍ମଶାନରେ ଶବ ପୋଡିବା ଦ୍ୱାରା ବି
ହେଉନାହିଁ ପ୍ରଦୂଷଣ
ବାଦାମ ଭାଜିଲେ ପ୍ରଦୂଷଣ ଖାଲି
ହେଉଅଛି ଘନଘନ
ହେଉଅଛି ଘନଘନ ।।

ଯୁବ ସାମ୍ବାଦିକ
ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ
ମୋ: ୮୬୩୭୨୬୧୮୨୮




ସିନେମାରେ ଶୁଭିବନି ଅରିଜିତଙ୍କ ସ୍ୱର । ଆଉ ସିନେମାରେ ଗୀତ ଗାଇବେନି ଲୋକପ୍ରିୟ କଣ୍ଠଶିଳ୍ପୀ ଅରିଜିତ ସିଂ । ବଲିଉଡର ଅନେକ ହିଟ ସିନେମାରେ ଗୀତ ଗାଇ ଶ୍ରୋତାଙ୍କ ମନ ଜିଣିଥିବା ଅରିଜିତ ପ୍ରଚ୍ଛଦପଟ୍ଟ ଗାୟକ ଭାବେ କୌଣସି ସିନେମାରେ ଆଉ କାମ କରିବେନି । ଏଭଳି ଘୋଷଣା କରି ଚମକାଇ ଦେଇଛନ୍ତି ଅରିଜିତ । ନିଜ ସୋସିଆଲ ମିଡିଆରେ ଏପରି ଘୋଷଣା କରିଛନ୍ତି ଅରିଜିତ । ତେବେ ସିନେ ସଙ୍ଗୀତରେ ବ୍ରେକ୍ ନେଇ ଅରିଜିତଙ୍କ ଘୋଷଣା ପରେ ଭାବୁକ ହୋଇଛନ୍ତି ତାଙ୍କ ପ୍ରଶଂସକ । ନୂଆବର୍ଷରେ ନିରାଶାର ଖବର ଦେଇ ତାଙ୍କର କୋଟି କୋଟି ପ୍ରଶଂସକଙ୍କୁ ଅରିଜିତ ଦୁଃଖିତ କରିଥିବା ବେଳେ ଶ୍ରୋତାଙ୍କ ସ୍ନେହ ଓ ଶ୍ରଦ୍ଧା ପାଇଁ ଧନ୍ୟବାଦ ଦେଇଛନ୍ତି । ଆଉ ଲେଖିଛନ୍ତି- ଏବେଠାରୁ ଆଉ କୌଣସି ନୂଆ କାମ କରିବି ନାହିଁ । କଣ୍ଠଶିଳ୍ପୀ ଯାତ୍ରାକୁ ଏହି ଠାରେ ହିଁ ବିରାମ ଦେଉଛି । ଏହା ମୋ ପାଇଁ ଏକ ଚମତ୍କାର ଯାତ୍ରା ଥିଲା । ତେବେ ଅରିଜିତ ସ୍ପଷ୍ଟ କରିଦେଇଛନ୍ତି କି ସେ ପୁରୁଣା ଚୁକ୍ତି ସବୁ ପୂରା କରିବେ ମାତ୍ର ଗୀତ ଗାଇବା ଛାଡ଼ିବେ ନାହିଁ ।




ପୁଣି ଚର୍ଚ୍ଚାରେ ଲୋକପ୍ରିୟ ରିଆଲିଟି ଶୋ' ବିଗ୍ ବସ୍ ବିଜେତା ତଥା ଅଭିନେତା ଗୌରବ ଖନ୍ନା। ଶୋ'ରେ ପତ୍ନୀଙ୍କ ପ୍ରତି ଥିବା ଭଲପାଇବାକୁ ନେଇ ସେ ଖବର ଶିରୋନାମାରେ ରହୁଥିଲେ। କାରଣ ବିବାହର ଦଶନ୍ଧି ହେବାକୁ ଯାଉଥିଲେ ହେଁ ସନ୍ତାନ ନ ଥିବା ପ୍ରଶ୍ନର ଉତ୍ତରରେ ସେ ସମସ୍ତଙ୍କ ମନ ଜିଣିଥିଲେ। ପତ୍ନୀ ଆକାଂକ୍ଷା ସନ୍ତାନ ଚାହୁଁ ନ ଥିବାରୁ ସେ ତାହାକୁ ସମ୍ମାନ ଜଣାଉଥିବା କହିଥିଲେ। ହେଲେ ଏବେ ଦୁହିଁଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଚର୍ଚ୍ଚା ଜୋର ଧରିଛି। ଏହା ପଛରେ ରହିଛି ଆକାଂକ୍ଷାଙ୍କ ପୋଷ୍ଟ।

ଆକାଂକ୍ଷା ସୋସିଆଲ ମିଡିଆରେ ସମ୍ପର୍କକୁ ନେଇ ଏକ କ୍ରିପ୍ଟିକ୍ ପୋଷ୍ଟ ଶେୟାର କରିଛନ୍ତି, ଯାହାକି ପ୍ରଶଂସକଙ୍କୁ ଆଘାତ ଦେଇଛି। ସେ ଲେଖିଛନ୍ତି, ଯେଉଁ ସମ୍ପର୍କର ମୂଳଦୁଆ କେବଳ ଆବଶ୍ୟକତା ଉପରେ ଥାଏ, ସେଠାରେ ହୃଦୟ ବଳି ପଡ଼ିଯାଏ। ଏହି ପୋଷ୍ଟ ଭାଇରାଲ ହେବା ପରେ ଗୌରବଙ୍କ ସହ ତାଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିବା ଅନୁମାନ କରାଯାଉଛି। ସେହିଭଳି କିଛି ବ୍ୟବହାରକାରୀ ପୋଷ୍ଟଟି ତାଙ୍କର ଅପକମିଂ ପ୍ରୋଜେକ୍ଟର ପୂର୍ବ ସୂଚନା ବୋଲି କହୁଛନ୍ତି।

କହିରଖୁଛୁ, ଆକାଂକ୍ଷା ଚମୋଲା ଏବଂ ଗୌରବ ଖନ୍ନା ୨୦୧୬ରେ ବିବାହ କରିଥିଲେ। ବେଶ ଗୋପନୀୟରେ ବିବାହ ଅନୁଷ୍ଠିତ ହୋଇଥିଲା। ଏବେ ଉଭୟଙ୍କ ସମ୍ପର୍କକୁ ନେଇ କରାଯାଉଥିବା ଆକଳନ କେତେ ସତ କେତେ ମିଛ ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ମେଟ୍ରୋରେ ଷ୍ଟଣ୍ଟ କରିବା ପଡିଲା ମହଙ୍ଗା: ବରୁଣ ଧାୱନଙ୍କୁ ଜରିମାନା

ବର୍ଡର ୨କୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ, ଅଭିନେତା ବରୁଣ ଧାୱନ ପୁଣି ଥରେ ଲାଇମଲାଇଟକୁ ଆସିଛନ୍ତି । ମୁମ୍ବାଇ ମେଟ୍ରୋ କୋଚରେ ତାଙ୍କର ପୁଲ୍-ଅପ୍ କରୁଥିବାର ଏକ ଭିଡିଓ ବର୍ତ୍ତମାନ ଭାଇରାଲ ହୋଇଛି। ଶନିବାର, ଅଭିନେତା ଏକ ସିନେମା ହଲ୍ ଯିବା ପାଇଁ ବାହାରିଥିବା ବେଳେ ପ୍ରବଳ ଟ୍ରାଫିକ ରହିଥିଲା । ସେ ଏହାକୁ ଏଡାଇବା ପାଇଁ ମେଟ୍ରୋରେ ଯାଇଥିଲେ । ବରୁଣ ଧାୱନ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଭିଡିଓଟି ସେୟାର କରି ତାଙ୍କ ଫୋଲର୍ସଙ୍କୁ ଅନୁମାନ କରିବାକୁ କହିଥିଲେ ଯେ ସେ କେଉଁ ସିନେମା ହଲ୍ ଯାଉଛନ୍ତି।



ଏକ ମେଟାଲ୍ ବାର୍ ଉପରେ ପୁଲ୍-ଅପ୍ କରୁଥିବାର ଭିଡିଓଟି ସେୟାର ହେବାର କିଛି ସମୟ ପରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ମୁମ୍ବାଇ ମେଟ୍ରୋ ଅପରେସନ୍ କର୍ପୋରେସନ୍ ସୋସିଆଲ ମିଡିଆରେ ଭିଡିଓଟି ସେୟାର କରି ପ୍ରତିକ୍ରିୟା ପ୍ରକାଶ କରିଛି ଏବଂ ଅଭିନେତାଙ୍କୁ ଜାରି କରାଯାଇଥିବା ସୁରକ୍ଷା ପରାମର୍ଶ ବିଷୟରେ ସୂଚନା ଦେଇଛି । ଭିଡିଓ ସହିତ ଥିବା କ୍ୟାପସନରେ ଲେଖାଥିଲା, "ଏହି ଭିଡିଓରେ ଏକ ଡିସକ୍ଲାମର ରହିବା ଉଚିତ ଥିଲା, ଯେପରି ଆପଣଙ୍କର ଆକ୍ସନ ଫିଲ୍ମରେ ହୁଅ । ବରୁଣ ଧାୱନ ମହା ମୁମ୍ବାଇ ମେଟ୍ରୋରେ ଏହା ଚେଷ୍ଟା କରନାହିଁ। ଆମେ ବୁଝିପାରୁଛୁ, ଆମ ମେଟ୍ରୋ ଭିତରେ ବନ୍ଧୁମାନଙ୍କ ସହିତ ବୁଲିବା ଭଲ, କିନ୍ତୁ ଗ୍ରାବ ହେଣ୍ଡେଲ ଟାଣିବା ପାଇଁ ନୁହେଁ । ଏପରି କାର୍ଯ୍ୟ ମେଟ୍ରୋ ରେଲବାଇ ଆଇନ ୨୦୦୨ ଅନୁଯାୟୀ, ଉପଦ୍ରବ ଏବଂ/ଅଥବା ସମ୍ପତ୍ତିର କ୍ଷତି ସହିତ ଜଡିତ ଧାରା ଅନୁଯାୟୀ ଦଣ୍ଡନୀୟ। ଅପରାଧର ଗମ୍ଭୀରତା ଉପରେ ନିର୍ଭର କରି, ଜରିମାନା ଏବଂ ଜେଲଦଣ୍ଡ ମଧ୍ୟ ହୋଇପାରେ। ତେଣୁ ବନ୍ଧୁମାନେ, ବୁଲି ଯାଅ, କିନ୍ତୁ ସେଠାରେ ଝୁଲ ନାହିଁ। ଦାୟିତ୍ୱର ସହ ମହା ମୁମ୍ବାଇ ମେଟ୍ରୋରେ ଯାତ୍ରା କର।"

## ଭାଇରାଲ ହେଲେ ଡାକ୍ତରାଣୀରୁ ମଡେଲ ସାଜିଥିବା ମାନୁଷୀ



ବଲିଉଡ ଅଭିନେତ୍ରୀ ଏବଂ ପୂର୍ବତନ ମିସ ୱାର୍ଲଡ ମାନୁଷୀ ଚିଲ୍ଲର ପୁଣି ଥରେ ତାଙ୍କ ଗ୍ଲାମରସ ଷ୍ଟାଇଲ ପାଇଁ ଖବରରେ ଅଛନ୍ତି। ସମ୍ପ୍ରତି ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି, ଯେଉଁଥିରେ ତାଙ୍କୁ ଲାଲ ବିକିନି ପିନ୍ଧିଥିବା ଦେଖାଯାଇଛି। ଫଟୋଗୁଡ଼ିକ ଇଣ୍ଟରନେଟରେ ହଇଚଇ ସୃଷ୍ଟି କରିଛି, କେବଳ ପ୍ରଶଂସକମାନେ ନୁହେଁ ବରଂ ଅନେକ ସେଲିବ୍ରିଟି ମଧ୍ୟ ତାଙ୍କୁ ପ୍ରଶଂସା କରିଛନ୍ତି।

ମାନୁଷୀ ବର୍ତ୍ତମାନ ଭ୍ୟାକେଶନରେ ଅଛନ୍ତି ଏବଂ ସେଠାରୁ ଏହି ସୁନ୍ଦର ଫଟୋଗୁଡ଼ିକୁ ଶେୟାର କରିଛନ୍ତି। ସେ ଲାଲ ବିକିନି ସହ ଖୁବ କମ୍ ମେକଅପ କରିଥିଲେ। ତାଙ୍କର ଖୋଲା କେଶ ଏବଂ କନଫିଡେନ୍ସ ଷ୍ଟାଇଲ ତାଙ୍କୁ ଆହୁରି ସ୍ପେଶାଲ କରିଥାଏ। ଫଟୋଗୁଡ଼ିକରେ ମାନୁଷୀଙ୍କ ଆତ୍ମବିଶ୍ୱାସ ସ୍ପଷ୍ଟ ଭାବରେ ଦେଖାଯାଉଛି, ଯାହାକୁ ପ୍ରଶଂସକମାନେ ପସନ୍ଦ କରୁଛନ୍ତି।

ମାନୁଷୀଙ୍କ ଲାଲ ବିକିନି ପିନ୍ଧିଥିବା ଫଟୋଗୁଡ଼ିକ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହି ଫଟୋଗୁଡ଼ିକୁ ଜବରଦସ୍ତ କମେଣ୍ଟ ମିଳୁଛି। ଅଳ୍ପ ସମୟ ମଧ୍ୟରେ, ଲକ୍ଷ ଲକ୍ଷ ଲାଇକ ଏବଂ ଅନେକ କମେଣ୍ଟ ପାଇଛନ୍ତି। ପ୍ରଶଂସକମାନେ ତାଙ୍କୁ 'ଷ୍ଟଣ୍ଣିଂ', 'ଗର୍ଜିୟସ' ଏବଂ 'କୁଇନ' ବୋଲି କହୁଛନ୍ତି। ଅନେକ ଲୋକ କହୁଛନ୍ତି ଯେ ମାନୁଷୀ ପ୍ରତ୍ୟେକ ଲୁକରେ ଚମତ୍କାର ଦେଖାଯାଆନ୍ତି, ଯେତେବେଳେ କିଛି ପ୍ରଶଂସକ ଲେଖିଛନ୍ତି ଯେ ଲାଲ ରଙ୍ଗ ତାଙ୍କୁ ବହୁତ ଭଲ ଲାଗୁଛି।



ମାନୁଷୀ ଚିଲ୍ଲର ୨୦୧୭ରେ ମିସ ୱାର୍ଲଡ ଟାଇଟଲ ଜିତି ଭାରତକୁ ଗୌରବ ଆଣିଥିଲେ। ଏହା ପରେ ସେ ଚଳଚ୍ଚିତ୍ର ଜଗତରେ ପ୍ରବେଶ କରିଥିଲେ। ସେ ଅକ୍ଷୟ କୁମାରଙ୍କ ଅପୋଜିଟରେ ସମ୍ରାଟ ପୃଥ୍ୱୀରାଜ ଚଳଚ୍ଚିତ୍ର ମାଧ୍ୟମରେ ବଲିଉଡରେ ଡେବ୍ୟୁ କରିଥିଲେ। ଯଦିଓ ଏହି ଚଳଚ୍ଚିତ୍ରଟି ବକ୍ସ ଅଫିସରେ ଭଲ ପ୍ରଦର୍ଶନ କରିପାରିନଥିଲା, କିନ୍ତୁ ମାନୁଷୀଙ୍କ ଉପସ୍ଥିତି ଏବଂ ଆତ୍ମବିଶ୍ୱାସକୁ ଦର୍ଶକ ପ୍ରଶଂସା କରିଥିଲେ।

ଆଗାମୀ ଦିନରେ ମାନୁଷୀ ଅନେକ ନୂତନ ପ୍ରୋଜେକ୍ଟରେ ଦେଖାଯିବାକୁ ଯାଉଛନ୍ତି। ସେ କେବଳ ତାଙ୍କ ଫିଲ୍ମ ପାଇଁ ନୁହେଁ ବରଂ ତାଙ୍କ ଫ୍ୟାଶନ, ଫିଟନେସ ଏବଂ ଜୀବନଶୈଳୀ ପାଇଁ ମଧ୍ୟ ପ୍ରାୟତଃ ଖବରରେ ରହିଥାନ୍ତି। ସୋସିଆଲ ମିଡିଆରେ ତାଙ୍କର ଭଲ ଫ୍ୟାନ ଫଲୋଇଂ ଅଛି ଏବଂ ସେ ତାଙ୍କ ପ୍ରଶଂସକଙ୍କ ସହିତ ତାଙ୍କ ଜୀବନର ଛୋଟ ଛୋଟ ମୁହୂର୍ତ୍ତଗୁଡ଼ିକୁ ଶେୟାର କରିଥାଆନ୍ତି।

ଲାଲ ବିକିନି ପିନ୍ଧିଥିବା ମାନୁଷୀ ଚିଲ୍ଲରଙ୍କ ଶୈଳୀ ପୁଣି ଥରେ ପ୍ରମାଣିତ କରେ ଯେ ସେ କେବଳ ସୁନ୍ଦର ନୁହଁନ୍ତି ବରଂ ତାଙ୍କର ଏକ ଅନନ୍ୟ ଶୈଳୀ ଏବଂ ଆତ୍ମବିଶ୍ୱାସ ମଧ୍ୟ ଅଛି। ବର୍ତ୍ତମାନ, ତାଙ୍କର ଏହି ଫଟୋଗୁଡ଼ିକ ସୋସିଆଲ ମିଡିଆରେ ପ୍ରସାରିତ ହେଉଛି ଏବଂ ପ୍ରଶଂସକମାନେ ତାଙ୍କ ପରବର୍ତ୍ତୀ ପୋଷ୍ଟ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଡାକ୍ତରୀ ଛାତ୍ରୀ ହୋଇବି ଫ୍ୟାଶନ ଦୁନିଆରେ କିଛି ପଛରେ ନାହାଁନ୍ତି ମାନୁଷୀ।




ବଲିଉଡ୍ ଅଭିନେତା ରଣବୀର କପୁର ଆଜିକାଲି ତାଙ୍କ ଆଗାମୀ ଫିଲ୍ମ ପାଇଁ ବ୍ୟସ୍ତ ଅଛନ୍ତି। ତାଙ୍କର ଅନେକ ବଡ଼ ପ୍ରୋଜେକ୍ଟ କାମ ଚାଲିଛି। ରଣବୀରଙ୍କ ଦୁଇଟି ପ୍ରମୁଖ ପ୍ରୋଜେକ୍ଟ ହେଉଛି ସଞ୍ଜୟ ଲୀଳା ଭଂସାଲୀଙ୍କ ଲଭ ଆଣ୍ଡ ୱାର ଏବଂ ନିତେଶ ତିୱାରୀଙ୍କ ରାମାୟଣ। ସେ ୨୦୨୩ରେ ରିଲିଜ ହେବାକୁ ଥିବା ଆନିମଲର ସିକ୍ୱେଲରେ ମଧ୍ୟ ନଜର ଆସିବେ। ରଣବୀର ଆନିମଲ ସିକ୍ୱେଲ ସମ୍ପର୍କରେ ଏକ ବଡ଼ ଅପଡେଟ ଦେଇଛନ୍ତି, ଯାହା ଶୁଣି ସିନେ ପ୍ରଶଂସକ ଖୁସି ହୋଇଯାଇଛନ୍ତି।

ଆନିମଲ ନିର୍ଦ୍ଦେଶକ ସନ୍ଦୀପ ରେଡ୍ଡୀ ଭାଙ୍ଗା ବର୍ତ୍ତମାନ ତାଙ୍କର ଆଗାମୀ ଫିଲ୍ମ ସ୍ପିରିଟ ଉପରେ ଧ୍ୟାନ ଦେଉଛନ୍ତି। ଆନିମଲର ସିକ୍ୱେଲରେ ସନ୍ଦୀପ ଫିଲ୍ମ ସହିତ ପ୍ରକୃତରେ କ'ଣ କରିବାକୁ ଚାହୁଁଛନ୍ତି ସେ ବିଷୟରେ ରଣବୀର ଏକ ସଙ୍କେତ ଦେଇଛନ୍ତି। ସେ ଏହାକୁ ତିନୋଟି ଭାଗରେ ତିଆରି କରିବାକୁ ଚାହାଁନ୍ତି। ଦ୍ୱିତୀୟ ଭାଗର ନାମ 'ଆନିମଲ ପାର୍କ'। ଏହା ବହୁତ ରୋମାଞ୍ଚକର। କାରଣ ଖଳନାୟକ ଏବଂ ନାୟକ ଭାବେ ମୁଁ ଦୁଇଟି ଚରିତ୍ରରେ ଅଭିନୟ କରିବାକୁ ଯାଉଛି। ତେଣୁ ଏହା ଏକ ଡ୍ରିମ୍ ପ୍ରୋଜେକ୍ଟ। ଆମେ ଏହି ଫିଲ୍ମ ୨୦୨୭ରେ ଆରମ୍ଭ କରିପାରୁ ବୋଲି କହିଛନ୍ତି ରଣବୀର।

## ଯାତ୍ରା ଜଗତର ସଫଳ ଅଭିନେତ୍ରୀ ଟୁନିଆଁ ମଲ୍ଲିକ

ଓଡ଼ିଶାର ଯାତ୍ରା ଜଗତରେ ଯେଉଁ ଅଭିନେତ୍ରୀ ମାନେ ଖୁବ୍ ସୁନ୍ଦର ଓ ମନଛୁଆଁ ଅଭିନୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରେ ଚର୍ଚ୍ଚିତ ଅଭିନେତ୍ରୀ ଟୁନିଆଁ ମଲ୍ଲିକ ଅନ୍ୟତମ। ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକ ଅନ୍ତର୍ଗତ ଷଠି ଗ୍ରାମରେ ୧୯୭୮ ମସିହାରେ ସେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ହରିହର ବାରିକ ଓ ମାତା ସନ୍ଧ୍ୟା ବାରିକ୍। ଟୁନିଆଁଙ୍କ ସ୍ୱାମୀ ପ୍ରହ୍ଲାଦ ବାରିକ୍ ଯାତ୍ରା ଜଗତରେ ଜଣେ ସଫଳ ଅଭିନେତା । ଏକ ମାତ୍ର କନ୍ୟା ପ୍ରଣତି ମଲ୍ଲିକଙ୍କୁ ନେଇ ଦୁଃଖ ସୁଖର ସଂସାର ରଥ ଆଗେଇ ଚାଲିଛି। ପ୍ରଥମେ ଟୁନିଆଁ ମଲ୍ଲିକ ଅନ୍ନପୂର୍ଣ୍ଣା ଥିଏଟର ଏ ଗ୍ରୁପ୍ ପୁରୀ ରେ କଳାକାର ଭାବେ ଯୋଗ ଦେଇ ଅଭିନୟ ଆରମ୍ଭ କରିଥିଲେ। ଟୁନିଆଁ ଙ୍କ ଅଭିନୟ ଜଗତର ଗୁରୁ ହେଉଛନ୍ତି ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ରାମଚନ୍ଦ୍ର ପ୍ରତିହାରୀ, ବ୍ୟୋମକେଶ ତ୍ରିପାଠୀ, ଦୁଃଖୀରାମ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମିଶ୍ର,ମଞ୍ଚ ଗୁରୁ ଦୁର୍ଲ୍ଲଭ ଚନ୍ଦ୍ର ସିଂହ, ନୃତ୍ୟ ଗୁରୁ ଗୋପୀକୃଷ୍ଣ ବେହେରା । ଟୁନିଆଁ ବର୍ତ୍ତମାନ ଯାତ୍ରା ରାଜ ନନ୍ଦିନୀ ରେ ଅଭିନୟ କରୁଛନ୍ତି। ଟୁନିଆଁଙ୍କ ଅଭିନୟ ଜୀବନରେ ସଫଳ ନାଟକ ମଧ୍ୟରେ



ରହିଛି ବାଣେଶ୍ୱରୀ ଗଣନାଟ୍ୟର ଚନ୍ଦନ ଟୋପାକୁ ନାଲି ଅଳତା, କଥା ରହିଲା ମୋ ମଗୁଶୁରକୁ, ସ୍ୱାମୀଙ୍କୁ ଛୁଇଁଲେ ପାପ, ସଜେଇ ଦିଅ ଲୋ ବେଦୀକି ଯିବି, ଟୋକିଟା ବଡ଼ ବୋକିଟା, ତୁଳସୀ ଗଣନାଟ୍ୟର ନାଟକ ବଡ଼ଦାଣ୍ଡ ପୁରୀ, କାଳୀ ଗୋରୀ ସାବନି, ବୋଉଲୋ ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି, ସୁର ସାର୍ଙ୍କ ସାନ ଝିଅ, ହରଣ ଗୁଣନ ମିଶାଣ ଫେଡାଣ, ଅଧା ରାତିର ସ୍ୱାମୀ,ଗୌରୀ ଗଣନାଟ୍ୟ ର ନାଟକ ଚାରି ଛକରେ ତିନି ଝିଅ, ତୋ ଖୁସିରେ ମୋ ଖୁସି, ଡାକ ବଙ୍ଗଳା, ଧଉଳି ଗଣନାଟ୍ୟ ର ନାଟକ କହ୍ନେଇ ରାଜା ମୋ ବାଇଦ ବଜା, କଳଙ୍କ ମୋ ପାଇଁ ଚନ୍ଦନ ଟୋପା, ଚକ୍ଲେଟ୍ ରଙ୍ଗମଞ୍ଚର ନାଟକ ଦେରେ ଧରା ମୋ ଦୁଃଖ ପାଶୋରା, ଗାଉଁଲି ଟୋକା ଦେବିନି ଧକ୍କା, କୋଣାର୍କ ଗଣନାଟ୍ୟ ନାଟକ କିଏ ହୀରା କିଏ ମୋତି ମାଣିକ,ଯାତ୍ରା ରାଜ ନନ୍ଦିନୀ ର ନାଟକ ଏମିତି ବିଚାର କେବେ ଦେଖିନି,ସିନ୍ଦୂର ମୋ ପାଇଁ ଫିକା ଅବିର ପ୍ରଭୃତି । ଟୁନିଆଁ ମଲ୍ଲିକଙ୍କ ପ୍ରିୟ ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ଅନନ୍ତ ଓଝା, ଇଞ୍ଜିନିୟର କିଶୋର ମହାପାତ୍ର, ସୀତାକାନ୍ତ ମହାନ୍ତି, କିଶୋର ଖଣ୍ଡୁଆଳ ହର ବାରିକ୍, କୈଳାସ ମଲ୍ଲିକ, ଅରୁଣ ବାରିକ୍,ରାଇ ମୋହନ ପରିଡ଼ା, ବିନୋଦ ରାଉତ, ମୀନ କେତନ ପ୍ରମୁଖ । ଖୁବ୍ ମଧୁର ବ୍ୟବହାର ଓ ସୁନ୍ଦର ଅଭିନୟ ପାଇଁ ସେ ସମସ୍ତଙ୍କଠାରେ ପ୍ରିୟ ହୋଇ ପାରିଛନ୍ତି। ଇଶ୍ୱରଙ୍କ କୃପାରୁ ଟୁନିଆଁଙ୍କ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହା ହିଁ କାମନା ।

**ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି**
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ,ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ବାଲେଶ୍ୱର ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ଶିବସେନା ପ୍ରତିଷ୍ଠାତା ବାଲସାହେବଙ୍କ ୧୦୦ ତମ ଜନ୍ମଦିବସ ପାଳିତ



ବାଲେଶ୍ୱର, ୨୯/୧ (ନି.ପ୍ର): ବାଲେଶ୍ୱର ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ଶିବସେନା ପ୍ରତିଷ୍ଠାତା ବାଲସାହେବ ଙ୍କ ୧୦୦ ତମ ଜନ୍ମଦିବସ ଶିବସେନା ସଭାପତି ପଦ୍ମଲୋଚନ ପତି ଙ୍କ ସଭାପତିତ୍ୱ ରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ବସ୍ ମାଲିକ ସଂଘ ର ସଭାପତି ଓ ସମାଜ ସେବୀ ଶ୍ରୀଯୁକ୍ତ ଅଜୟ କୁମାର ବିଶ୍ୱାଳ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜ ସେବୀ ଦିବାକର ସ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ ବ୍ରାହ୍ମଣ ସମାଜ ର ସଭାପତି ଦେବବ୍ରତ ପାଣିଗ୍ରାହୀ, ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ବେହେରା, ସମ୍ମାନୀୟ ଅତିଥି ଭାବେ ରଞ୍ଜନ କୁମାର ବାରିକ, ଡକ୍ଟର ରତନ କୁମାର ପାତ୍ର, ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଦ୍ୱାରା ରାଷ୍ଟ୍ର ସୁରକ୍ଷା କ୍ଷେତ୍ର ରେ ସୁଶିଲ ବିଶ୍ୱାଳ ଓ ଗୋଲକ କୁମାର ଦାସ, ଶିକ୍ଷାକ୍ଷେତ୍ରରେ ଅବସର ପ୍ରାପ୍ତ ଶିକ୍ଷକ ସୁଶାନ୍ତ କୁମାର ନାୟକ, କୃଷିକ୍ଷେତ୍ର ରେ ନିଶା ମିଶ୍ର, ସାମାଜିକ ବନୀକରଣ ରେ ନୀଳକଣ୍ଠ ଦାସ, ପୁରାତନ ସମରକଳା ତଥା ଅଭିନୟ କ୍ଷେତ୍ର ରେ ବିବେକାନନ୍ଦ ନାଥ, କାହ୍ନୁ ଦାସ, ସତ୍ୟଜିତ ସାମଲ, ଚିନ୍ମୟ ମିର୍ଧା, ଉମେଶ ଚନ୍ଦ୍ର ଦାସ, ଯୋଗେଶ୍ୱର ବିନ୍ଧାଣି, ସୁଶାନ୍ତ କୁମାର ରଣା, ସଙ୍ଗୀତ କ୍ଷେତ୍ର ରେ ବାବି ଜେନା, ନୃତ୍ୟ କ୍ଷେତ୍ର ରେ ମେଘନା ସିଂ ଙ୍କୁ ମାନପତ୍ର ଫୁଲତୋଡ଼ା ଉତ୍ତରି ଦେଇ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟ ରେ କହିଥିଲେ ଦୃଷ୍ଟିହୀନ ପିଲା ମାନେ କିପରି ସାଧାରଣ ପିଲା ଭୋଳି ନିଜକୁ ମନେ କରିବେ ସେଥିପାଇଁ ପଦ୍ମଲୋଚନ ପତି ଆୟୋଜନ କରିଥିବାରୁ ଧନ୍ୟବାଦ୍ ଦେଇଥିଲେ। ମୁଖ୍ୟ ଅତିଥି ବାଲାସାହେବ ଥକ୍ରେ ଙ୍କ ରାଷ୍ଟ୍ର ପ୍ରେମ, ଧର୍ମ ଓ ସଂସ୍କୃତି ର ସୁରକ୍ଷା ନିମନ୍ତେ ସାଲିସ ବିହୀନ ସଂଗ୍ରାମ ସମ୍ପର୍କ ରେ ବର୍ଣ୍ଣନା କରିଥିଲେ। ସମସ୍ତ ଜନସାଧାରଣ ଏହି ଦିବ୍ୟାଙ୍ଗ ପିଲା ମାନଙ୍କ ପାଇଁ ସାହାଯ୍ୟ ସହାନୁଭୂତି ରହିବା ଦରକାର କହିଥିଲେ। ମୁଖ୍ୟ ବକ୍ତା ଦେବବ୍ରତ ପାଣିଗ୍ରାହୀ କହିଥିଲେ ଯେ ଦୃଷ୍ଟିହିନ ପିଲାଙ୍କ ଭବିଷ୍ୟତ ଉନ୍ନତି ପାଇଁ ବିଦ୍ୟାଳୟ ର ମୁଖ୍ୟ ଦିବାକର ସ ଚେଷ୍ଟା କରିବା ଦରକାର। କାରଣ ପିଲା ମାନଙ୍କ ବାପା ମା ଙ୍କ ଠାରୁ ଦୂରରୁ ରହି ବିଦ୍ୟାଳୟ ରେ ଆଶ୍ରୟ ନେଇଥିବାରୁ ସେମାନଙ୍କ ପିତା ଓ ମାତା ରୂପେ ପ୍ରତେକ ପିଲାଙ୍କୁ ସ୍ନେହ ଦେବା ଦରକାର କହିଥିଲେ। ଅନ୍ୟ ସମସ୍ତ ସମ୍ମାନନୀୟ ଅତିଥି ମାନେ ଶିବସେନା ମୁଖ୍ୟ ସଭାପତି ପଦ୍ମଲୋଚନ ପତି ଦୃଷ୍ଟିହୀନ ବିଦ୍ୟାଳୟ ରେ ଆୟୋଜନ କରିଥିବାରୁ ଧନ୍ୟବାଦ୍ ଦେଇଥିଲେ। ସର୍ବଶେଷରେ ଅନୁଷ୍ଠାନ ର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯକ୍ରମ କୁ ସୀତାରଣି ଜେନା, ଯୋଗେନ୍ଦ୍ର ଦାସ, ପଦ୍ମଲୋଚନ ଦତ୍ତ, ମନୋରଞ୍ଜନ ପରିଡା, ପୁନା ମହାପାତ୍ର, ରତ୍ନାକର ସାହୁ, କମଳା କାନ୍ତ ସ, ଅବନୀ କୁମାର ଜେନା, ରମେଶ କମିଲା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସତ୍ୟବାଦୀ ମହୋତ୍ସବ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ , ୨୯/୧ (ନି.ପ୍ର): ସତ୍ୟବାଦୀ ମହୋତ୍ସବ ଚଳିତ ବର୍ଷ ଫେବୃୟାରୀ ୫ ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଚସଖା ପଡିଆ ଠାରେ ଅନୁଷ୍ଠିତ ହେବ। ଏହି ମହୋତ୍ସବର ଆକର୍ଷଣୀୟ ଜ୍ୟୋତି ଯାତ୍ରା ୫ ତାରିଖ ଅପରାହ୍ନ ୪ ଘଟିକା ରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଗତକାଲି ଅପରାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏହି ମହୋତ୍ସବକୁ ଶୃଙ୍ଖଳା ର ସହ ପରିଚାଳନା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର ସତ୍ୟବାଦୀ ମହୋତ୍ସବ ଏକ ଗୌରବମୟ ଉତ୍ସବ ଭାବେ ପଞ୍ଚସଖାଙ୍କ ସ୍ୱାଭିମାନ ମାଟିରେ ପ୍ରତି ବର୍ଷ ପାଳିତ ହୋଇ ଆସୁଛି। ଏହି ମହୋତ୍ସବ ମାଧ୍ୟମରେ ଆମ ରାଜ୍ୟର ସମୃଦ୍ଧ କଳା ଓ ସାଂସ୍କୃତିକ ଚେତନା କୁ ଅଧିକ ଋଦ୍ଧିମନ୍ତ କରିବାର ପ୍ରୟାସ କରାଯାଉଛି ବୋଲି କହିବା ସହ ଏହାକୁ ସଫଳ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲାପାଳ ଶ୍ରୀ ପରିଡା ଯେଉଁ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ନିଷ୍ଠାର ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରି ମହୋତ୍ସବ କୁ ସରସ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଆୟୋଜନ ପାଇଁ ପରାମର୍ଶ ଦେଇଥିଲେ। ବିଷଦ ଆଲୋଚନା କରାଯାଇ ରାସ୍ତା ମରାମତି, ପାର୍କିଂ ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱାସ୍ଥ୍ୟ ବ୍ୟବସ୍ଥା ପରିଷ୍କାର ପରିଚ୍ଛନ୍ନତା କୁ ସୁ ନିୟନ୍ତ୍ରିତ କରିବାକୁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା। ସେହିପରି ସଂସ୍କୃତି ବିଭାଗ ସହଯୋଗ ରେ ପ୍ରତି ସଂଧ୍ୟାରେ ବିବିଧ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ର ବ୍ୟବସ୍ଥା କରାଯିବ। ଫେବୃଆରୀ ୬ ତାରିଖରେ ରକ୍ତ ଦାନ ଶିବିର ଓ ୭ ତାରିଖରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ର ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ପୋଲିସ ଡିଏସପି ଦେବାଶିଷ ମିଶ୍ର, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ସତ୍ୟବାଦୀ ମହୋତ୍ସବ କମିଟି ସାଧାରଣ ସମ୍ପାଦକ ଦୀପକ କୁମାର ଶତପଥୀ, ତ୍ରିଲୋଚନ ରଥ, ଭବାନୀ ନନ୍ଦ, ବଦ୍ରିନାରାୟଣ ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟି ସଂଯୋଜକ ଜାନକୀ ବଲ୍ଲଭ ବରାଳ ସମସ୍ତଙ୍କୁ ସ୍ୱାଗତ ସହ କାର୍ଯ୍ୟ ସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ।

# ପ୍ରବାସୀ ଶ୍ରମିକ ଓ ଦଶମ ଶ୍ରେଣୀ ଛାତ୍ରୀ ଘରେ ପହଂଚିଲେ ଜିଲ୍ଲାପାଳ

ନୂଆପଡା, ୨୯/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଟେମରୀ ଗ୍ରାମରେ ଜିଲ୍ଲାପାଳ ମଧୁସୂଦନ ଦାଶ ପ୍ରବାସୀ ଶ୍ରମିକ ଚରଣ କାଣ୍ଡ ଓ ତାଙ୍କ ପରିବାର ଲୋକଙ୍କୁ ଆଜି ଭେଟି ତାଙ୍କ ହାଲଚାଲ ପଚାରି ବୁଝିଥିଲେ। ପୂର୍ବରୁ ଚରଣ କାଣ୍ଡ ତାଙ୍କ ପତ୍ନୀଙ୍କ ସହ ହାଇଦ୍ରାବାଦ ଯାଇ ଇଟାଭାଟିରେ କାମ କରୁଥିଲେ। କିନ୍ତୁ ଏହି ବର୍ଷ ସେମାନେ ଜିଲ୍ଲାପାଳଙ୍କ ପ୍ରୋତ୍ସାହନ ଯୋଗୁଁ ପ୍ରବାସକୁ ଯିବା ବନ୍ଦକରି ଗ୍ରାମରେ ରହି ମନରେଗା ଯୋଜନାରେ କାମ କରିବା ସହ ନିଜ ଜମିରେ ଧାନ ଚାଷ ଆରମ୍ଭ କରିଛନ୍ତି। ଜିଲ୍ଲାପାଳଙ୍କ ସହ କଥାବାର୍ତ୍ତା ସମୟରେ ଚରଣ କାଣ୍ଡ କହିଥିଲେ ଯେ, ତାଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଓ ରାସନ କାର୍ଡ଼ ଭଳି ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହିବର୍ଷ ତାଙ୍କ ପରିବାର ମନରେଗା ଅଧିନରେ ୯୯ ଦିନ କାମ କରିଥିବା ସେ ଜଣାଇଥିଲେ। ବର୍ତ୍ତମାନ ଶ୍ରୀ କାଣ୍ଡ ତାଙ୍କ ନିଜ ୨.୫ ଏକର ଜମିରେ ମନରେଗା ସହାୟତାରେ ଜଳସେଚନ ପାଇଁ ଏକ ନୂତନ ରିଙ୍ଗ କୁଅ ଖୋଳି ବିଭିନ୍ନ ଲାଭଜନକ ଚାଷକାର୍ଯ୍ୟ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଏଭଳି ଉତ୍ସାହୀ ପରିବାରଙ୍କୁ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଦୁଃଖୀ ଗରିବ ଲୋକଙ୍କୁ ଫଳ ବାଣ୍ଟିଲେ ଟୀକାଭାଇ



ବାସୁଦେବପୁର, ୨୯/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜ ଘର ପୋଖରୀ ପଞ୍ଚାୟତର ସାନ କୋଡ଼ ବାଟିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ରାମଚନ୍ଦ୍ର ଜେନା,ଡାକ ନାମ ଟୀକା ଭାଇ ଅନେକ ଦୁଃଖୀ ଗରିବ ଓ ଅସହାୟ ଲୋକ ମାନଙ୍କୁ ଫଳ ବଣ୍ଟନ କରିଛନ୍ତି ଓ ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି। ଟୀକା ଭାଇ ସର୍ବଦା ଦିନ ମଜୁରିଆ ଭାବେ କାମ କରି ଯେଉଁ ଅର୍ଥ ଉପାର୍ଜନ କରନ୍ତି ସେଥିରୁ ପରିବାର ପାଇଁ ଅଳ୍ପ ରଖି ଆଉ ସବୁ ଅର୍ଥ ଦୁଃଖୀ ଗରିବଙ୍କ ସେବାରେ ଖର୍ଚ୍ଚ କରନ୍ତି। ଟୀକା ଭାଇଙ୍କ ଧର୍ମପତ୍ନୀ ମଞ୍ଜୁ ଜେନା, ପୁତ୍ର ତାପସ କୁମାର ଜେନା, ଅଲେଖ କୁମାର ଜେନା, ଝିଅ ଲିପି ଜେନା, ମାମି ଜେନା ପ୍ରମୁଖ ଏ କ୍ଷେତ୍ରରେ ପ୍ରେରଣା ଓ ଉତ୍ସାହ ଦେଇଥାନ୍ତି। ଟୀକା ଭାଇ ଭୀଷଣ ଜ୍ୱର ରେ କଷ୍ଟ ପାଉଥିଲେ, ଏହି କଥା ଶୁଣି ଅକ୍ଷୟ କୁମାର ଦାସ ଓ ତପୁନୁ କୁମାର ନାୟକ ଟୀକା ଭାଇଙ୍କୁ କିଛି ଦିନ ପୂର୍ବରୁ ଦୁଃଖ ଓ ବିପଦରୁ ରକ୍ଷା କରିଛନ୍ତି । ଏଥି ପାଇଁ ଟୀକା ଭାଇ ଏହି ଦୁଇ ଜଣଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଆମ ସମାଜରେ ଏବେବି ମଣିଷ ପଣିଆ ବଞ୍ଚିଛି। ଅତୀତରେ ଟୀକା ଭାଇ ଓଡ଼ିଶାର ବିଭିନ୍ନ ସ୍ଥାନରେ ଶୀତ ଦିନରେ ଗରିବ ଲୋକଙ୍କୁ ନୂତନ ବସ୍ତ୍ର, ଗାମୁଛା,ଚାଦର ଦାନ ସହିତ ସାହାଯ୍ୟ କରିଛନ୍ତି ଓ ଆଗାମୀ ଦିନରେ ଟୀକା ଭାଇ ବିଭିନ୍ନ ସ୍ଥାନରେ ଦୁଃଖୀ ଓ ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ପ୍ରକାଶ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ କୃପାରୁ ମୁଁ ଦୁଃଖୀ ଗରିବ ଙ୍କ ସେବା କରି ପାରୁଛି ବୋଲି ଟୀକା ଭାଇ ପ୍ରକାଶ କରିଛନ୍ତି ।

# ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କ ପାଇଁ ତିନି ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ

ଜୟପୁର, ୨୯/୧ (ନି.ପ୍ର): ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ମାନଙ୍କ ପାଇଁ ତିନି ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଜୟପୁରସ୍ଥିତ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଏବଂ ଚାଇଲ୍ଡ ଇନ ନୀଡ ଇନଷ୍ଟିଚ୍ୟୁଟ୍ ଦ୍ୱାରା ମିଳିତ ଭାବରେ ଏକ ତିନି ଦିନିଆ ଆବାସିକ ସ୍ୱାସ୍ଥ୍ୟ ତାଲିମ କାର୍ଯ୍ୟକ୍ରମ ଏମ୍.ଏସ୍.ଏସ୍.ଆର.ଏଫ, ଜୟପୁର ଠାରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବୈପାରିଗୁଡା, ଲମତାପୁଟ ଏବଂ ଦଶମନ୍ତପୁର ବ୍ଲକରେ କାର୍ଯ୍ୟକରୁଥିବା ୩୭ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରୁ ୩୭ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ. ଦେବଦତ୍ତ ମଲ୍ଲିକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ଓ ସ୍ୱାଗତ ଅଭିଭାଷଣ ସହିତ ତିନି ଦିନିୟା ଆବାସିକ ତାଲିମ ଶିବିର ଆରମ୍ଭ କରିଥିଲେ । ଏହା ପରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ ପରିଡା ଅଂଶଗ୍ରହଣକାରୀଙ୍କୁ ତାଲିମର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଭବିଷ୍ୟତ ଯୋଜନା ସମ୍ବନ୍ଧରେ ଅଲୋକପାତ କରିଥିଲେ ଓ ତାଲିମ ମାଧ୍ୟମରେ ଗ୍ରାମ ଓ ଦୂରଦୂରାନ୍ତ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ବହୁଳ ସମାଜର ସ୍ୱାସ୍ଥ୍ୟ ସମସ୍ୟାକୁ ଦୂରୀକରଣ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେ ବସନ୍ତ କୁମାର ସ୍ୱାଇଁ ଉପସ୍ଥିତ ରହି ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ମାନଙ୍କ ଉତ୍ସାହିତ କରିଥିଲେ। ଏହି ଦିଗରେ ଡଃ. ଅସିତ ମାନସିଂହ ଏବଂ ଡଃ. ରାକେଶ ରଞ୍ଜନ ନନ୍ଦ ସମସ୍ତ ଅଂଶଗ୍ରହଣକାରୀଙ୍କୁ ୧୨ଟି ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟ ସେବା, ପାଲିଏଟିଭ୍ କେୟାର, ଜେରିଆଟ୍ରିକ୍ କେୟାର୍ ଏବଂ ଅଣସଂକ୍ରାମକ ରୋଗର ଚିହ୍ନଟ ଓ ଚିକିତ୍ସା ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ। ଏହି ପଦକ୍ଷେପ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ଗ୍ରାମ ସ୍ତରର ସମସ୍ୟାଗୁଡ଼ିକୁ ବୁଝିବା ସହିତ ଦୂରସ୍ଥିତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ସମାଧାନଗୁଡ଼ିକୁ ଖୋଜିବାକୁ ଚେଷ୍ଟା କରିଥିଲେ। କୋରାପୁଟ ଜିଲ୍ଲାର ଆଦିବାସୀ ଏବଂ ସୀମାନ୍ତ ଜନସଂଖ୍ୟା ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଭାବଶାଳୀ ଭାବରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ତାଲିମରେ ସମସ୍ତ ଅଂଶଗ୍ରହଣକାରୀମାନଙ୍କର ଅଂଶଗ୍ରହଣ ଉତ୍ସାହ ଜନକ ଥିଲା ଏବଂ ସେମାନେ ପ୍ରକାଶ କରିଥିଲେ ଯେ ଏପରି ତାଲିମ ଅତ୍ୟନ୍ତ ଜରୁରୀ ଏବଂ ନିୟମିତ ବ୍ୟବଧାନରେ କରାଯିବା ଉଚିତ । ସ୍ୱାସ୍ଥ୍ୟ କର୍ମୀମାନେ ଗ୍ରାମ ସ୍ତରରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ସକ୍ରିୟ ଭାବରେ ଆଲୋଚନା କରିଥିଲେ ଏବଂ ପ୍ରତିଥର ନୂତନ କୌଶଳ ଶିଖିବାର ସୁଯୋଗ ପାଇ ଆଭାର ପ୍ରକାଶ କରିଥିଲେ। ବାରମ୍ବାର ତାଲିମ ସେମାନଙ୍କର ଆତ୍ମବିଶ୍ୱାସ, ପ୍ରେରଣା ଓ ସ୍ୱାସ୍ଥ୍ୟ ପ୍ରୋତ୍ସାହନ କାର୍ଯ୍ୟକଳାପ ଏବଂ ନିୟମିତ ସେବାକୁ ଅଧିକ ପ୍ରଭାବଶାଳୀ ଭାବରେ ପ୍ରଦାନ କରିବାର କ୍ଷମତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିବ । ଏପରି ପ୍ରୟାସଗୁଡ଼ିକ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଣାଳୀକୁ ସୁଦୃଢ଼ କରିବା ଏବଂ ସମୁଦାୟ ସ୍ତରରେ ଚାହିଦା ସୃଷ୍ଟିରେ ଥିବା ବ୍ୟବଧାନକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏପରି ନିରନ୍ତର ପ୍ରୟାସ ଏବଂ ସହଯୋଗ ଜାରି ରହିଲେ, ଆଶା କରାଯାଉଛି ଯେ ଆଦିବାସୀ ବହୁଳ କୋରାପୁଟ ଜିଲ୍ଲା ଓଡ଼ିଶାରେ ପ୍ରାଥମିକ ସ୍ୱାସ୍ଥ୍ୟ ପ୍ରଣାଳୀ ସୁଦୃଢ଼କରଣର ଏକ ଆଦର୍ଶ ଜିଲ୍ଲା ଭାବେ ଉଦିତ ହେବ। ଆୟୋଜକମାନେ ଏବଂ ଅଂଶଗ୍ରହଣକାରୀମାନେ ଏହି ପ୍ରକାରର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭବିଷ୍ୟତରେ ମଧ୍ୟ ଜାରି ରହିବ ବୋଲି ଆଶା ବ୍ୟକ୍ତ କରିଥିଲେ।

# ସାଇକେଲ ଆରୋହୀକୁ ଧକ୍କା ଦେଇ ଜଳିଗଲା ବାଇକ: ୨ ଗୁରୁତର

ନୂଆପଡ଼ା, ୨୯/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଉଦ୍ୟାନବନ୍ଧ ୩୫୩ ନଂ ଜାତୀୟ ରାଜପଥରେ ଆଜି ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଦ୍ରୁତ ଗତିରେ ଥିବା ବାଇକ ଭାରସାମ୍ୟ ହରାଇ ଜଣେ ସାଇକେଲ ଆରୋହୀକୁ ଧକ୍କା ଦେଇଥିଲା ଓ ବାଇକଟି ଘଟଣାସ୍ଥଳରେ ଅଗ୍ନିକାଣ୍ଡ ଘଟି ଜଳି ଯାଇଥିଲା । ଯାହାଫଳରେ ବାଇକ୍ ଆରୋହୀ ବୃନ୍ଦାପାଟ ଗ୍ରାମର ମାନସ ମାଝୀ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ସାଇକେଲ ଆରୋହୀ ମଧ ଆହତ ହୋଇଥିବା ବେଳେ ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କୋମନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି।

# ଝାରସୁଗୁଡ଼ା ଜିଲ୍ଲା ଉପ-ନିବନ୍ଧକ ଭାବେ ସୁମନ ନାଏକଙ୍କ କାର୍ଯ୍ୟଭାର ଗ୍ରହଣ

ଝାରସୁଗୁଡ଼ା, ୨୯/୧ (ନି.ପ୍ର): ଜିଲ୍ଲା ଉପ-ନିବନ୍ଧକ ତଥା ବିବାହ ପଞ୍ଜିକରଣ ଅଧିକାରୀ ଭାବେ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ସୁମନ ନାଏକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ୨୦୨୨ ବ୍ୟାଚ୍‌ର ଏହି ଦକ୍ଷ ପ୍ରଶାସକ ଗତ ୨୧ ଜାନୁୟାରୀ ୨୦୨୬ ରିଖରେ ଆନୁଷ୍ଠାନିକ ଭାବେ ନିଜର ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। କାର୍ଯ୍ୟଭାର ଗ୍ରହଣ କରିବା ଅବସରରେ ଶ୍ରୀ ନାଏକ କହିଛନ୍ତି ଯେ, 'ଝାରସୁଗୁଡ଼ା ଜିଲ୍ଲାର ଜନସାଧାରଣଙ୍କ ସେବା କରିବା ପାଇଁ ସୁଯୋଗ ପାଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ଜିଲ୍ଲା ଉପ-ନିବନ୍ଧକ କାର୍ଯ୍ୟାଳୟ ସହିତ ଜଡ଼ିତ ବିଭିନ୍ନ ସରକାରୀ ସେବା, ଜମି ପଞ୍ଜିକରଣ ଏବଂ ବିବାହ ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ମୋର ପ୍ରାଥମିକତା ରହିବ। ସାଧାରଣ ଲୋକେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ଶୀଘ୍ର ସେବା ପାଇପାରିବେ, ସେଥିପାଇଁ ମୁଁ ନିଷ୍ଠାର ସହ କାର୍ଯ୍ୟ କରିବି। ସୂଚନା ଅନୁସାରେ, ଶ୍ରୀ ନାଏକ ବଲାଙ୍ଗୀର ଜିଲ୍ଲା କଂଟାବାଞ୍ଜିର ମୂଳ ନିବାସୀ। ସେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପ୍ରାଣୀ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି।

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ପୁରୀ , ୨୯/୧ (ନି.ପ୍ର): ଆସନ୍ତା ଫେବୃୟାରୀ ମାସ ୩ ତାରିଖରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କର ପ୍ରସ୍ତାବିତ ପୁରୀ ଗସ୍ତ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଗତକାଲି ଅପରାହ୍ନ ରେ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଫେବୃୟାରୀ ୩ ତାରିଖ ଅପରାହ୍ନରେ ରାଷ୍ଟ୍ରପତି ପୁରୀ ରେ ପହଞ୍ଚିବେ। ତା ପରଦିନ ଅର୍ଥାତ ୪ ତାରିଖ ପ୍ରତ୍ୟୁଷରୁ ଶ୍ୱେତଗଙ୍ଗାରେ ପିଣ୍ଡଦାନ ପରେ ମହାପ୍ରଭୁଙ୍କ ଦର୍ଶନ ର କାର୍ଯ୍ୟକ୍ରମ ରହିଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ସମସ୍ତ ବିଭାଗ ନିଜ ଦାୟିତ୍ୱ କୁ ଅତ୍ୟନ୍ତ ନିଷ୍ଠାର ସହ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କୌଣସି ଠାରେ ଯେପରି କିଛି ତୃଟି ନ ରୁହେ ସେଥି ପ୍ରତି ଯତ୍ନବାନ ହେବା ସହ ପାରସ୍ପରିକ ସହଯୋଗ ମଧ୍ୟରେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏସ ପି ପ୍ରତୀକ ସିଂ ଟ୍ରାଫିକ ବ୍ୟବସ୍ଥା, ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିବା ସହ ପୂର୍ବ ସମୟର ରାଷ୍ଟ୍ରପତି ଙ୍କ ଗସ୍ତର ଅଭିଜ୍ଞତା ଆଧାର ରେ ଚଳିତ ଗସ୍ତ କୁ ଆହୁରି ଭଲ ଭାବରେ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ବିସ୍ତୃତ ଆଲୋଚନା ପରେ ତାଳବଣିଆ ହେଲିପ୍ୟାଡରେ ରାଷ୍ଟ୍ରପତି ଙ୍କୁ ସ୍ୱାଗତ, ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଅଧିକାରୀ , କର୍ମଚାରୀ ମାନଙ୍କ ରହଣି ବ୍ୟବସ୍ଥା, ଗମନାଗମନ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ସୁରକ୍ଷା,ବ୍ୟାରିକେଡ ଓ ଟ୍ରାଫିକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା, ରାସ୍ତା ମରାମତି, ପାନୀୟ ଜଳ ବ୍ୟବସ୍ଥା, ନିରବଚ୍ଛିନ୍ନ ବିଦ୍ୟୁତ ଓ ଟେଲିଫୋନ ଯୋଗାଯୋଗ ବ୍ୟବସ୍ଥା, ଶୌଚାଳୟ ଓ ପରିମଳ ବ୍ୟବସ୍ଥା, ଶ୍ୱେତଗଙ୍ଗାରେ ପିଣ୍ଡଦାନ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଶ୍ରୀଜୀଉ ଙ୍କ ଦର୍ଶନ ବ୍ୟବସ୍ଥା ଓ ୪ ତାରିଖରେ ଫେରିବା ବ୍ୟବସ୍ଥା କୁ ସୁନିୟନ୍ତ୍ରିତ କରିବାକୁ ଆଲୋଚନା କରାଯାଇଥିଲା। ରାଷ୍ଟ୍ରପତି ଦେଶର ପ୍ରଥମ ନାଗରିକ ହୋଇ ଥିବାରୁ ପ୍ରୋଟୋକଲ ଅନୁସାରେ ସମସ୍ତ ବ୍ୟବସ୍ଥା ଶୃଙ୍ଖଳା ର ସହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଆଇପିଏସ ପ୍ରୋବେସନର ଏ କେ ବିଜୟ,ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ ଶରତ ଚନ୍ଦ୍ର ମହାପାତ୍ର,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଶ୍ରୀମନ୍ଦିର ନୀତି ଉପ ପ୍ରଶାସକ ରଞ୍ଜନ କୁମାର ବେହେରା , ଉପଜିଲ୍ଲାପାଳ ରାଜ କିଶୋର ଜେନା, ପୁରୀ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା , ସିଡିଏମଓ ଡା ଅକ୍ଷୟ କୁମାର ଶତପଥୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ଘରପୋଡି କ୍ଷତିଗ୍ରସ୍ତଙ୍କୁ କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭର ସହାୟତା

କେନ୍ଦ୍ରାପଡ଼ା, ୨୯/୧ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଞ୍ଚାୟତ ବିରସ୍ୱତୀ ଗ୍ରାମର ଧର୍ମେନ୍ଦ୍ର ପ୍ରଧାନଙ୍କ ଘର ପୋଡି ଯାଇଥିବା ବେଳେ ଏହି କ୍ଷତିଗ୍ରସ୍ତ ପରିବାରକୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି ପକ୍ଷରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୋସାଇଟିର ସଭାପତି ବିଶିଷ୍ଟ ସମାଜସେବୀ ତଥା ସମବାୟବିତ ପ୍ରମୋଦ କୁମାର ସାହୁ ଏହି ଘଟଣା ବିଷୟରେ ଜାଣିବା ପରେ ଧର୍ମେନ୍ଦ୍ରଙ୍କ ଘରେ ପହଂଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଧର୍ମେନ୍ଦ୍ରଙ୍କ ଘର ପୋଡିଯିବା ସହ ସମସ୍ତ ଆସବାବପତ୍ର, ଘରେ ଥିବା ଧାନ, ଚାଉଳ, ଧର୍ମେନ୍ଦ୍ରଙ୍କ ଝିଅ ଓ ପୁଅରର ବହିଖାତା ଇତ୍ୟାଦି ପୋଡି ଯାଇଥିବାରୁ ଶ୍ରୀ ସାହୁ ଏକ ମାସ ପାଇଁ ଖାଦ୍ୟ, ବହିପତ୍ର, ତାଙ୍କ ପୁଅ ଦଶମ ଶ୍ରେଣୀରେ ପଢୁଥିବାରୁ ମାଟ୍ରିକ ପରୀକ୍ଷା ଟେଷ୍ଟ ପେପର, ବସ୍ତ୍ର ଇତ୍ୟାଦି ଯୋଗାଇ ଦେଇଛନ୍ତି। ଏହି ସୋସାଇଟି ଲୋକଙ୍କୁ ଋଣ ଦେବା ସହ ବିଭିନ୍ନ ସମାଜସେବା ମୂଳକ କାର୍ଯ୍ୟ କରି ଆସୁଛି। ବନ୍ୟା, ବାତ୍ୟା, ଘରପୋଡି ବେଳେ ବିପନ୍ନଙ୍କୁ ସହାୟତା ପ୍ରଦାନ କରୁଛି। ଏହି ସହାୟତା ପ୍ରଦାନ ବେଳେ ସୋସାଇଟିର ଟାଉନ୍ ଶାଖା ପରିଚାଳକ ଅଂଶୁମାନ ଚୌଧୁରୀ, କର୍ମଚାରୀ ପ୍ରଶାନ୍ତ କୁମାର ରାଉତରାୟ, ଦୈନିକ ଜମା ଖାତା ଏଜେଂଟ ଶୀକାନ୍ତ ଦାଶ, ରଞ୍ଜନ ରଣା, ସନ୍ତୋଷ ସାହୁ ଓ ପ୍ରଦୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମେନ୍ଦ୍ରଙ୍କ ପତ୍ନୀ ଝରଣା ପ୍ରଧାନ, ଧର୍ମେନ୍ଦ୍ରଙ୍କ ମା ସତ୍ୟଭାମା ପ୍ରଧାନ, ପୁତ୍ର ରିତେଶ ପ୍ରଧାନ, କନ୍ୟା ଇତିଶ୍ରୀ ପ୍ରଧାନ ପ୍ରମୁଖ ଅର୍ଥରାଶି ଗ୍ରହଣ କରିଥିଲେ। ଆହତ ଶ୍ରୀ ପ୍ରଧାନଙ୍କୁ ଉନ୍ନତ ଚିକିତ୍ସା ଯୋଗାଇବା ପାଇଁ କଟକ ରେଫର କରିବାକୁ ଶ୍ରୀ ସାହୁ ସିଡିଏମଙ୍କୁ ଅନୁରୋଧ କରିବା ପରେ ତାଙ୍କୁ ସଙ୍ଗେ ସଙ୍ଗେ କଟକ ରେଫର କରାଯାଇଥିଲା।

# ନିଜ କୁକୁଡା ଫାର୍ମରେ ନିଜେ ନିଆଁ ଲଗାଇ ଜେଲ୍ ଗଲେ

ବଲାଙ୍ଗିର, ୨୯/୧ (ନି.ପ୍ର): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ନିଜ ଅଭିଯୋଗକାରି ହିଁ ଅଭିଯୁକ୍ତ ନିଜ କୁକୁଡା ଫାର୍ମରେ ନିଜେ ନିଆଁ ଲଗାଇ ୨ଜଣ ଧୂର୍ତ୍ତ ଠକ ଜେଲ ଯାଇଥିବା ବେଳେ ସେମାନଙ୍କ ନିକଟରୁ ୨ଲକ୍ଷ ୬୩ହଜାର ଟଙ୍କା ଜବତ କରିଛନ୍ତି । କମ୍ପାନୀର ମୋଟା ଅଙ୍କର ଟଙ୍କା ହଡପ ଚକ୍ରାନ୍ତ କରାଯାଇ ଫେଲ ମାରିଛି। ଜେଲ ଯାଇଥିବା ଦୁଇଜଣ ଧୂର୍ତ୍ତ ଠକ ହେଲେ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚଣାବାହାଲ ପଞ୍ଚାୟତ ବାଗବାହାଲି ଗ୍ରାମର ଭୋଜରାଜ ମହାକୁର(୩୬) ବେଲପଡା ଥାନା ଖଲିଆପାଲି ଗ୍ରାମର ସୁବଳ ରଣା(୩୦) । ଢେଙ୍କାନାଳ ଜିଲ୍ଲାର ରେଙ୍ଗୁଟିଆ ଗ୍ରାମର ଏକ କମ୍ପାନୀ ର ମ୍ୟାନେଜର ଲିଙ୍ଗରାଜ ମଲ୍ଲିକ(୨୮)ଙ୍କ ଏତଲା ଆଧାରରେ ଅଭିଯୁକ୍ତ ଭୋଜରାମ କଟକ ର ପ୍ରିମିୟମ ଚିକ ଫିଡସ ପ୍ରାଇଭେଟ୍ କମ୍ପାନୀରୁ କୁକୁଡା ୪୦ଦିନର ବଡ଼ ହେଲେ କମ୍ପାନୀକୁ ଯୋଗାଇବା ପାଇଁ ଚୁକ୍ତି କରିଥିଲେ। ଏଥିପାଇଁ କମ୍ପାନୀ କିଛି ଆର୍ଥିକ ରାଶି ପ୍ରଦାନ କରୁଥିଲା। କିନ୍ତୁ କୁକୁଡା ଗୁଡିକ ବଡ ହେଲା ପରେ ଭୋଜରାଜ ଚୁକ୍ତି ଖିଲାପ କରି ନିଜ ସହଯୋଗୀ ସୁବଳ ସହିତ ମିଶି ୨୨ଶହ କୁକୁଡା କୁ ବାହାରେ ବିକ୍ରି କରିଦେଇ କିଛି କୁକୁଡା ସହ କୁକୁଡା ଫାର୍ମରେ ନିଜେ ନିଜ ଫାର୍ମ ରେ ନିଆଁ ଲଗାଇ ପୋଡି ଦେବା ସହ ଦୁର୍ବୃତ୍ତମାନେ ପୋଡ଼ି ଦେଇଥିବା ସ୍ତ୍ରୀକୁ ପଠାଇ ଥାନା ରେ ଅଭିଯୋଗ କରିଥିଲେ। କିନ୍ତୁ କମ୍ପାନୀ ଭୋଜରାଜଙ୍କ କଥା ଓ କାମ ଉପରେ ସନ୍ଦେହ ସୃଷ୍ଟି କରିବା ସହ ଥାନା ରେ ଏତଲା ଦେଇଥିଲା। ପୁଲିସ କେ/ନ୧୬/୨୬,ଙ୍କ/ଧ୍ୱ-୧୬(୨)/୩୧୮(୪)/୨୯୬/୩୫୧(୨)/୩୨୬(ଶ)/୩(୫)ବି ଏନ୍ ଏସ ,ମାମଲା ରୁଜୁ କରି ଏସଆଇ ଜନାର୍ଦ୍ଦନ ଓରାମ ଘଟଣା ତଦନ୍ତ ଜାରି ରଖିଥିଲେ। ତଦନ୍ତ ରେ କମ୍ପାନୀର ମୋଟା ଅଙ୍କର ଟଙ୍କା ହଡପ ପାଇଁ ଉଭୟ ଅଭିଯୁକ୍ତ ଏକ ନିଆଁରେ ନିଜ ଫାର୍ମ ପୋଡ଼ି ଭଳି କାଣ୍ଡ ରଚିଥିବା ସ୍ୱୀକାର କରିଥିଲେ। ପୁଲିସ ଉଭୟଙ୍କ ପାଖରୁ ପାଖରୁ ନଗଦ ୨ଲକ୍ଷ ୬୩ହଜାର ଟଙ୍କା ଜବତ କରି ଉଭୟଙ୍କୁ ଗିରଫ ପରେ କୋଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଗଲା ବୋଲି ଥାନା ଆଇଆଇସି ବୁଲୁ ମୁଣ୍ଡା ପ୍ରକାଶ କରିଛନ୍ତି।

# ଜିଲ୍ଲାପାଳଙ୍କ ତ୍ରିଲୋଚନପୁର ପାକ୍ସ ପରିଦର୍ଶନ

ପୁରୀ , ୨୯/୧ (ନି.ପ୍ର): ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଗତକାଲି କଣାସ ବ୍ଲକର ତ୍ରିଲୋଚନପୁର ପାକ୍ସ ପରିଦର୍ଶନ କରିଥିଲେ। ଧାନ ସଂଗ୍ରହ ର ବ୍ୟବସ୍ଥା ସମ୍ପର୍କରେ ପାକ୍ସ ସମ୍ପାଦକ ଓ ଅନ୍ୟ କର୍ମଚାରୀ ଙ୍କୁ ପଚାରି ଥିଲେ। ଉପସ୍ଥିତ ଚାଷୀ ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ସୁବିଧା ଅସୁବିଧା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନଙ୍କୁ ଚାଷୀ ମାନଙ୍କ ର ଯେପରି ଧାନ ବିକ୍ରି ସମୟରେ କୌଣସି ସମସ୍ୟା ନ ହେବା ଓ ସରକାରୀ ନିୟମ ଅନୁଯାୟୀ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ରେ ଜିଲ୍ଲାପାଳ ଙ୍କ ସହ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ତହସିଲଦାର ହିମାଂଶୁ ଶେଖର ଗିରି,ଡିଆରସିଏସ ସରୋଜିନୀ ଜେନା, ଯୋଗାଣ ନିରୀକ୍ଷକ ହେମନ୍ତ ପ୍ରଧାନ, ପାକ୍ସ ସମ୍ପାଦକ ବୈଦ୍ୟନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସାରା ଓଡ଼ିଶାରେ ଆଜି ମୁକ୍ତିଲାଭ କରିବ ଓଡ଼ିଆ ସିନେମା 'ପରୀ': ସ୍ୱାତୀରେ ପ୍ରିମିୟର ଶୋ




ଭୁବନେଶ୍ୱର, ୨୯/୧ (ନି.ପ୍ର): ଅନେକ ବାଦ ବିବାଦର ଅନ୍ତ ଘଟାଇ ନୂଆ ଓଡିଆ ଚଳଚ୍ଚିତ୍ର 'ପରୀ' ଆଜି ବଡ଼ ପରଦାରେ ମୁକ୍ତିଲାଭ କରିବ । ଭୁବନେଶ୍ୱର ସ୍ଥିତ ସ୍ୱାତି ସିନେପ୍ଲେକ୍ସରେ ପରୀ ର ପ୍ରିମିୟର ଶୋ ହେବ ଏବଂ ସାରା ଓଡ଼ିଶାରେ ୨୦ଟି ପ୍ରେକ୍ଷାଳୟରେ ଦର୍ଶକ ଦେଖିବାକୁ ପାଇବେ। ଏହାର ପ୍ରଯୋଜନା ସଞ୍ଜୟ ମହାନ୍ତି, ନିର୍ଦ୍ଦେଶନା ତ୍ରିପତି ସାହୁ, ସଂଳାପକାର ଡଃ ରଜନୀ ରଞ୍ଜନ, ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଭାଇ ଥିବା ବେଳେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, ପଶ୍ଚିମ ଓଡିଶାକୁ ଦୁଲୁକଉଥିବା କଣ୍ଠଶିଳ୍ପୀ ରୁକୁ ସୁନା, ଡାକ୍ତର ରୋହନ ବିଶ୍ୱାଳ କଣ୍ଠଦାନ କରିଛନ୍ତି । ଗୀତ ରଚନା କରିଛନ୍ତି ପ୍ରମୋଦ ପରିଡା । କୋରିଓଗ୍ରାଫର ଅମିତ ନାୟକ ଏବଂ ଏସ୍ କେ ମୁରଲୀଧରନ୍ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି । ମୁଖ୍ୟ ଚରିତ୍ରରେ ନାୟକ ଜ୍ୟୋତି ରଞ୍ଜନ ନାୟକ, ନାୟିକା ଅନୁରାଧା ପାଣିଗ୍ରାହୀ ଅଛନ୍ତି । ସମାଜରେ କ୍ରମାଗତ ଭାବରେ କୋମଳମତି ଶିଶୁମାନଙ୍କ ଉପରେ ଯୌନ ନିର୍ଯ୍ୟାତନା ବଢ଼ିବାରେ ଲାଗିଛି । 'ପରୀ' ଏକ ନିରୀହ, କୋମଳ ଫୁଲ କଢି । ତାକୁ ନେଇ ଅନେକ ସ୍ୱପ୍ନ ଥାଏ ବାପାମାଆଙ୍କର । ମାତ୍ର ଅକାଳରେ ସେ ଝରି ପଡେ କିଛି ଯୌନ ରାକ୍ଷସଙ୍କ ଅତ୍ୟାଚାରରେ । ପଇସା, ପ୍ରତିଷ୍ଠା, ରାଜନୀତି ଆଗରେ କ୍ଷୀଣ ପଡିଯାଏ ବିଚରା ବାପାମାଆଙ୍କର । ହେଲେ ପରିଶେଷରେ କ'ଣ ପରୀକୁ ନ୍ୟାୟ ମିଳିଛି ? ଏଭଳି ଏକ ସ୍ପର୍ଶକାତର କାହାଣୀ ଉପରେ ପରୀ ର କାହାଣୀ ଗତିଶୀଳ । କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି । ସହ ନିର୍ମାତା ରହିଛନ୍ତି ଚନ୍ଦନ ସ୍ୱାଇଁ ଏବଂ ଅନିଲ ବଳିୟାରସିଂହ । ଧ୍ରୁବାନନ୍ଦ ପଣ୍ଡା (ଲିଟୁ) ଡିଓପି ରହିଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ପରୀ ର ସମ୍ପାଦନା କରିଛନ୍ତି । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ ରହିଛନ୍ତି । ଶ୍ରୀତମ ଦାସ, ନୀଳମଣି ସାହୁ, ପ୍ରଦ୍ୟୁମ୍ନ ଲେଙ୍କା, ସୌମ୍ୟ ଅଧିକାରୀ, ଗୁଡ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ନିରଞ୍ଜନ ଆଚାର୍ଯ୍ୟ, ବିଶାଲ, ପପି ସାନ୍ତୁକା, ଶିଶୁ କଳାକାର ଦିବ୍ୟାଂଶୀ ଓ ସ୍ନେହାଙ୍କ ଭଳି ଅନେକ କଳାକାର ଅଭିନୟ କରିଛନ୍ତି । ତେବେ ପରୀ ଦେଖିବା ପାଇଁ ଦର୍ଶକଙ୍କ ମନରେ ଯେଉଁ ଆଗ୍ରହ ଥିଲା ତାହା ଆଜି ମୁକ୍ତିଲାଭ କରୁଥିବାରୁ ନିଶ୍ଚୟ ଦର୍ଶକାଦୃତ ହେବ ବୋଲି ପ୍ରଯୋଜନା ସଂସ୍ଥା ଆଶା ପ୍ରକଟ କରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବିଶ୍ୱ ବ୍ୟାଙ୍କ ଗ୍ରୁପ...

ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଆମେ 'ଓଡ଼ିଶା ଭିଜନ ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ପାଇଁ ସଂଯୁକ୍ତ ନୂତନ ରାସ୍ତା ଅନୁସନ୍ଧାନ କରିବାକୁ ରାଜି ହୋଇଥିଲୁ। ଏହି ସହଭାଗୀତା ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ସୁଯୋଗକୁ ବିସ୍ତାର କରିବ ଏବଂ ଏକ ସମୃଦ୍ଧ ଏବଂ ସ୍ଥିର ଭବିଷ୍ୟତ ଆଡ଼କୁ ଓଡ଼ିଶାର ଯାତ୍ରାକୁ ମଜବୁତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିସନର ଡି.କେ ସିଂହ, ବିଶ୍ୱ ବ୍ୟାଙ୍କର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ଭିଜିଲାନ୍ସ ଜାଲରେ...

ଗ୍ରହଣ କରିଥିବା ବିଡରମାନଙ୍କଠାରୁ ଡାକ୍ତର ସନାତନ ବେହେରା ଅନୈତିକ ଭାବେ ଟଙ୍କା ସଂଗ୍ରହ କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହି ଖବର ପାଇବା ମାତ୍ରେ ଭିଜିଲାନ୍ସର ଏକ ଟିମ୍ ଡାକ୍ତର ସନାତନ ବେହେରାଙ୍କୁ ଧରିବା ପାଇଁ ବାହାରି ଯାଇଥିଲା। ଡାକ୍ତର ବେହେରା ସ୍କୁଟରରେ ଏସ୍‌ସିବିରୁ ତାଙ୍କ ସରକାରୀ ବାସଭବନକୁ ଯାଉଥିବା ବେଳେ କାଠଗୋଲାସାହି-ମେଡିକାଲ ରୋଡ୍‌ରେ ତାଙ୍କୁ ଅଟକାଇ ଥିଲେ ଭିଜିଲାନ୍ସ ଅଧିକାରୀ। ଯାଞ୍ଚ ବେଳେ ତାଙ୍କ ସ୍କୁଟରରୁ ବିଡ଼ା ବିଡ଼ା ଟଙ୍କା ବାହାରିଥିଲା। ଗଣିବା ପରେ ସେ ୨ ଲକ୍ଷ ୬୩ ହଜାର ଟଙ୍କା ନେଇ ଯାଉଥିଲେ ବୋଲି ଜଣାପଡ଼ିଲା। ଡାକ୍ତର ବେହେରା ଏତେ ଟଙ୍କା କେଉଁଠାରୁ ଓ କେଉଁ ଉଦ୍ଦେଶ୍ୟରେ ଆଣିଥିଲେ, ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଭିଜିଲାନ୍ସ ଉକ୍ତ ଟଙ୍କାକୁ ଜବତ କରିଥିବା ବେଳେ ଡାକ୍ତର ବେହେରାଙ୍କ ୩ଟି ଠିକଣାରେ ଚଢ଼ାଉ କରିଛି। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହ କରି ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଛି। ସେ କେଉଁଠାରୁ ଏତେ ଟଙ୍କା ଆଣିଲେ, ତାହା ସ୍ପଷ୍ଟ କରିବା ପାଇଁ ତାଙ୍କୁ ଭିଜିଲାନ୍ସର ଏକ ଟିମ୍ ପଚରାଉଚରା ଜାରି ରଖିଛି।

### ବାରାମତିରେ ଅଜିତ୍ ...

ଉପମୁଖ୍ୟମନ୍ତ୍ରୀ ରହିଥିବା ଅଜିତ ପାୱାରଙ୍କ ମୃତଦେହ ତ୍ରିରଙ୍ଗା ପତାକାରେ ଗୁଡ଼ା ହୋଇ ଅନ୍ତିମ ସଂସ୍କାର ପାଇଁ ନିଆଯାଇଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଲୋକ ଉପସ୍ଥିତ ରହି ନିଜ ପ୍ରିୟ ନେତାଙ୍କ ଶେଷ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ବୁଧବାର ସକାଳେ ବିମାନ ଦୁର୍ଘଟଣାରେ ୬୬ ବର୍ଷୀୟ ଅଜିତ ପାୱାରଙ୍କ ପରଲୋକ ଘଟିଥିଲା । ବିମାନରେ ତାଙ୍କ ସହିତ ଉପସ୍ଥିତ ଦୁଇ ପାଇଲଟ ସୁମିତ କପୁର ଓ ସମ୍ଭାବୀ ପାଠକ, ଫ୍ଲାଇଟ ଆଟେଡାଣ୍ଟ ପିଙ୍କି ମାଲି ଓ ଅଜିତ ପାୱାରଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ବିଧିତ୍ ଜାଧବଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ମହାରାଷ୍ଟ୍ର ସରକାର ତିନିଦିନିଆ ଶୋକ ଘୋଷଣା କରିଛନ୍ତି ।

# ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ଡ. ସୂର୍ଯ୍ୟନାରାୟଣ ଦାସଙ୍କ ପରଲୋକ



ବ୍ରହ୍ମପୁର, ୨୯/୧ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ, ସ୍ତମ୍ଭକାର ଡ.ସୂର୍ଯ୍ୟନାରାୟଣ ଦାସଙ୍କ ପରଲୋକ ହୋଇଯାଇଛି । ମଙ୍ଗଳବାର ସକାଳୁ ସ୍ଥାନୀୟ ଅନନ୍ତନଗର ତୃତୀୟ ଲାଇନ ସ୍ଥିତ ବାସଭବନରେ ୮୩ ବର୍ଷ ବୟସରେ ସାହିତ୍ୟିକ ଦାସ ଇହଲୀଳା ଗମନ କରିଛନ୍ତି । ସେ ଜଣେ ବିଶିଷ୍ଟ ସାହିତ୍ୟିକ ସ୍ତମ୍ଭକାର ଭାବେ ରାଜ୍ୟରେ ପରିଚିତ ଥିଲେ । ସେ ୧୯୪୩ ମସିହା ଜାନୁୟାରୀ ୧୯୨୫ରେ ଚିକିଟି ନିକଟସ୍ଥ ବଡବାଡରେ ଜନ୍ମଗ୍ରହଣ କରି ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ । ସାମନ୍ତିଆପଲ୍ଲୀ ପରାଙ୍କୁଶ ବିଦ୍ୟାପୀଠରେ ମାଧ୍ୟମିକ ଶିକ୍ଷା ଶେଷ କରିବା ପରେ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ସ୍ନାତକ ପାସ୍ କରିଥିଲେ। ପରେ ଉଚ୍ଚ ଶିକ୍ଷା ପାଇଁ ଆହ୍ଲାବାଦ ବିଶ୍ୱବିଦ୍ୟାଳୟରେ ଏମ୍ଏ ପାସ୍ କରିଥିଲେ ।୧୯୮୯ ମସିହାରେ ସାରଳା ମହାଭାରତରେ ରାଜନୀତି ବିଷୟକରେ ଗବେଷଣା ନିର୍ବନ୍ଧ ଲେଖି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ପିଏଚ୍‌ଡି ପ୍ରାପ୍ତ କରିଥିଲେ । ସେ ରାଜ୍ୟସରକାରଙ୍କ ଅର୍ଥ ବିଭାଗୀୟ ଅଧିକାରୀ ଓ ଅତିରିକ୍ତ କମିଶନର ଭାବେ କାର୍ଯ୍ୟନିର୍ବାହ କରିଥିଲେ । ଅବସର ପରେ ସାହିତ୍ୟ ସାଧନାରେ ନିମଗ୍ନ ହୋଇ ସେ ବହୁ ସାହିତ୍ୟ କୃତି ଅର୍ଜନ କରି ୪୧ ଗୋଟି ଗ୍ରନ୍ଥ ରଚନା କରିଥିଲେ । ସେଥିମଧ୍ୟରେ ଜୀବନୀ, ଉପନ୍ୟାସ, ପ୍ରବନ୍ଧ, ଅନୁବାଦ, ଇତିହାସ ଓ ଜ୍ୟୋତିଷ ଶାସ୍ତ୍ର ସମ୍ବନ୍ଧିୟ ୪୧ ଟି ପୁସ୍ତକ ରଚନା କରି ଜନସାଧାରଣ ଓ ସାହିତ୍ୟକ ମହଲରେ ପ୍ରଶଂସିତ ହୋଇଥିଲେ । ସେହିପରି ତେଲୁଗୁ ସାହିତ୍ୟ ବିପୁଳା, ଆକାଶବାଣୀ, ଜାତୀୟ ପୁସ୍ତକ ନ୍ୟାସ ସମେତ ବହୁ ପତ୍ର ପ୍ରତିକାରେ ତାଙ୍କର ଲେଖା ପ୍ରକାଶିତ ହୋଇ ଆଦୃତ ହୋଇ ପାରିଥିଲା । ସେ ଉତ୍କଳ ସାହିତ୍ୟ ସମାଜ, ଉତ୍କଳ ପାଠକ ସଂସଦ, ବଂଶଧାରା ସାହିତ୍ୟ ପରିଷଦ, ଫଲ୍ଗୁ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଭାବେ କାର୍ଯ୍ୟକରି ସାହିତ୍ୟ ସାଧନାରେ ବ୍ରତି ରହି ବହୁ ଅନୁଷ୍ଠାନ ପକ୍ଷରୁ ସମ୍ବନ୍ଧିତ ହୋଇଥିଲେ । ସେଥିଜ ମଧ୍ୟରେ ଉତ୍ତ ର ପ୍ରଦେଶ ସରକାର, ସତ୍ୟବାଦୀ ଗୋପବନ୍ଧୁ ମହାବିଦ୍ୟାଳୟ, ନିୟତି ଜ୍ୟୋତିଷ ଗବେଷଣା କେନ୍ଦ୍ର, ବ୍ରହ୍ମପୁର ଉତ୍କଳ ପରିଷଦ, ଗଞ୍ଜାମ ଲେଖକ ସମ୍ମିଳନୀ, କଳିଙ୍ଗ ସାହିତ୍ୟ ସମାଜ, ଓଡିଶା ସାହିତ୍ୟ ଏକାଡେମୀ, ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସମ୍ମାନୀତ ହୋଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ତାଙ୍କ ମୃତ୍ୟୁବେଳକୁ ବଡପୁଅ ଅନୀଲ କୁମାର ଦାସ, ସାନପୁଅ ଶୁଭାଶିଷ ଦାସ, ଚାରି ଝିଅଙ୍କ ମଧ୍ୟରେ ଅର୍ଚ୍ଚନା, ଜ୍ୟୋତ୍ସ୍ନା, କଳ୍ପନା, ଆରାଧନାଙ୍କ ସମେତ ବହୁ ଆତ୍ମୀୟ ସ୍ୱଜନ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ । ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତିମ ସଂସ୍କାର କରାଯାଇଥିଲା ।

# କଳାଗୁଡା ଜଙ୍ଗଲରେ ଅବକାରି ଚଢାଉ

ଜୟପୁର, ୨୯/୧ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଆଜି ଅବକାରି ଚଢାଉ ହୋଇଛି । ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରି ଥାନା ଚଢାଉ କରିଛି । ଚଢାଉ ସୂଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୨୨ ଶହ ଲିଟର ପୋଚ ଓ ୨୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

# ଝୋଟି ମହୋତ୍ସବ ୨୦୨୬ ପାଳିତ




ଜୟପୁର, ୨୯/୧ (ନି.ପ୍ର): ଉତ୍କଳୀୟ ଝୋଟି ପ୍ରତିଷ୍ଠାନ ପକ୍ଷରୁ ଏକ ବିଶାଳ ଝୋଟି ମହୋତ୍ସବ ବାଲେଶ୍ୱରର ପୋଲିସ ଲାଇନରୁ ଆଇ.ଟି.ଆଇ ଛକରେ ରାଜରାସ୍ତାରେ ପାଳିତ ହୋଇଯାଇଛି । ଏଥିରେ ଏକ ଶହରୁ ଉର୍ଦ୍ଧ୍ୱ ମହିଳା ଓ ଝିଅମାନେ ଅଂଶଗ୍ରହଣ କରିଥିଲେ । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ସୋରରୁ କୋଣ ଅନୁକୋଣରୁ ପ୍ରତିଯୋଗୀ ମାନେ ଏଥିରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଦୁଇଟି ବିଭାଗ କରାଯାଇଥିଲା ଗୋଟିଏ କୌଳିକ ବା ପାରମ୍ପରିକ ଓ ଅନ୍ୟଟି ଆଧୁନିକ ଝୋଟି । ଏହାକୁ ସକାଳ ୮ ଘଟିକା ସମୟରେ ଉଦ୍‌ଘାଟନ କରାଯାଇଥିଲା । ଏହି ଉତ୍ସବରେ ପୌରପାଳିକା ଅଧକ୍ଷା ଶ୍ରୀମତୀ ସବିତା ସାହୁ ମୁଖ୍ୟ ଅତିଥି ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଜଗନ୍ନାଥଙ୍କ ଠାରେ ପୁଷ୍ପମାଲ୍ୟ ଦେଇ ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ । ସଭାପତି ଶ୍ରୀମତୀ ଅଞ୍ଜଳି ପଣ୍ଡା ସଭାପତିତ୍ୱ କରିଥିଲେ । ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ସାଧାରଣ ସମ୍ପାଦିକା ଝୋଟି ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଝୋଟି ପ୍ରଥା ଲୋପ ପାଇଯାଉଛି ବୋଲି ଦୁଃଖ ପ୍ରକାଶ କରିବା ସହିତ ଏହାକୁ ଉଦ୍ ?ଜୀବିତ ରଖିବା ପାଇଁ ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ । ସରକାରୀ ସ୍ତରରେ ପ୍ରତ୍ସାହିତ କରିବେ ବୋଲି ମୁଖ୍ୟ ବକ୍ତା ଶ୍ରୀ ସୁଧାକର ନାୟକ ପ୍ରତିଶ୍ରୁତି ଦେଇଥିଲେ । ଦିବା ୧୦.୩୦ ମିନିଟରେ ଉଦ୍ ?ଯାପନୀ ଉତ୍ସବରେ ବକ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଶ୍ରୀ ସୂରଜବଂଶୀ ମୟୂରବିକାଶ ଜିଲ୍ଲାପାଳ ବାଲେଶ୍ୱର ଓ ସମ୍ମାନିତ ଅତିଥି ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନା ମହାନ୍ତି ଓ ଶ୍ରୀମତୀ ଅଞ୍ଜଳି ପଣ୍ଡା ସଭାପତି ସଭାପତିତ୍ୱ କରିଥିଲେ । ଏଥିରେ ପାରମ୍ପରିକ ଝୋଟିର ପ୍ରଥମ ସ୍ଥାନ ଅଧିକାର କରିଥିଲେ ସୁଚିସ୍ମିତା ବେହେରା, ୨ୟ ବନଶ୍ରୀ ଦେ ଓ ୩ୟ ସଂଘମିତ୍ରା ସାମଲ ତାଙ୍କ ଯଥାକ୍ରମେ ୨୦୦୦, ୧୫୦୦ ଓ ୧୦୦୦ ଟଙ୍କା ଅର୍ଥ ରାଶି ଦିଆଯାଇଥିଲା । ଆଧୁନିକରେ ୧ମ ଆତ୍ମପଲ୍ଲୀ ପ୍ରଧାନ, ୨ୟ କବିତା ଗିରି, ୩ୟ ପ୍ରଲ୍ଲିତା ପରିଡ଼ା ଓ ୨୦ଜଣଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସହଯୋଗ କରି ଉପସଭାନେତ୍ରୀ ଶ୍ରୀମତୀ ଗିରିଜା ମିଶ୍ର, ଶ୍ରୀମତୀ ସଂଘମିତ୍ରା ମହାନ୍ତି, ଗୋପମୁଦ୍ରା ମହାପାତ୍ର, ସସ୍ମିତା ମିଶ୍ର, ଜୟଶ୍ରୀ ସାହୁ, ଆଶ୍ରିତା ତରାଇ, ସୁନାମଣୀ ଜେନା, ରାଜଲକ୍ଷ୍ମୀ ଚାର୍ଟାଜୀ, ଶାନ୍ତି ବିଶି, ସୁକାନ୍ତି ଦେବ ଗସ୍ୱାମୀ, ଅମିତା ଚାନ୍ଦ ପ୍ରମୁଖ ସଫଳ କରିଥିଲେ ।

# ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପ ଅଂଚଳରେ ଜାତୀୟ କଂଗ୍ରେସର ଢିଙ୍କିଆରେ ରଣହୁଙ୍କାର

## ଢିଙ୍କିଆ ଚାରି ଦେଶବାସୀଙ୍କ ପ୍ରତିବାଦ ସ୍ୱର ଦିଲ୍ଲୀରେ ପହଂଚିବ



ପାରାଦୀପ, ୨୯/୧ (ନି.ପ୍ର): ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଓଡିଶା ପ୍ରଭାରୀ ଅଜୟ କୁମାର ଲଲୁ ଆଜି ଢ଼ିଙ୍କିଆ ଆସି ଏକ ପ୍ରତିବାଦ ସଭାରେ ଯୋଗ ଦେଇ ଫେରିଯାଇଛନ୍ତି। ଧାନ, ପାନ, ମୀନ ପାଇଁ ପ୍ରସିଦ୍ଧ ଢିଙ୍କିଆ ଅଂଚଳରୁ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରି ଆଗାମୀ ଦିନରେ ପ୍ରତ୍ୟେକ ଗ୍ରାମରୁ ଏହାର ବିରୋଧରେ ସ୍ୱର ବାହାରି ରାଜଧାନୀ ଭୁବନେଶ୍ୱର ଓ ନୂଆଦିଲ୍ଲୀରେ ପହଂଚିବ ବୋଲି ଢିଙ୍କିଆଠାରେ ଆୟୋଜିତ ପ୍ରତିବାଦରେ ପ୍ରତିଶ୍ରୁତି ଦେଇଛନ୍ତି ଓଡିଶା ପ୍ରଦେଶ କଂଗ୍ରେସ୍ ସଭାପତି ଭକ୍ତଚରଣ ଦାସ । ଗୁରୁବାର ଦିନ ପୂର୍ବାହ୍ନରେ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପ ପାଇଁ ଜଙ୍ଗଲ ଆଇନ୍ ଅଧିକାର, ଗ୍ରାମସଭା ନକରି ହଜାର ହଜାର ଏକର ଜଙ୍ଗଲ ଜମିକୁ ଜେଏସଡବ୍ଲ୍ୟୁକୁ ଟେକିଦେବା ଓ ଲୋକଙ୍କ ଜୀବିକା ଛଡେଇ ନେବା ବିରୁଦ୍ଧରେ ଜାତୀୟ କଂଗ୍ରେସ୍ ପକ୍ଷରୁ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିବାଦ ସଭାରେ ପିସିସି ସଭାପତି ଭକ୍ତ ଦାସଙ୍କ ସମେତ ଓଡିଶା ପ୍ରଭାରୀ ଅଜୟ କୁମାର ଲଲୁଙ୍କ ସମେତ ଜାତୀୟ ଓ ରାଜ୍ୟସ୍ତରୀୟ କଂଗ୍ରେସ୍ ନେତାମାନେ ସାମିଲ ହୋଇ ନୂଆଗାଁ ମଠସାହି ନିକଟରୁ ଏକ ବିଶାଳ ର୍‍ୟାଲି ବାହାରିଥିଲା । ଏହି ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ସାମିଲ ହେବା ସହିତ ଢିଙ୍କିଆଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସାମିଲ ହୋଇଥିଲେ । ଜିନ୍ଦଲ ପ୍ରକଳ୍ପକୁ ନେଇ ବିଗତ ଦିନରେ ଘଟିଯାଇଥିବା ଘଟଣାକୁ ଦୃଢ ନିନ୍ଦା କରିଥଲେ କଂଗ୍ରେସ୍ ନେତାମାନେ । ଏଠାରେ ପ୍ରକଳ୍ପ କରିବା ପାଇଁ ବିଗତ ବିଜେଡି ସରକାର ହୁଅନ୍ତୁ କିମ୍ବା ବର୍ତ୍ତମାନର ବିଜେପି ସରକାର ଶିଳ୍ପର ଗୋଲାମ ସାଜିଛନ୍ତି ବୋଲି ଓଡିଶା ପ୍ରଭାରୀ ଅଜୟ କୁମାର ଲଲୁ କହିଥିଲେ । ଦୀର୍ଘ ଦିନ ଧରି ନିଜ ଭିଟାମାଟି ପାଇଁ ଲଢେଇ କରି ଆସୁଥିବା ଢିଙ୍କିଆ ଚାରିଦେଶବାସୀଙ୍କ ମାଆ ମାଟିର ସୁରକ୍ଷା ଦାବୀ ସହିତ କଂଗ୍ରେସ୍ ସାମିଲ ହୋଇଛି । ୨୦୨୨ ମସିହାରେ ପୋଲିସ୍ ଓ ଢିଙ୍କିଆବାସୀଙ୍କ ମଧ୍ୟରେ ମୁହାଁମୁହିଁ ଓ ପୋଲିସ୍ ଲାଠିଚାର୍ଜ ଘଟଣା ପରେ ପ୍ରଥମଥର ପାଇଁ ଢିଙ୍କିଆ ଚାରିଦେଶରେ ପୁଣି ପ୍ରକଳ୍ପ ବିରୋଧୀଙ୍କ ସ୍ୱର ଶାଣିତ ହୋଇଛି । ଏହି ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ, ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ୍ ନେତା ନିରଜଂନ ନାୟକ, ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ, ପ୍ରକଳ୍ପ ପ୍ରତିରୋଧ ସଂଗ୍ରାମ ସମିତି ନେତା ଦେବେନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ପ୍ରକଳ୍ପ ବିରୋଧରେ ଶାଣୀତ ମତବ୍ୟକ୍ତ କରିଥିଲେ । ଅପରପକ୍ଷରେ ଢିଙ୍କିଆର ପୂର୍ବତନ ସରପଂଚ ଶିଶିର କୁମାର ମହାପାତ୍ର କହିଛନ୍ତି ଯେ, ଯେତେ ସବୁ କମ୍ପାନୀ ପାରାଦୀପକୁ ଆସୁଛନ୍ତି ସମସ୍ତେ ଶିଳ୍ପ ପ୍ରତିଷ୍ଠା ପରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି । କିନ୍ତୁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ କମ୍ପାନୀ ପ୍ରକଳ୍ପ ଆରମ୍ଭ ନ କରିବା ପୂର୍ବରୁ ଢିଙ୍କିଆ ଚାରିଦେଶର ୧୫୦ଜଣଙ୍କୁ ନିଯୁକ୍ତି ଦେଇଛି । ପ୍ରକଳ୍ପ ଆରମ୍ଭ କରିବା ପରେ ଆମ ଅଂଚଳର ବୈଷୟିକ ଡିଗ୍ରୀ ଧାରି ପିଲାମାନଙ୍କୁ ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛି । କାରଖାନା ଆରମ୍ଭ ନହେବା ପୂର୍ବରୁ ସିଏସଆର୍ ଫଣ୍ଡରେ ବିଭିନ୍ନ ଲୋକାଭୀମୁଖି କାର୍ଯ୍ୟ କରିବା ସହିତ ମହିଳା ସଶକ୍ତିକରଣ, କୃଷକମାନଙ୍କୁ ଆତ୍ମନିର୍ଭରଶୀଳ କାମ କରି ଚାଲିଛି । ୨୦୦୫ ମସିହାରେ କଂଗ୍ରେସ୍ ସରକାର ସମୟରେ ପୋସ୍କୋ କମ୍ପାନୀ ଏଠାକୁ ଆସିଥିଲା ସେତେବେଳେ ଯେଉଁ ପରିସ୍ଥିତି ହୋଇଥିଲା ସେତେବେଳେ କଂଗ୍ରେସ୍ ଭାଇମାନେ ଦିନେ ହେଲେବି ପୋସ୍କୋକୁ ବିରୋଧ କରି ନଥିଲେ ବୋଲି ନୂଆଗାଁର ତାମିଲ ପ୍ରଧାନ କହିଛନ୍ତି । ଏ ସମ୍ପର୍କରେ ଜେଏସଡବ୍ଲ୍ୟୁ କମ୍ପାନୀ ଅଧିକାରୀ କହିଛନ୍ତି ସ୍ଥାନୀୟ ଲୋକେ ଏଠାରେ ଠିକାଦାର କାମ କରୁଛନ୍ତି, ସ୍ଥାନୀୟ ଅଂଚଳର ବେକାରମାନଙ୍କୁ ଅଫିସରେ ନିଯୁକ୍ତି ଦିଆ ଯିବା ସହିତ ସ୍ଥାନୀୟ ଅଂଚଳରେ ବହୁ ଲୋକାଭୀମୁଖୀ କାର୍ଯ୍ୟ କରାଯାଉଛି ।

# ଜୁନିୟର ରେଡ଼କ୍ରସ କ୍ୟାମ୍ପ ଉଦ୍‌ଘାଟିତ




ଭଦ୍ରକ , ୨୯/୧ (ନି.ପ୍ର): ୩୦ ତମ ଭଦ୍ରକ ଜିଲ୍ଲାସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଭଦ୍ରକ ଚରମ୍ପାସ୍ଥିତ ଆର.ସି.ବି.ଏଲ୍. ହାଇସ୍କୁଲରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିୟର ରେଡ଼କ୍ରସର ଅଧ୍ୟକ୍ଷ ଡ. ଜଗବନ୍ଧୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ଭାବରେ ଭଦ୍ରକ ପୌରପାଳିକା ଅଧକ୍ଷା ଗୁଲମକ୍କି ଦଲୱାଜି ହବିବ୍, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଡ. ପ୍ରଫୁଲ୍ଲ କୁମାର ସାହୁ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ, କଟକ ଜିଲ୍ଲାର ପୂର୍ବତନ ଜୁନିୟର ରେଡ଼କ୍ରସ ଅଧିକାରୀ ମିହିର୍ କୁମାର ପରିଡ଼ା ଯୋଗଦାନ କରି ଜୁନିୟ ରେଡ଼କ୍ରସର ଲକ୍ଷ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ, ଆର.ସି.ବି.ଏଲ୍. ହାଇସ୍କୁଲର ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମାଝି ସ୍ୱାଗତ ଭାଷଣ, ଭଦ୍ରକ ଜିଲ୍ଲା ଜୁନିୟର ରେଡ଼କ୍ରସ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ନାୟକ ସଂପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଜୁନିୟର ରେଡ଼କ୍ରସର ଯୁଗ୍ମ ସଂପାଦକ ଭୀମ ଚରଣ ପରିଡ଼ା ଓ ଲିପିରେଖା ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ଭାଗବତ ସୂତାର, ହେମନ୍ତ ସୂତାର, ଦିପ୍ତୀମୟୀ ସାହୁ, ରାଜକିଶୋର ଚୌଧୁରୀ, ଶଶୀଶେଖର କରଶର୍ମା, ତରଣୀ ସେନ ଜେନା ରେଡ଼କ୍ରସର ଇତିହାସ ଓ ସାତଟି ନିୟମ ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷରେ ଗୀତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ୩ଦିନ ପାଇଁ ହେବାକୁ ଯାଉଥିବା ଏହି କାର୍ଯ୍ୟକ୍ରମରେ ଛରିଶହ ବୟାଅଶି ଜଣ ଛାତ୍ରଛାତ୍ରୀ ଓ ଏକଶହ ତେୟାନବେ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏହି କ୍ୟାମ୍ପରେ ରେଡ଼କ୍ରସ ଇତିହାସ, ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସଡ଼କ ସୁରକ୍ଷା, ରକ୍ତ ଦାନ, ପ୍ରାଥମିକ ଉପଚାର ଇତ୍ୟାଦି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି।

ଏହି ଶିବିରରେ ସାତଟି ବ୍ଲକର ସଂଯୋଜକ ମହେଶ୍ୱର ରାଉତ, ଲିଜା ଦାସ, ଦେବାଶିଷ ଆଚାର୍ଯ୍ୟ, ସୁଶାନ୍ତ କୁମାର ବିଶ୍ୱାଳ, ବିଶ୍ୱରଞ୍ଜନ ମଲ୍ଲିକ, ଲିଲିରାଣୀ ନାୟକ, ଧର୍ମେନ୍ଦ୍ର ବେହେରା, କ୍ୟାମ୍ପ ପରିଚାଳନା କରିଥିଲେ। ସମରେନ୍ଦ୍ର ମିଶ୍ର, ପ୍ରଦିପ ମହାପାତ୍ର, ମାନସ ମିଶ୍ର, ଅକ୍ଷୟ ସେଠୀ, ଜିତେନ୍ଦ୍ର ନାୟକ, ଶାନ୍ତିଲତା ପଣ୍ଡା, ରୁବିନା ଖାତୁନ, ମୋନାଲିସା ସାହୁ, ବିଣାପାଣୀ ପଣ୍ଡା, ସ୍ମିତା ସୁଚରିତା ମଲିକ ସହଯୋଗ କରିଥିଲେ। ବିଚାରକ ଭାବରେ ଜିତେନ୍ଦ୍ର ସିଂ, ଦିପ୍ତିମୟୀ ସାହୁ, ବସନ୍ତ ଲେଙ୍କା, ନୃସିଂହ ସାହୁ ଯୋଗଦାନ କରିଥିଲେ।

# ଚେକ୍ ବାଉନସ୍ ମାମଲାରେ ମୁଦାଲାଙ୍କୁ ଏକବର୍ଷ କାରାଦଣ୍ଡ

ନୀଳଗିରି , ୨୯/୧ (ନି.ପ୍ର): ଏକ ଚେକ ବାଉନସ ମାମଲାରେ ଦୋଷୀଙ୍କୁ ଏକବର୍ଷର ଜେଲଦଣ୍ଡ ଶୁଣାଇଛନ୍ତି ମାନ୍ୟବର ଏସଡିଜେଏମ ନୀଳଗିରି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା କେନ୍ଦୁଖୁଣ୍ଟା ଗ୍ରାମର ରମାକାନ୍ତ ବେହେରାଙ୍କ ପୁଅ ଅକ୍ଷୟ କୁମାର ବେହେରା ଗତ ୨୦୨୦ମସିହା ଜୁନ ୨ତାରିଖ ଉକ୍ତ ଥାନା ଅଧୀନସ୍ଥ ଗୋପୀନାଥପୁର ଗ୍ରାମର ସ୍ୱର୍ଗତ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ପୁଅ ନିଶାକର ପ୍ରଧାନଙ୍କ ଠାରୁ ୩ଲକ୍ଷ ୬୦ହଜାର ଟଙ୍କାର ବିଭିନ୍ନ ନିର୍ମାଣସାମଗ୍ରୀ ନେଇ ଏ ବାବଦରେ ଏକ ଚେକ୍ ପ୍ରଦାନ କରିଥିଲେ। ମାତ୍ର ଏହି ଚେକ୍ ବାଉନସ ହେବାରୁ ନିଶାକର ନୀଳଗିରିର ମାନ୍ୟବର ଏସଡିଜେଏମଙ୍କ କୋର୍ଟରେ ୭୨/୨୦ରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ବିଚାରକରି ମାନ୍ୟବର ଜଜ୍ ୭/୧/୨୦୨୬ତାରିଖ ମୁଦାଲା ଅକ୍ଷୟ ବେହେରାଙ୍କୁ ଏକବର୍ଷ ଜେଲଦଣ୍ଡ ସହ ୬ମାସ ମଧ୍ୟରେ ୪ଲକ୍ଷ ଟଙ୍କା ଫେରାଇବାକୁ ରାୟ ପ୍ରକାଶ କରିଛନ୍ତି। ମୁଦେଇ ନିଶାକରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଦେବେନ୍ଦ୍ର କୁମାର ପଣ୍ଡା ଓ କରୁଣାକର ସ୍ୱାଇଁ ପରିଚାଳନା କରିଥିଲେ।

# ଗବସାହି ମା' ତାରିଣୀ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ

ଭଦ୍ରକ , ୨୯/୧ (ନି.ପ୍ର): ପୌରାଞ୍ଚଳ ୭ ନଂ ୱାର୍ଡ ଗବସାହି ସ୍ଥିତ ମା' ତାରିଣୀ ମନ୍ଦିରର ସପ୍ତମ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ଗୁରୁବାର ପ୍ରଥମ ଦିବସରେ ଶତାଧିକ ମହିଳା ସାଳନ୍ଦୀ ନଦୀଘାଟରୁ କଳସ ବୁଡାଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ସମସ୍ତ କଳସ ସ୍ଥାପନା ପରେ ପୂଜାରୀତି ଆରମ୍ଭ ହୋଇଥିଲା। କଳସ ସ୍ଥାପନ, ସୂର୍ଯ୍ୟପୂଜା, ଗ୍ରହଶାନ୍ତି, ମା'ଙ୍କ ଷୋଡଶ ପୂଜା ହୋଇଥିଲା। ପରେ ବିଶ୍ୱଶାନ୍ତି ମହାଯଜ୍ଞ ଓ ଚଣ୍ଡୀପାଠ ରୀତିନୀତି ଅନୁଯାୟୀ ହୋଇଥିଲା। ଯଜ୍ଞ ମଣ୍ଡପରେ ସାମ୍ବାଦିକ ଜ୍ଞାନ ପ୍ରକାଶ ପାଣି ଓ ତାଙ୍କ ଧର୍ମପତ୍ନୀ ଯୁଥିକା ପାଣୀ, ଉପସଭାପତି ସରୋଜ କୁମାର ରାଉଳ ଓ ତାଙ୍କ ଧର୍ମପତ୍ନୀ ସୁଭଦ୍ରା ରାଉଳ ବସିଥିଲେ। ଏକ ଆଧାତ୍ମିକ ପରିବେଶ ମଧ୍ୟରେ ସକାଳ ଏବଂ ସନ୍ଧ୍ୟାରେ ମହା ଆଳତୀ ହୋଇଥିଲା। ଏହି ଅବସରରେ ନାମ ସଂକୀର୍ତ୍ତନ ୨ ଦିନ ଧରି ଚାଲିଥିଲା। ଶହ ଶହ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ୨ ଦିନ ଧରି ପ୍ରସାଦ ସେବନ ଦିଆଯାଇଥିଲା। ମାଆ ତାରିଣୀ ମନ୍ଦିର ପରିଚାଳନା କମିଟିର ସଭାପତି ଜଗବନ୍ଧୁ ପାଣି, ଉପସଭାପତି ସରୋଜ କୁମାର ରାଉଳ, ସମ୍ପାଦକ ଅନୁପ କୁମାର ସାହୁ, ସହ ସମ୍ପାଦକ ଜଗବନ୍ଧୁ ଜେନା, କୋଷାଧ୍ୟକ୍ଷ୍ୟ ନରେନ୍ଦ୍ର କୁମାର ଦାସ, ବରିଷ୍ଠ ପାଣି, ଉପଦେଷ୍ଟା ହରେକୃଷ୍ଣ ଦାସ, ରାଜେନ୍ଦ୍ର ଜେନା, ରାଜେଶ ଦାସ, ଅକ୍ଷୟ କୁମାର ଅଶୋକ ଜେନା ଓ ସମସ୍ତ ସଦସ୍ୟମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ହୋଇ ମା'ଙ୍କ ଆଶୀର୍ବାଦ ନେଇଥିଲେ।

ଶୁକ୍ରବାର, ୩୦ ଜାନୁଆରୀ ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଜାତୀୟ ଭଲିବଲ ଚମ୍ପିୟାନସିପରେ କୋଚ ମନୋରଞ୍ଜନଜୀଉ ସମ୍ବର୍ଦ୍ଧିତ

ବାରିପଦା , ୨୯/୧ (ନି.ପ୍ର): ଉତ୍ତରପ୍ରଦେଶର ବନାରସ ଠାରେ ଅନୁଷ୍ଠିତ ୭୨ ତମ ଜାତୀୟ ଭଲିବଲ ଚାମ୍ପିୟନସିପ ଅବସରରେ ବାରିପଦାର ଭଲିବଲ କୋଚ ମନୋରଞ୍ଜନ ଜୀଉ (ଗାନ୍ଧୀ ଭାଇ ) ସମ୍ବର୍ଦ୍ଧିତ ହୋଇଛନ୍ତି ଓ ଏହି ଚାମ୍ପିୟନସିପରେ ଓଡିଶା ଭଲିବଲ ଦଳର କୋଚ ତଥା ଓଡିଶା ଭଲିବଲ ଏସୋସିଏସନର ଉପ ସଭାପତିଙ୍କ ନେତୃତ୍ୱରେ ଓଡିଶା ଦଳ ଆନ୍ଧ୍ରପ୍ରଦେଶ, ବିହାର, ତେଲେଙ୍ଗାନାକୁ ପରାସ୍ତ କରିଥିଲା ଓ ଏହି ଅବସରରେ ଶ୍ରୀ ଜୀଉ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଓ ନିକଟ ଅତୀତରେ ପାଇକସାହି ସ୍ଥିତ ରଂଜିତ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଭଲିବଲ ଚାମ୍ପିୟନସିପ ଅବସରରେ ମଧ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ଓ ପ୍ରକାଶ ଥାଉକି ଶ୍ରୀ ଜୀଉ ଙ୍କ ଠାରୁ ପ୍ରଶିକ୍ଷଣ ପାଇ ବହୁ ଖେଳାଳି ରାଜ୍ୟ ଏବଂ ଜାତୀୟ ସ୍ତରରେ ସଫଳତା ହାସଲ କରି ଜିଲ୍ଲା ପାଇଁ ସୁନାମ ଆଣିବା ସହ ବହୁ ପଦପଦବୀରେ ପ୍ରତିଷ୍ଠିତ ହୋଇପାରିଛନ୍ତି ଓ ଖବର ପାଇ ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା, ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଗଣମାଧମ




ସଂଯୋଜକ ସୋମନାଥ ସିଂହ, ଭଲିବଲ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ସହଭାଗିତାରେ ଉନ୍ନୟନ କାର୍ଯ୍ୟ ହେବାର ପ୍ରତିଶ୍ରୁତି ଦେଲେ ପିଏ
# ଆଇଟିଡିଏ: ଧାରଣା ପ୍ରତ୍ୟାହୃତ କଲା ବିଜେଡ଼ି ସମର୍ଥିତ ଜନପ୍ରତିନିଧି

ନୀଳଗିରି , ୨୯/୧ (ନି.ପ୍ର): ଦୁଇଦିନ ଧରି ନୀଳଗିରି ବିଜେଡିର ଲୋକପ୍ରତିନିଧି ମାନେ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ବେଳେ ଆଜି ଏହି ଧାରଣା ପ୍ରତ୍ୟାହୃତ ହୋଇଛି । ସୂଚନାରୁ ପ୍ରକାଶ ବିଗତବର୍ଷ ମାନଙ୍କରେ ନୀଳଗିରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ବିଭିନ୍ନ ଯୋଜନାରେ ଆସିଥିବା ସରକାରୀ ଅର୍ଥକୁ ବିଭାଗୀୟ ଅଧିକାରୀ ସ୍ଥାନୀୟ ପଞ୍ଚାୟତ ସମିତିର ଲୋକ ପ୍ରତିନିଧି ମାନଙ୍କୁ ଅଗୋଚରରେ ରଖି ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ ପୃଷ୍ଠପୋଷକତା କରି




କାର୍ଯ୍ୟାଦେଶ ଦେଉଥିଲେ । ଏହାକୁ ବିରୋଧକରି କିଛି ପଞ୍ଚାୟତସମିତି ପ୍ରତିନିଧି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କୁ ଫେରାଦ ହୋଇଥିଲେ । ଗତ ୨୮ତାରିଖ ବୁଧବାର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ପଞ୍ଚାୟତସମିତି ଅଧୀନସ୍ଥ ସରପଞ୍ଚ ଓ ସଭ୍ୟମାନେ ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ଆଜି ଦ୍ୱିତୀୟ ଦିବସରେ ଧାରଣା ଜାରି ରହିଥିବା ବେଳେ ଆଇଟିଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡ଼ଃ ମଧୁସ୍ମିତା ସାମନ୍ତରାୟ ପହଞ୍ଚି ସମସ୍ତ ଚାଲୁ ରହିଥିବା ଉନ୍ନୟନକାର୍ଯ୍ୟ ଯଥା:- ପ୍ରଧାନମନ୍ତ୍ରୀ ଆଦି ଆଦର୍ଷ ଯୋଜନା, ମୁଖ୍ୟମନ୍ତ୍ରୀ ଉନ୍ନୟନଯୋଜନା, ସ୍ୱତନ୍ତ୍ର ଉନ୍ନୟନ ଯୋଜନା ଆଦି ବିଭିନ୍ନ ଯୋଜନାରେ ଆସିଥିବା ଅର୍ଥରାଶି କାର୍ଯ୍ୟ ଚାଲୁରହିବ ଏବଂ କାମ ହୋଇନଥିବା କାର୍ଯ୍ୟଗୁଡ଼ିକ ସ୍ଥାନୀୟ ସାଂସଦଙ୍କ ଉପସ୍ଥିତିରେ ବିଚାରବିମର୍ଷ କରି ସହଯୋଗିତାରେ କାର୍ଯ୍ୟ ସମ୍ପାଦନ କରାଯିବବୋଲି ପ୍ରତିଶ୍ରୁତି ଦେବାପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା ।

## ବୈଶ୍ୱିକ ଆହ୍ୱାନ ମଧ୍ୟରେ ରେକର୍ଡ଼ କରୁଛି ଆମର ରପ୍ତାନୀ- ଆର୍ଥିକ ସର୍ବେକ୍ଷଣ

ନୂଆଦିଲ୍ଲୀ,୨୯/୧ : ବୈଶ୍ୱିକ ଆହ୍ୱାନ ମଧ୍ୟରେ ଦେଶର ରପ୍ତାନୀ ଲଗାତାର ରେକର୍ଡ଼ କରୁଛି । ୨୦୦୫ରୁ ୨୦୨୪ ପର୍ଯ୍ୟନ୍ତ ଭାରତର ସେବା କ୍ଷେତ୍ରର ରପ୍ତାନୀ ଅଢ଼େଇଗୁଣା ବୃଦ୍ଧି ପାଇଛି ଏବଂ ଏହାର ଭାଗିଦାରି ବୈଶ୍ୱିକ ସେବାର ରପ୍ତାନୀରେ ପ୍ରାୟ ୨ ପ୍ରତିଶତରୁ ବଢ଼ି ୪.୩ ପ୍ରତିଶତ ହୋଇଛି । ଏହି ଅବଧିରେ ବସ୍ତୁ ବ୍ୟାପାର(ମର୍ଚେଡାଇଜ) ରପ୍ତାନୀ ମଧ ଦୁଇଗୁଣା ହୋଇ ୧ ପ୍ରତିଶତରୁ ବଢ଼ି ୧.୮ ପ୍ରତିାତ ପର୍ଯ୍ୟନ୍ତ ପହଂଚିଛି । ଆର୍ଥିକ ବର୍ଷ ୨୦୨୫-୨୬ରେ ଭାରତର ମୋଟ ରପ୍ତାନୀ ରେକର୍ଡ ୮୨୫.୩ ବିଲିୟନ ଆମେରିକୀ ଡଲାର ପର୍ଯ୍ୟନ୍ତ ପହଂଚିଛି ।

# ତୁଡିଗଡିଆ ନିଳାମ୍ବର ହାଇସ୍କୁଲରେ ପିଏମଶ୍ରୀ ଉତ୍ସବ



ଖଇରା, ୨୯/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆ ସ୍ଥିତ ପିଏମଶ୍ରୀ ନିଳାମ୍ବର ହାଇସ୍କୁଲରେ ବୁଧବାର ଦିନ ପିଏମଶ୍ରୀ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇ ଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ମୁଖ୍ୟ ଅତିଥି,ଅବସରପ୍ରାପ୍ତ ଶିକ୍ଷକ ତଥା ସୁସାହିତ୍ୟକ ଅକ୍ଷିତ କୁମାର ଜେନା ମୁଖ୍ୟବକ୍ତା,ସରପଞ୍ଚ ମଦମମୋହନ ସାନ୍ତରା,ଏମ୍ସର ଗ୍ୟାଷ୍ଟ୍ରୋସଲ୍ୟ ଚିକିତ୍ସକ ଡ ସୁନିତା ଗୁପ୍ତା,ଏସଏମସି ସଭାପତି ମହେଶ୍ୱର ନାଥ, ଆୟୁସ ଡାକ୍ତର ଡ ରବିନାରାୟଣ ବେହେରା, ୱାର୍ଡସଭ୍ୟା ସବିତା ଗାହାଣ,ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଲୋଚନ ଘଡେଇ,ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ,ଆଲୁମିନି ସଭାପତି ଅମୂଲ୍ୟ ରାଉତ,ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୋନମ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସରକାରଙ୍କ ଏହି ନୂତନ ଶିକ୍ଷା ଶୈଳୀ ପିଏମଶ୍ରୀ କାର୍ଯ୍ୟକ୍ରମ ପିଲାମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବ ବୋଲି ଅତିଥି ମାନେ ପ୍ରକାଶ କରିଥିଲେ । ଅମୁଲ୍ୟ କୁମାର ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅତିଥି ମାନେ କ୍ରୀଡାଙ୍ଗନା,କୌଶଳୀ,ଜିଜ୍ଞାସା ଭଳି ବିଭିନ୍ନ ବିଷୟରେ ପାରଦର୍ଶିତା ଦେଖାଇଥିବା ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା ।

# ହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୈଶିଙ୍ଗା, ୨୯/୧ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ବାଛୁରୀପଡା କ୍ଲଷ୍ଟରର ହରିପୁର ଉ.ପ୍ରା. ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଲବ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ହେମପୁରର ପ୍ରଧାନ ଶିକ୍ଷକ ସମରଜିତ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବାବେଳେ ସମାଜସେବୀ ମଙ୍ଗଳ ଚରଣ ଟୁଡୁ, ପୂର୍ବତନ ଆଞ୍ଚଳିକ ସାଧନ କର୍ମୀ ଶୈଳେନ୍ଦ୍ର କୁମାର ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତୃପ୍ତି ପଟ୍ଟନାୟକ, ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନ୍ଦ କିଶୋର ଦାସ, ଆଞ୍ଚଳିକ ସାଧନ କର୍ମୀ ରାଜେଶ କୁମାର ସାହୁ, ବିଦ୍ୟାଳୟର ସଭାପତି ଯତୀନ୍ଦ୍ର ନାଥ ମହାନ୍ତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷକ ସୁବାସ ଚନ୍ଦ୍ର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହକାରୀ ଶିକ୍ଷକ ବିଶ୍ୱଜିତ ବେହେରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଅନୁପମ ଦଳାଇ ଓ ଜମ୍ବୁ ଦିଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ବାର୍ଷିକ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଅଗଣି ନରେନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଶିବିର

ଖଇରା, ୨୯/୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୦ତାରିଖରେ ଆରମ୍ଭ ହୋଇଥିବା ଜାତୀୟ ସେବା ଶିବିର ୨୬ ତାରିଖ ଦିନ ଉଦ୍ୟାପିତ ହୋଇ ଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସମହାପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଗୋପିନାଥ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ୭ ଦିନ ଧରି ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ବୃକ୍ଷରୋପଣ, ନିଶାନିବାରଣ,ସାଇବର ଅପରାଧ,ସଡକ ସୁରକ୍ଷା,ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା,ବାଲ୍ୟବିବାହ ଇତ୍ୟାଦି ବିଷୟରେ ନିକଟସ୍ଥ ଗ୍ରାମର ଅଧିବାସୀଙ୍କୁ ସଚେତନ କରାଯାଇଥିଲା । ବରିଷ୍ଠ ଅଧ୍ୟାପକ ବନମାଳୀ ଉପାଧ୍ୟାୟଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ ।

# ଆମ ଗାଁ ଯୁବ ପରିଷଦର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବସ୍ତା , ୨୯/୧ (ନି.ପ୍ର): ଆମ ଗାଁ ଯୁବ ପରିଷଦ ଓ ଓଡ଼ିଶା ରକ୍ତଦାତା ସଙ୍ଗଠନର ମିଳିତ ସହଯୋଗରେ ଚକର୍ଜୁନୀ ଗ୍ରାମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ତପନୀ ଭୂୟାଁ ଏହି ଶିବିରକୁ ଉଦଘାଟନ କରିବା ସହ ସ୍ୱେଚ୍ଛା ରକ୍ତଦାନର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଗ୍ରାମ ମୁଖ୍ୟ ଅଧାପକ କାର୍ତ୍ତିକେଶ୍ୱର ପାତ୍ର, ଆମ ଗାଁ ଯୁବ ପରିଷଦର ସଭାପତି ରାଜେନ୍ଦ୍ର ପାତ୍ର, କୋଷାଧକ୍ଷ ଚନ୍ଦନ କୁମାର ସେଠୀ, ଶ୍ରୀପତି ରାଉତ, ୱାର୍ଡ ସଭ୍ୟ ମଧୁସୂଦନ ପ୍ରଧାନ, ଗୌରାଙ୍ଗ ଚରଣ ପ୍ରଧାନ ଓ ନାରାୟଣ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସୁଜିତ୍ କୁମାର ପ୍ରଧାନ, କାହ୍ନୁ ଚରଣ ରଣା, ରାମଚନ୍ଦ୍ର ଦେ, ଶମ୍ଭୁନାଥ ଦେ, ଶତ୍ରୁଘ୍ନ ଦେ, ଅଶୋକ କୁମାର ଦେ, ଜଗବନ୍ଧୁ ଦେ, ଶୁଭଜିତ ଦାସ, ସତ୍ୟରଞ୍ଜନ ଦାସ, ରତନ କୁମାର ସେଠୀ, ମନୋରଞ୍ଜନ ରଣା, ଚନ୍ଦନ ଭଞ୍ଜ, ରତନ କୁମାର ଭଞ୍ଜ, ରବୀନ୍ଦ୍ର ସେଠୀ, ଚନ୍ଦନ କୁମାର ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଶିବିରରେ ବାରିପଦାସ୍ଥିତ ଓଡ଼ିଶା ରକ୍ତକେନ୍ଦ୍ରର ବ୍ଲଡ଼ ବ୍ୟାଙ୍କ ଅଫିସର ଡ଼ା. ସମ୍ବିତ ପ୍ରକାଶ ପରିଡା, ଲାବରେଟୋରୀ ଟେକ୍ନିସିଆନ୍ ରୁଚିକା ଖୁରାନା, ନୀତିଶ କୁମାର ସାମଲ, ସାବିତ୍ରୀରାଣୀ ସେଜପଡ଼ା, ବିଶ୍ୱନାଥ ପଲେଇ ପ୍ରମୁଖ ଯୋଗଦେଇ ୩୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଶେଷରେ ଚନ୍ଦନ କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମହାମାୟା ସରକାରୀ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷଣ ସାମଗ୍ରୀ ବିକଶିତ କର୍ମଶାଳା

ଖୋର୍ଦ୍ଧା, ୨୯/୧ (ନି.ପ୍ର): ଗତ ଦୁଇ ଦିନଧରି ଆୟୋଜିତ ହୋଇଆସୁଥିଲା । ଏହି ଅତି ଉପଯୋଗୀ କର୍ମଶାଳାକୁ ଆଞ୍ଚଳିକ ସାଧନୀ କେନ୍ଦ୍ର ର ସଂଯୋଜିକା ଶ୍ରୀମତୀ ପୂର୍ଣ୍ଣଲକ୍ଷ୍ମୀ ମହାରଣାଙ୍କ ତତ୍ତ୍ୱାବଧାନରେ ସୁଚାରୁରୂପେ ପରିଚାଳନା କରାଯାଇଥିଲା । ମୁକ୍ତାପୁର ଆଞ୍ଚଳିକ ସାଧନୀ କେନ୍ଦ୍ର ଅଧୀନ ରେ ଥିବା ୮ଟି ବିଦ୍ୟାଳୟ ର ୩୦ ଜଣ ବରିଷ୍ଠ ତଥା ଦକ୍ଷ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉକ୍ତ କର୍ମଶାଳା ରେ ଯୋଗ ଦେଇ ଅଭିନବ ଉପାୟରେ ସ୍ୱଳ୍ପ ମୂଲ୍ୟ ଓ ଅପଚୟ ହେଉଥିବା ବସ୍ତୁରୁ ବିଷୟ ସଂପର୍କିତ ଶିକ୍ଷଣ ସାମଗ୍ରୀ ଗୁଡିକ ପ୍ରସ୍ତୁତ କରିଥିଲେ । ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ହୀରାମଣି ରାଉତଙ୍କ ଉକ୍ତ କର୍ମଶାଳାକୁ ପ୍ରସ୍ତୁତ କରିବା ସମୟରେ ପରିଦର୍ଶନ ,ସହାୟତା କରିବା ସହ ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ଉକ୍ତ କର୍ମଶାଳାରେ ଅନିତା ମହାପାତ୍ର, ନୃସିଂହମଣି ବେହେରା, ସୂର୍ଯ୍ୟକାନ୍ତୀ ଦାସ, ଆଲିଆ ଫିର୍ଦୋସ, ରଶ୍ମି ମିଶ୍ର , ଅଞ୍ଜଳି ବେହେରା, ରାଜେଶ୍ୱରି ସାହୁ, ବିଜୟ କୁମାର ସାହୁ,ସନ୍ଧ୍ୟାରାଣୀ ସାହୁ, ବିଭୂଜ୍ୟୋତି ପଟ୍ଟନାୟକ, ଚିଦାନନ୍ଦ କଅଁର, ନିରୁପମା ରାଉତରାୟ , ସୁନୀତା ମହାରଣା, ପ୍ରଣତି ବରାଳ, ଲକ୍ଷ୍ମୀପ୍ରିୟା ପ୍ରଧାନ, ପଦ୍ମନାଭ ସାହୁ,ମଧୁସ୍ମିତା ସେଠି, ଚନ୍ଦ୍ରକାନ୍ତ ସୁନ୍ଦରାୟ, ସ୍ନେହଲତା ସାହୁ,ସୁକାନ୍ତ ସେଠୀ,ରମେଶ ଚନ୍ଦ୍ର ସାହୁ , ନିରୁପମା ରାଉତରାୟ ,ଜୟନ୍ତୀ ନାହାକ ପ୍ରମୁଖ ଯୋଗ ଦାନ ଦେଇ ସେମାନଙ୍କର ଅଭିନବ ପ୍ରୟାସ ମାଧ୍ୟମରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

# ଜିଲ୍ଲାସ୍ତରୀୟ ପିଏମ୍ ଶ୍ରୀ ଉତ୍ସବ ୨୦୨୫-୨୬ ଉଦ୍‌ଘାଟିତ

ଭଦ୍ରକ , ୨୯/୧ (ନି.ପ୍ର): ଦ୍ୱିଦିବସ ବ୍ୟାପି ପିଏମ ଶ୍ରୀ ଜିଲ୍ଲାସ୍ତରୀୟ ଉତ୍ସବ ୨୦୨୫-୨୬ ପିଏମ୍ ଶ୍ରୀ ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମହା ସମାରୋହରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉତ୍ସବରେ ଭଦ୍ରକ ଜିଲ୍ଲାର ଏଗାରଟି ପିଏମ୍ ଶ୍ରୀ ବିଦ୍ୟାଳୟର ପାଞ୍ଚଶହରୁ ଅଧିକ ଛାତ୍ର/ଛାତ୍ରୀ, ସେମାନଙ୍କର ଗାଇଡ଼ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରି ନୂତନ ଶିକ୍ଷାନୀତି ଆଧାରରେ ଏକ ଆମୋଦ ଦାୟକ, ଉତ୍‌କର୍ଷତାପୂର୍ଣ୍ଣ ଶିକ୍ଷାଦାନର ଆଧାରରେ ଭିଜନ ୨୦୩୬ ଏବଂ ଭିଜନ ୨୦୪୭ ର ସାକାରତା ପ୍ରତିପାଦନ କରିଥିଲେ । ମୁଖ୍ୟ



ଅତିଥି, ଓଡ଼ିଶା ସରକାରଙ୍କର ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି, କ୍ରୀଡ଼ା ଯୁବବ୍ୟାପାର ମନ୍ତ୍ରୀ ମାନ୍ୟବର ଶ୍ରୀ ସୂର୍ଯ୍ୟବଂଶୀ ସୁରଜ, ନୂତନ ଶିକ୍ଷାନୀତିର ମୂଳ ଲକ୍ଷ ଉତ୍‌କର୍ଷତା ଓ ଆଗ୍ରହ ପୂର୍ଣ୍ଣ ଶିକ୍ଷା ମାଧ୍ୟମରେ ନିଜର ପରିଚୟ ପ୍ରତିପାଦନ ବିଷୟରେ ଛାତ୍ର/ଛାତ୍ରୀ ମାନଙ୍କୁ ବୁଝାଇଥିଲେ । ବରେଣ୍ୟ ଅତିଥି ମାନ୍ୟବର ଜିଲ୍ଲାପାଳ, ଭଦ୍ରକ ଦିଲୀପ କୁମାର ରାଉତରାୟ, ଶିକ୍ଷା ମାଧ୍ୟମରେ ପିଲାମାନେ ପ୍ୟାସନ୍ ସହିତ ପ୍ରଫେସନ ର ସଂଯୋଗ ଘଟାଇ ନିଜକୁ ସଫଳ ବ୍ୟକ୍ତିରେ ପରିଣତ ହୋଇପାରିବା କଥା ପିଲାମାନଙ୍କୁ କହିଥିଲେ । ଉତ୍ସବର ସଭାପତି, ଜିଲ୍ଲା ଶିକ୍ଷାଧିକାରୀ, ଭଦ୍ରକ ଡ. ଜଗବନ୍ଧୁ ସାହୁ ପିଏମଶ୍ରୀ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଭଦ୍ରକ ସରୋଜ କୁମାର ଦତ୍ତ, ଡି.ଏସ୍.ଡ଼ି. ଓ ଡି.ଇ.ଓ., ଅନିତା ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ତୃପ୍ତିମୟୀ ପାତ୍ର, ସୁକୀର୍ତ୍ତି କର, ପ୍ରଧାନ ଶିକ୍ଷକ, ନାରାୟଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ତଥା ଗୋଷ୍ଠି ଶିକ୍ଷାଧିକାରୀ, ବନ୍ତ, ଚକ୍ରଧର ମଲ୍ଲିକ, ଗୋଷ୍ଠି ଶିକ୍ଷାଧିକାରୀ, ଭଦ୍ରକ ଯୋଗଦାନ କରିଥିଲେ । ପିଏମ୍ ଶ୍ରୀ ବିନ୍ଦୁମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସମସ୍ତ କାର୍ଯ୍ୟର ସଂଯୋଜନା କରିଥିବା ବେଳେ ଏଗାରଟି ପିଏମ୍ ଶ୍ରୀ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ । ପିଏମ୍ ଶ୍ରୀ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ା ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ମନୋଜ କୁମାର ସାହୁ ସହଯୋଗ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲୋକସଭା ରବିବାର ପର୍ଯ୍ୟନ୍ତ ମୁଲତବୀ

ନୂଆଦିଲ୍ଲୀ,୨୯/୧ : ଆର୍ଥିକ ସର୍ଭେ ଉପସ୍ଥାପନ ହେବା ପରେ ଗୁରୁବାର ବଜେଟ ଅଧିବେଶନର ଦ୍ୱିତୀୟ ଦିନ ଫେବୃଆରୀ ୧ (ରବିବାର) ପର୍ଯ୍ୟନ୍ତ ଲୋକସଭାକୁ ମୁଲତବୀ ରଖାଯାଇଛି । ପ୍ରଶ୍ନକାଳ ପରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୃହର ମହଲାରେ ୨୦୨୫-୨୬ ଆର୍ଥିକ ସର୍ଭେ ଉପସ୍ଥାପନ କରିଥିଲେ । ଶୂନ୍ୟ କାଳ ଆରମ୍ଭ ହେବା ପରେ, ବାଚସ୍ପତି ରବିବାର ପର୍ଯ୍ୟନ୍ତ କାର୍ଯ୍ୟବାହିକୁ ମୁଲତବୀ ରଖିଛନ୍ତି । ସଂସଦ ଏବେ ଫେବୃଆରୀ ୧ ତାରିଖ ପୂର୍ବାହ୍ନ ୧୧ଟାରେ ପୁନଃ ଆରମ୍ଭ ହେବ । ପରମ୍ପରାକୁ ପାଳନ କରି, ସରକାର ରବିବାର ହୋଇଥିଲେ ମଧ ବଜେଟ ଉପସ୍ଥାପନ କରିବେ ।

# ବିରାଟ ଲୀଳାକ୍ଷେତ୍ରରେ ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ

ଉଦଳା , ୨୯/୧ (ନି.ପ୍ର): କପ୍ତିପଦା ବ୍ଲକ ଅନ୍ତର୍ଗତ ନୁଦଡ଼ିହା ପିଙ୍ଗୁଗ୍ରାମସ୍ଥିତ ବିରାଟ ଲୀଳାକ୍ଷେତ୍ରରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱିତୀୟ ପ୍ରତିଷ୍ଠା ଉତ୍ସବ ମହାଆଡ଼ମ୍ବର ସହକାରେ କାଳିତ ହୋଇଯାଇଛି । ଶ୍ରୀଜଗନ୍ନାଥମନ୍ଦିର ଟ୍ରଷ୍ଟର ସଭାପତି ସର୍ବେଶ୍ୱର ରାଉତ, ମୁଖ୍ୟ ଉପଦେଷ୍ଟା ସୁଧାଂଶୁ କୁମାର ଦାଶ, ସମସ୍ତ ଟ୍ରଷ୍ଟ ମେମ୍ବର ଓ ଗ୍ରାମବାସୀ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ । ମାଘମାସ ଶୁକ୍ଳପକ୍ଷ ପଂଚମୀ ତିଥି ଜାନୁଆରୀ ମାସ ୨୩ ତାରିଖ ସକାଳ ୯ ଘଟିକା ସମୟରେ ପଂଚଗବ୍ୟ ସେବନ, ଏଗାର ଘଟିକା ସମୟରେ ସେବାୟତ ଓ ଜଗନ୍ନାଥ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ରଥକାଠ ଅନୁକୂଳ, ସନ୍ଧ୍ୟା ୫ ଘଟିକା



ସମୟରେ ଅଙ୍କୁରାରୋପଣ ଓ ଅଧିବାସ କାର୍ଯ୍ୟ ସମାପନ ପରେ ସନ୍ଧ୍ୟା ୭ ଘଟିକା ସମୟରେ ୩୩୦ କଳସ ଯାତ୍ରୀଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ଏକ ଘଟିକା ସମୟରେ କଳସ ପୂଜନ ଓ ଅନୁଜ୍ଞା କାର୍ଯ୍ୟକ୍ରମ, ତିନି ଘଟିକା ସମୟରେ ଇନ୍ଦ୍ର-ଇନ୍ଦ୍ରାଣୀ ପୂଜନ ଓ ମନ୍ଦିରର ଆନନ୍ଦ ବଜାରରେ ଶ୍ରଦ୍ଧାଳୁ ମାନଙ୍କ ପ୍ରସାଦ ସେବନ କରିଥିଲେ । ସନ୍ଧ୍ୟା ୭ ଘଟିଂକା ସମୟରେ ସିଦ୍ଧାର୍ଥ ଟିଭିର ପ୍ରସିଦ୍ଧ ପ୍ରବଚକ ଶିବ ପ୍ରସାଦ ଦାଶ ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ମହାତ୍ମ୍ୟ ସଂପର୍କରେ ପ୍ରବଚନ ଦେଇଥିଲେ । ତା.୨୫/୦୧/୨୦୨୬ରିଖ ରବିବାର ସକପାଳ ୭ ଘଟିକା ସମୟରେ ସୂର୍ଯ୍ୟପୂଜା, ଆଠ ଘଟିକା ସମୟରେ ଗୋପୂଜନ ଓ ସଂକଳ୍ପ, ଦଶ ଘଟିକା ସମୟରେ ଯଜ୍ଞକର୍ମର ଆରମ୍ଭ ହୋଇଥିଲା । ଅପରାହ୍ନ ଏକ ଘଟିକା ସମୟରେ ନବନିର୍ମିତ ମା ବିମଳା ମନ୍ଦିର ଓ ଦକ୍ଷିଣ ଦ୍ୱାରା ରନ୍‌ମୁଦ କରାଯାଇଥିଲା । ଏଥିନିମନ୍ତେ ଶହ ଶହ ଜଗନ୍ନାଥ ଶ୍ରଦ୍ଧାଳୁ ଧନ, ଧାନ୍ୟ, ସୁନା, ରୂପା, ମତି, ମାଣିକ ସମର୍ପଣ କରିଥିଲେ । ଅପରାହ୍ନ ୫ ଘଟିକା ସମୟରେ ଯଜ୍ଞକର୍ମର ପୂର୍ଣ୍ଣାହୁତି କରାଯାଇଥିଲ । ପଂଚକୁଣ୍ଡୀୟ ଯଜ୍ଞ କର୍ମରେ ମୁଖ୍ୟ ପୁରୋହିତ କିଶୋର ସୁବେଦୀ ୯ଜଣ ଶାସ୍ତ୍ରଜ୍ଞ ବ୍ରାହ୍ମଣଙ୍କୁ ନେଇ ଯଜ୍ଞ କର୍ମ ସଂପାଦନ କରିଥିଲେ । ସଂପାଦକ ନକୁଳଜେନା, ପତ୍ରିକା ମୁଖ୍ୟ ସଂପାଦକ ଭୋଳାନାଥ ସାହୁ, ସିଦ୍ଧେଶ୍ୱର, ଉପସଭାପତି ଭଗବାନ ବେହେରା, ବୃନ୍ଦାବନ ବେହେରା, ଗୋଲକ ବେହେରା, ରବିନାରାୟଣ ଓ ନ୍ୟ ସମସ୍ତେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ପ୍ରଜାପିତା ବ୍ରହ୍ମା କୁମାରୀ ପକ୍ଷରୁ ସାଧାରଣତନ୍ତ୍ର ଦିବସ

ବାସୁଦେବପୁର, ୨୯/୧ (ନି.ପ୍ର): ବାସୁଦେବପୁର ସହର ସ୍ଥିତ ପ୍ରଜାପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପରିସରରେ ଏକ ମଧୁର ପରିବେଶ ମଧ୍ୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ବି କେ ଗଦାଧର ଭାଇ, ପ୍ରତିମା ଭଉଣୀ , ମୁକୁନ୍ଦ ଭାଇ, ସୁରେନ୍ଦ୍ର ଭାଇ ଓ ଅନ୍ୟାନ୍ୟ ଭାଇ ଭଉଣୀ ଯୋଗ ଦେଇଥିଲେ । ଏହି ଉତ୍ସବରେ ସମ୍ବିଧାନ ପ୍ରତିଷ୍ଠା ଓ କାର୍ଯ୍ୟକାରୀ ହେବା ବିଷୟରେ ଅତିଥି ବନ୍ଧୁ ବକ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଦେଶ ପ୍ରେମ ଓ ଜାତୀୟତା ବୋଧ ସମ୍ପର୍କରେ ମଧ ଆଲେଚନା ହୋଇଥିଲା । ସମ୍ବିଧାନର ପ୍ରତିଷ୍ଠାତା ଡକ୍ଟର ବି,ଆର, ଆମ୍ବେଦକର,



ଜାତିର ଜନକ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଅନେକ ମହା ମାନବ ଙ୍କ ବିଷୟରେ ମଧ ଆଲୋଚନା କରାଯାଇଥିଲା । ଯେଉଁ ମାନେ ଦେଶର ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଥିଲେ ଏବଂ ସ୍ୱାଧିନତା ସଂଗ୍ରାମରେ ସଂଘର୍ଷ କରିଥିଲେ ସେମାନେ ଭାରତ ବର୍ଷରେ ଓ ବିଶ୍ୱ ଇତିହାସ ରେ ଅମର ହୋଇ ରହିବେ ବୋଲି ଏହି ଉତ୍ସବରେ ଭାଇ ଭଉଣୀ ମତ ପ୍ରକାଶ କରିଥିଲେ । ଏହି ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରା ଯାଇଥିଲା ଓ ସମସ୍ତେ ଜାତୀୟ ସଙ୍ଗୀତ ଗାନ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida